ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୧୭୪
୧ ଡିସେମ୍ବର, ୨୦୨୫ ସୋମବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

8 Pages
Price ₹ 5.00
Vol. 20, Issue No. : 174
1st December, 2025 Monday
Bhubaneswar

ODISHA EXPRESS SIGHTS TRUTH WRITES TRUTH ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2006/23033 Postal Regd. No. : BN/169/13-15 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ନକ୍ଷେତ୍ରଭୂଷଣଂ ଚନ୍ଦ୍ରୋ ନାରୀଣାଂ ଭୂଷଣଂ ପତିଃ ।**
**ପୃଥିବୀଭୂଷଣଂ ରାଜା ବିଦ୍ୟା ସର୍ବସ୍ୟ ଭୂଷଣମ୍ ।।**

ଚନ୍ଦ୍ର ନକ୍ଷତ୍ରମାନଙ୍କର, ପତି ନାରୀମାନଙ୍କର ଓ ରାଜା ପୃଥିବୀବାସୀଙ୍କର ଭୂଷଣ ରୂପେ ସମ୍ମାନିତ ହୁଅନ୍ତି । କିନ୍ତୁ ବିଦ୍ୟା ସମସ୍ତଙ୍କର ଭୂଷଣ ରୂପେ ସବୁଠି ସମସ୍ତଙ୍କ ଦ୍ୱାରା ଆଦୃତ ହୁଏ ।

ଉପାଦେୟ

## ... ବାଜିଗଲେ ଦୋଷ ନାହିଁ
## ଜୀବନର ଶେଷ ସତ୍ୟ

## ଦକ୍ଷିଣ ଆଫ୍ରିକା ବିପକ୍ଷରେ କୋହଲିଙ୍କ ଦମ୍ଦାର ଶତକ

# ୧୭ ରନ୍‌ରେ ଟିମ୍ ଇଣ୍ଡିଆ ବିଜୟୀ

**ରାଞ୍ଚି,୩୦।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଞ୍ଚିରେ ରୋମାଞ୍ଚକର ମ୍ୟାଚ୍। କେତେ ବେଳେ ଭାରତର ପଲା ଭରି ରହିଲା ତ କେତେବେଳେ ଦକ୍ଷିଣ ଆଫ୍ରିକାର। ତେବେ ଶେଷରେ ଭାରତ ୧୭ ରନ୍‌ରେ ବିଜୟୀ ହେଲା। ଦୁଇଟି ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ହାରିବା ପରେ ଦିନିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ବିଜୟୀ ହୋଇଛି ଭାରତ। ଭାରତ ୮ ଓ୍ୱିକେଟ୍ ହରାଇ ୩୪୯ ରନ୍ କରିଥିବା ବେଳେ ୪୯.୨ ଓଭରରେ ୩୩୨ ରନ୍‌ରେ ଅଲ୍ ଆଉଟ୍ ହୋଇଯାଇଥିଲା ଦକ୍ଷିଣ ଆଫ୍ରିକା।

ଦକ୍ଷିଣ ଆଫ୍ରିକା ଆଗରେ ୩୫୦ ରନ୍‌ର ବିଜୟ ଲକ୍ଷ୍ୟ ରହିଥିଲା। ଏହାର ପିଛା କରିବାକୁ ପଡିଆକୁ ଓହ୍ଲାଇଥିବା ଭ୍ରମଣକାରୀ ଦଳକୁ ଲାଗିଥିଲା ପ୍ରାରମ୍ଭିକ ଝଟକା। ଦ୍ୱିତୀୟ ଓଭରରେ ଝଡି ଯାଇଥିଲା ଦୁଇଟି ଓ୍ୱିକେଟ୍। ଆଉଟ୍ ହୋଇଥିଲେ ରିୟାନ ରିକେଲଟନ ଓ ୩ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା କ୍ୱିଣ୍ଟନ ଡି'କକ। ଉଭୟ ଖାତା ଖୋଲିପାରି ନଥିଲେ। ଉଭୟଙ୍କ ଓ୍ୱିକେଟ୍ ନେଇଥିଲେ ହର୍ଷିତ ରାଣା। ରିୟାନ ରିକେଲଟନ ବୋଲ୍ଡ ହୋଇଥିବା ବେଳେ ଡି'କକ କ୍ୟାଚ୍ ଆଉଟ୍ ହୋଇଥିଲେ।

୪.୪ ଓଭରରେ ଦକ୍ଷିଣ ଆଫ୍ରିକାକୁ ଲାଗିଥିଲା ତୃତୀୟ ଝଟକା। ଆଉଟ୍ ହୋଇଥିଲେ ଓପନର ତଥା ଅଧିନାୟକ ଏଡେନ ମାର୍କରମ। ସେ ୧୫ଟି ବଲ୍‌ରୁ ୭ ରନ୍ କରି ଅର୍ଶଦୀପ ସିଂହଙ୍କ ବଲ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ।

କିନ୍ତୁ ତା'ପରେ ସ୍ଥିତିକୁ ସମ୍ଭାଳି ନେଇଥିଲେ ମାଥ୍ୟୁ ବ୍ରେଟଜକେ ଓ ଟୋନୀ ଡି ଜୋର୍ଜୀ। ୧୦ ଓଭର ଧରି ଏମାନଙ୍କ ମଧ୍ୟରେ ଭାଗିଦାରୀ ହୋଇଥିଲା। ୧୪.୬ ଓଭରରେ ଜୋର୍ଜୀ ଆଉଟ୍ ହେବା ପରେ ଏହି ପାର୍ଟନରଶିପ ଭାଙ୍ଗିଥିଲା। ସେ ୩୫ଟି ବଲରେ ୭ଟି ଚୌକା ସହାୟତାରେ ୩୯ ରନ୍ କରିଥିଲେ। କୁଳଦୀପ ଯାଦବଙ୍କ ବଲରେ ସେ ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ।

ସେ ଆଉଟ୍ ହେବା ପରେ ଆସିଥିଲେ ଡେୱାଲ୍ଡ ବ୍ରେବିସ। ମାଥ୍ୟୁ ବ୍ରେଟଜକେ ଓ ତାଙ୍କର ଯୋଡି ମଧ୍ୟ ବେଶ୍ ଜମି ଥିଲା। ୨୧.୪ ଓଭରରେ ଆଉଟ୍ ହୋଇଥିଲେ ବ୍ରେବିସ। ତାଙ୍କ ଓ୍ୱିକେଟ ନେଇଥିଲେ ହର୍ଷିତ ରାଣା। ସେ ୨୮ଟି ବଲରୁ ୨ଟି ଚୌକା ଓ ୩ଟି ଛକା ସହାୟତାରେ ୩୭ ରନ୍ କରିଥିଲେ। ସେ ଆଉଟ୍ ହୋଇ ପ୍ୟାଭିଲିୟନକୁ ଗଲା ବେଳକୁ ଦଳ ୫



ଓ୍ୱିକେଟ୍ ହରାଇ ୧୩୦ ରନ୍ କରିଥିଲା।

ଏହା ପରେ ଆସିଥିଲେ ମାର୍କୋ ଜାନସେନ। ମାଥ୍ୟୁ ଓ ତାଙ୍କର ଯୋଡି ଟିମ୍‌କୁ ଦେଇଥିଲା ନୂଆ ଆଶା। ୧୨ ଓଭର ଧରି ସେମାନଙ୍କୁ ଆଉଟ୍ କରି ପାରି ନଥିଲେ ଟିମ୍ ଇଣ୍ଡିଆର ବୋଲର। ସେମାନଙ୍କ ମଧ୍ୟରେ ୯୦ରୁ ଅଧିକ ରନର ଭାଗିଦାରୀ ହୋଇଥିଲା। ଲାଗୁଥିଲା ଏ ଦୁହେଁ ମିଶି ଭାରତ ପାଖରୁ ମ୍ୟାଚ୍ ଛଡାଇ ନେବେ। ମାର୍କୋ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଦୁଇ ବସ ମୁହାଁମୁହିଁ ଧକ୍କା: ୧୧ ମୃତ୍ୟୁ



**ଶିବଗଙ୍ଗା (ତାମିଲନାଡୁ),୩୦।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ତାମିଲନାଡୁର ଶିବଗଙ୍ଗା ଜିଲ୍ଲାରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ରବିବାର ଦୁଇଟି ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୧୧ ଜଣ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରାୟ ୪୦ ଜଣ ଲୋକ ଆହତ ହୋଇଛନ୍ତି। ପୁଲିସ ସୂଚନା ଅନୁସାରେ ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ତିରୁପ୍ପତ୍ତୁର ନିକଟସ୍ଥ କୁମ୍ମାନଗୁଡି ରୋଡ୍‌ରେ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ପିଲା ମଧ୍ୟ ଅଛି। ଗୋଟିଏ ବସ୍ ତିରୁପ୍ପୁରରୁ କରାଇକୁଡି ଯାଉଥିଲା ବେଳେ ଅନ୍ୟ ବସ୍‌ଟି କରାଇକୁଡିରୁ ଦିନ୍ଦିଗୁଲ ଆଡ଼କୁ ଯାଉଥିଲା।

ଶିବଗଙ୍ଗା ଜିଲ୍ଲାର ପୁଲିସ ଅଧିକାରୀ ଶିବ ପ୍ରସାଦ ଦୁର୍ଘଟଣା ବିଷୟରେ ସ୍ପଷ୍ଟ କରି କହିଛନ୍ତି, ବସ ଦୁଇଟି ଧକ୍କା ହେବାର ଖବର ଜାଣିବା ପରେ ତୁରନ୍ତ ଘଟଣା ସ୍ଥଳରେ ଉଦ୍ଧାର ଓ ସୁରକ୍ଷା କାର୍ଯ୍ୟ ଆରମ୍ଭ କରିଦିଆ ଯାଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ, ଧକ୍କା ଏତେ ଜୋରଦାର ଥିଲା ଯେ ଘଟଣାସ୍ଥଳରେ ଚିତ୍କାର ଶୁଣିବାକୁ ମିଳିଥିଲା ଏବଂ ପୁଲିସକର୍ମୀ ତଥା ସ୍ଥାନୀୟ ଲୋକେ ଆହତଙ୍କୁ ବଞ୍ଚାଇବା ପାଇଁ ଦୁର୍ଘଟଣା ସ୍ଥଳକୁ ଦୌଡ଼ିଥିଲେ।

ଧକ୍କା ହେବା କାରଣରୁ ଗାଡ଼ି ଦୁଇଟିର ସମ୍ମୁଖ ଭାଗ ସଂପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଯାଇଛି। ଉକ୍ତ ଦୁର୍ଘଟଣାରେ ଘଟଣାସ୍ଥଳରେ ହିଁ ଅନେକ ଯାତ୍ରୀଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣାର ସୂଚନା ପାଇବା କ୍ଷଣି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଆହତଙ୍କୁ ଶିବଗଙ୍ଗା ଜିଲ୍ଲା ହସ୍ପିଟାଲରେ ପହଞ୍ଚାଇ ଥିଲା।

ଅନ୍ୟପଟେ ଏହି ଦୁର୍ଘଟଣା ପରେ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ଏହି ଦୁର୍ଘଟଣାରେ ଗଭୀର ଶୋକବ୍ୟକ୍ତ କରିଛନ୍ତି ଏବଂ ସମସ୍ତ ଆହତଙ୍କୁ ତୁରନ୍ତ ଉତ୍ତମ ଚିକିତ୍ସା ଯୋଗାଇ ଦେବା ସହ ମୃତକଙ୍କ ପରିବାରକୁ ଯଥା ସମ୍ଭବ ସହାୟତା ପ୍ରଦାନ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ୧୧ ଯାଏଁ ଚାଲିବ ଏସ୍‌ଆଇଆର୍

**ନୂଆଦିଲ୍ଲୀ,୩୦।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ନିର୍ବାଚନ କମିଶନ ୧୨ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଜାରି ରହିଥିବା ସ୍ୱତନ୍ତ୍ର ବ୍ୟାପକ ସଂଶୋଧନ ବା ଏସଆଇଆର ଲାଗି ସମୟ ସୀମା ବୃଦ୍ଧି କରିଛନ୍ତି। ଆଉ ୭ ଦିନ ଏସଆଇଆର ପ୍ରକ୍ରିୟା ଲାଗି ସମୟ ବଢ଼ିଛି। ଅନ୍ତିମ ମତଦାତାଙ୍କ ସୂଚୀ ଫେବୃଆରୀ ୧୪, ୨୦୨୬ରେ ପ୍ରକାଶ ପାଇବ। ଏବେ ଭୋଟର ତାଲିକାରେ ସଂଶୋଧନ ଡିସେମ୍ବର ୧୧ ଯାଏଁ ଚାଲିବ। ପୂର୍ବରୁ ଡିସେମ୍ବର ୪ ଯାଏଁ ସମୟ ଥିଲା। ସେହିଭଳି ଡ୍ରାଫ୍ଟ ଲିଷ୍ଟ ଡିସେମ୍ବର ୯ରେ ଜାରି ହେବାର ଥିଲା, ଏବେ ଏହି ତାଲିକା ଡିସେମ୍ବର ୧୬ରେ ଜାରି ହେବ।



ବିହାର ପରେ, ଅକ୍ଟୋବର ୨୮ରେ ୧୨ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଏସଆଇଆର ଆରମ୍ଭ ହୋଇଥିଲା। ଏହି ପ୍ରକ୍ରିୟା ଭୋଟର ତାଲିକାକୁ ଅପଡେଟ୍ କରିବ। ନୂତନ ଭୋଟରଙ୍କ ନାମ ଯୋଡାଯିବ ଏବଂ ଭୋଟର ତାଲିକାରେ ଦେଖାଯାଇଥିବା ତ୍ରୁଟି ସଂଶୋଧନ କରାଯିବ। ଶନିବାର ଦିନ ଏକ ପ୍ରେସ୍ ବିଜ୍ଞପ୍ତିରେ ନିର୍ବାଚନ କମିଶନ କହିଛନ୍ତି ଯେ, ୫୧ କୋଟି ଭୋଟରଙ୍କ ପାଇଁ ତିଆରି ହୋଇଥିବା ଫର୍ମର ୯୯.୫୩% ବଣ୍ଟନ କରାଯାଇଛି। ଏହି ଫର୍ମଗୁଡ଼ିକର ପ୍ରାୟ ୭୯% ଡିଜିଟାଇଜେସନ୍ ମଧ୍ୟ ସମାପ୍ତ ହୋଇଛି। ଏହାର ଅର୍ଥ ହେଉଛି, ପ୍ରତ୍ୟେକ ଘରୁ ବିଏଲଓଙ୍କ ଦ୍ୱାରା ସଂଗୃହୀତ ଫର୍ମରେ ରେକର୍ଡ ହୋଇଥିବା ନାମ, ଠିକଣା ଏବଂ ଅନ୍ୟାନ୍ୟ ବିବରଣୀ ଅନଲାଇନ୍ ସିଷ୍ଟମରେ ପ୍ରବେଶ କରାଯାଇଛି।

ବିରୋଧୀ ଦଳ ଏସଆଇଆର ପ୍ରକ୍ରିୟାକୁ ଲଗାତାର ଟାର୍ଗେଟ କରିଆସୁଛନ୍ତି। ଏସଆଇଆର ସମୟରେ କାର୍ଯ୍ୟ ଚାପ ଯୋଗୁଁ ବିଏଲଓଙ୍କ ମୃତ୍ୟୁକୁ କଂଗ୍ରେସ ହତ୍ୟା ବୋଲି ବର୍ଣ୍ଣନା କରିଛି। କଂଗ୍ରେସ ମୁଖପାତ୍ର ସୁପ୍ରିୟା ଶ୍ରୀନେତ କହିଛନ୍ତି ଯେ, ୨୦ ଦିନରେ ୨୬ ଜଣ ବିଏଲଓଙ୍କ ମୃତ୍ୟୁ ସ୍ପଷ୍ଟ ଦିବାଲୋକରେ ହତ୍ୟା ସହିତ ସମାନ। ଗୋଣ୍ଡାର ବିଏଲଓ ବିପିନ ଯାଦବଙ୍କ ବିଷୟରେ ଉଲ୍ଲେଖ କରି ସୁପ୍ରିୟା କହିଛନ୍ତି ଯେ, ତାଙ୍କ ପରିବାର ଅଭିଯୋଗ କରିଛନ୍ତି ଯେ, *(ଶେଷ ପୃଷ୍ଠା ଦେଖନ୍ତୁ)*

## ଅଙ୍ଗନଓ୍ୱାଡିରେ ଲାଗିବ ତେଲ ବୋର୍ଡ

**ଭୁବନେଶ୍ୱର,୩୦।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ସରକାରଙ୍କୁ ଜଙ୍କ୍ ଫୁଡ୍ ଚିନ୍ତା। ତେଲ ବୋର୍ଡ ଲଗାଇବେ ସରକାର। କେଉଁ ଖାଦ୍ୟରେ ଅଛି କେତେ ତେଲ, ତାକୁ ଖାଇଲେ କ'ଣ ହେବ, ସେ ନେଇ ତେଲ ବୋର୍ଡ ଜରିଆରେ ସଚେତନ କରାଯିବ। ଏନେଇ ସବୁ ଜିଲ୍ଲାପାଳଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଚିଠି କରାଯାଇଛି।




ତେବେ ସମସ୍ତ ଅଙ୍ଗନଓ୍ୱାଡି ସେଣ୍ଟର, ଶିଶୁ ଯତ୍ନ କେନ୍ଦ୍ର, ଓ୍ୱାନ ଷ୍ଟପ ସେଣ୍ଟର, ଶକ୍ତି ସଦନ, ଶକ୍ତି ନିବାସ ସହ ଘରୋଇ ପ୍ରତିଷ୍ଠାନରେ ଲାଗିବ ତେଲ ବୋର୍ଡ। ଯେଉଁଥିରେ ରହିବ କେଉଁ ଖାଦ୍ୟରେ କେତେ ପରିମାଣର ତେଲ ରହିଛି। ଯେମିତି କି ସିଙ୍ଗଡା, ପକୋଡ଼ି, ଆଳୁଚପ, ଛଣା ସେଉ, ମୁଢ଼ୁକିରେ କେତେ ପରିମାଣର ତେଲ ରହିଛି। ଯାହାକୁ ଖାଇଲେ ହୃଦ ରୋଗ, ମୋଟାପଣ, ଯକୃତ ରୋଗ ସହ ଉଚ୍ଚ ରକ୍ତ ଚାପ ହେବାର ସମ୍ଭାବନା ରହିଛି। ଉଭୟ ଓଡ଼ିଆ ଏବଂ ଇଂରାଜୀରେ ଏହି ତେଲ ବୋର୍ଡ ଲାଗିବ।

# ୩୭ ନକ୍ସଲଙ୍କ ଆତ୍ମସମର୍ପଣ

**ଦାନ୍ତେୱାଡା,୩୦।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଛତିଶଗଡର ଦାନ୍ତେୱାଡାରେ ରବିବାର ୩୭ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୧୨ ଜଣ ମହିଳା ଅଛନ୍ତି। ସେହିପରି ଆତ୍ମସମର୍ପଣ କରିଥିବା ନକ୍ସଲଙ୍କ ମଧ୍ୟରୁ ୨୭ ଜଣଙ୍କ ନାଁରେ ମିଳିତ ଭାବେ ୬୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ଇଚ୍ଛା ଜାହିର କରି ଏହି ନକ୍ସଲମାନେ ଦନ୍ତେୱାଡାର ବରିଷ୍ଠ ପୁଲିସ ଅଧିକାରୀ ଓ ସିଆରପିଏଫ ଅଧିକାରୀଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି।



ଆତ୍ମସମର୍ପଣ କରିଥିବା ଏହି ନକ୍ସଲଙ୍କ ମଧ୍ୟରେ ଅଛନ୍ତି କୁମାଲି ଓରଫ ଅନୀତା ମାଣ୍ଡବୀ, ଗୀତା ଓରଫ ଲକ୍ଷ୍ମୀ ମାଡକାମ, ରଞ୍ଜନ ଓରଫ ସୋମା ମାଣ୍ଡବୀ ଓ ଭୀମ ଓରଫ ଜାହାଜ କଲମୁ। ଏହି ଚାରି ଜଣଙ୍କ ନାଁରେ ୮ ଲକ୍ଷ ଲେଖାଏ ପୁରସ୍କାର ଘୋଷଣା କରାଯାଇଥିଲା। ଛତିଶଗଡ ସରକାରଙ୍କ ବ୍ୟବସ୍ଥା ଅନୁଯାୟୀ ଏହି ନକ୍ସଲମାନଙ୍କୁ ତତ୍କ୍ଷଣତା ୫୦ ହଜାର ଟଙ୍କା ଲେଖାଏ ସହାୟତା ଯୋଗାଇ ଦିଆଯିବ। ତା'ସହିତ ସେମାନଙ୍କ ଦକ୍ଷତା ବିକାଶ ନିମନ୍ତେ ପ୍ରଶିକ୍ଷଣ ଦିଆଯିବା ସହିତ ଚାଷ ଜମି ଆଦି ଯୋଗାଇ ଦିଆଯିବ।

ଦନ୍ତେୱାଡା ଏସ୍‌ପି ଗୌରବ ରାଏ କହିଛନ୍ତି, ଗତ ୨୦ ମାସରେ ଦନ୍ତେୱାଡାରେ ୫୦୮ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୧୬୫ ଜଣଙ୍କ ମୁଣ୍ଡରେ ପୁରସ୍କାର ରାଶି ରହିଥିଲା। ସୁରକ୍ଷା ଅଧିକାରୀମାନଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ୨୩ ମାସରେ ଛତିଶଗଡରେ ୨୨୦୦ରୁ ଅଧିକ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ଅନେକ ଟପ୍ ନକ୍ସଲ ନେତା ରହିଛନ୍ତି। ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶକୁ ନକ୍ସଲ ମୁକ୍ତ କରିବାକୁ କେନ୍ଦ୍ର ସରକାର ପଣ କରିଥିବା *(ଶେଷ ପୃଷ୍ଠା ଦେଖନ୍ତୁ)*

## ଡାକ୍ତର ପରିଚୟ ଦେଇ ବାହା ହେବା ମହଙ୍ଗା ପଡ଼ିଲା

# ବାପା-ମାଆ-ପୁଅକୁ ୭ବର୍ଷ ଜେଲ୍

**ଭୁବନେଶ୍ୱର,୩୦।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ମିଛ କହି ବାହା ହେବା ପଡ଼ିଲା ମହାଙ୍ଗା। ମିଛୁଆ ବାପା, ମାଆ, ପୁଅକୁ ୭ବର୍ଷ ଜେଲ୍। ପୁଅ ବ୍ୟବସାୟ କରୁଥିବା ବେଳେ ବାପାମାଆ କହିଥିଲେ ପୁଅ ଡାକ୍ତର। ରାଜ୍ୟ ବାହାରେ ଏକ ବିଶ୍ୱସ୍ତରୀୟ ହସ୍ପିଟାଲରେ ନିଯୁକ୍ତି ପାଇଛି। ଏମିତି ସଙ୍ଗୀନ ମିଛ କହି ବାପା-ମାଆ, ଭୁବନେଶ୍ୱର ଏମ୍ସରେ କାର୍ଯ୍ୟରତ ଜଣେ ମହିଳା ଡାକ୍ତରଙ୍କ ସହ ବେପାରୀ ପୁଅର ବାହାଘର କରାଇଦେଲେ। କିନ୍ତୁ ଖୁବ୍ କମ୍ ଦିନରେ ଡାକ୍ତର ପତ୍ନୀ ପାଇଲେ ମିଛୁଆ ସ୍ୱାମୀର ଅସଲ ପରିଚୟ।

ଏହାପରେ ତାଙ୍କ ଉପରେ ଆରମ୍ଭ ହୋଇଗଲା ଅକଥନୀୟ ଅତ୍ୟାଚାର। ମୁହଁ ବନ୍ଦ ରଖିବାକୁ ଚାପ ପକାଇ ମିଛୁଆ ପରିବାର ତାଙ୍କୁ ନାନାପ୍ରକାର ନିର୍ଯାତନା ଦେଲା। ଏମିତିକି ତାଙ୍କୁ ମାରିଦେବାକୁ ବି ଉଦ୍ୟମ କଲେ। ଛଳନା ଓ ପ୍ରତାରଣାର ଶିକାର ହୋଇଥିବା ମହିଳା ଡାକ୍ତର ମିଛୁଆ ପରିବାରକୁ ମୁହଁତୋଡ ଜବାବ ଦେବାକୁ ଅଣ୍ଟା ଭିଡି ପୋଲିସରେ ଅଭିଯୋଗ କଲେ। ଅଭିଯୋଗ ଆଧାରରେ ପୋଲିସ ଗିରଫ କରି ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିବା ବେଳେ ଆଜି ସେହି ମିଛୁଆ ପରିବାରର ବାପା, ମାଆ ଓ ପୁଅକୁ କୋର୍ଟ ଦୋଷୀ ସାବ୍ୟସ୍ତ କରି ୭ବର୍ଷ ଲେଖାଏଁ ଜେଲ୍‌ଦଣ୍ଡ ଶୁଣାଇଛନ୍ତି।

୨୦୧୯ ମସିହାର ଏହି ବହୁ ଚର୍ଚ୍ଚିତ କେସର ରାୟ ପ୍ରକାଶ ପାଇଛି। ଭୁବନେଶ୍ୱର ୩ୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଜଷ୍ଟିସ୍ ହିମାଂଶୁ ଶେଖର ମଲ୍ଲିକ ଅଭିଯୁକ୍ତମାନଙ୍କୁ ୭ବର୍ଷ ପାଇଁ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ସେମାନେ ହେଲେ ମିଛ ଡାକ୍ତର ଶୈଳେନ୍ଦୁ ବିଶ୍ୱାଳ ଓରଫ ସିଲୁ, ବାପା କୁଳମଣି ବିଶ୍ୱାଳ ଓ ମାଆ ଜ୍ୟୋତ୍ସ୍ନା ମହାପାତ୍ର। ମହିଳା ଡାକ୍ତରଙ୍କ ଅଭିଯୋଗ ଅନୁସାରେ ୨୦୧୯ ମେ ୭ ତାରିଖ ଦିନ ଶୈଳେନ୍ଦୁଙ୍କ ତାଙ୍କର ବିବାହ ହୋଇଥିଲା। କିନ୍ତୁ ନିର୍ଯାତନା ପାଉଥିବା ମହିଳା ଡାକ୍ତର ସୁଯୋଗ ଦେଖି ଶାଶୂଘରୁ ଲୁଚି ପଳାଇଆସିବା ପରେ ନିଜ ବାପାମାଆଙ୍କୁ ନେଇ ମହିଳା ଥାନାର ଦ୍ୱାରସ୍ଥ ହୋଇଥିଲେ। ୨୦୨୦ ଜାନୁଆରି ୧୧ ତାରିଖରେ ମହିଳା ଥାନା ପୁଲିସ ମାମଲା ରୁଜୁ କରିଥିଲା। ଏହି ମାମଲାରେ ୮ଜଣ ସାକ୍ଷୀଙ୍କସାକ୍ଷ୍ୟ ଓ ୧୩ଟି ଦସ୍ତାବିଜ ଆଧାରରେ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଯୋଗ୍ୟ ଭୂମିହୀନଙ୍କୁ ଘର ମିଳିବ

**ଭୁବନେଶ୍ୱର,୩୦।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭୂମିହୀନଙ୍କୁ ଘର ଯୋଗାଇବାରେ ବିଳମ୍ବକୁ ନେଇ ସରକାର ଚିନ୍ତା ପ୍ରକଟ କରିଛନ୍ତି। ତେଣୁ ତୁରନ୍ତ ଯୋଗ୍ୟ ଭୂମିହୀନଙ୍କୁ ଘର ବଣ୍ଟନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ପଞ୍ଚାୟତିରାଜ ବିଭାଗ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛି। ଭୂମିହୀନ ସମସ୍ୟାର ସମାଧାନ ପାଇଁ ପ୍ରତି ମାସର ପ୍ରଥମ ଶନିବାର ବିଡିଓ ଏବଂ ସମ୍ପୃକ୍ତ ତହସିଲଦାରଙ୍କ ସହିତ ଏକ ମିଳିତ ବୈଠକ କରାଯିବ। ଏପର୍ଯ୍ୟନ୍ତ ପିଏମଏୱାଇ-ଜି ଅନ୍ତର୍ଗତ ୮୭୧ ଭୂମିହୀନଙ୍କୁ ପକ୍କା ଘର ମିଳିନାହିଁ।



ସେହିପରି ପିଏମ୍- ଜନମନରେ ୫୦ଜଣ ହିତାଧିକାରୀଙ୍କୁ ଘର ଯୋଗାଇ ଦିଆଯାଇ ନାହିଁ। ପିଏମଏୱାଇ-ଜି'ରେ ସର୍ବାଧିକ କେନ୍ଦ୍ରାପଡାର ୨୭୧ ଏବଂ ଗଞ୍ଜାମରେ ୧୭୧ ଭୂମିହୀନଙ୍କୁ ଘର ମିଳିନାହିଁ। ରାଜ୍ୟରେ ୩୭ ଲକ୍ଷ ୮୯ ହଜାର ୨୩୪ ପରିବାର କଚ୍ଚା ଘରେ ରହୁଛନ୍ତି । ଏବେ ୨ ଲକ୍ଷ ୧ ହଜାର ୧୧ ପରିବାର ଭୂମିହୀନ ଥିବା ପଞ୍ଚାୟତିରାଜ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଗାଁ ଗାଁରେ ଅପରେସନ ଲୋଟସ: ବିଜେଡି ସ୍ଥିତି ଦୁର୍ବଳ

**ଭୁବନେଶ୍ୱର,୩୦।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକରେ ଜଣଙ୍କ ପରେ ଜଣେ ବ୍ଲକ ଅଧକ୍ଷା ବିଜେଡି ଛାଡ଼ିବା ବିଜେଡି ପାଇଁ ସ୍ଥିତି ଜଟିଳ କରିଛି। ସେପଟେ ଏମାନଙ୍କୁ ସ୍ୱାଗତ କରିବା ଲାଗି ବିଜେପି ଦ୍ୱାର ଖୋଲି ରହିଛି। ଲାଗୁଛି ପଞ୍ଚାୟତ ନିର୍ବାଚନ ପାଇଁ ବିଜେପି ତାର ଅପରେସନ ଲୋଟସ ଜୋରଦାର କରିବାରେ ଲାଗିଛି। ସେହି ଅନୁସାରେ ବିଜେଡିର ମଧ ସ୍ଥିତି ଦୁର୍ବଳ ହେଉଛି। ଯାହାକି ଶଙ୍ଖ ପାଇଁ ସତର୍କ ଘଣ୍ଟି ହୋଇଛି। କାରଣ ଏହି ଧାରା ଯଦ ଅନ୍ୟ ଜିଲ୍ଲାକୁ ଡେଇଁବ ହୁଏତ ବିଜେଡି ପାଇଁ ଆହୁରି ବଡ଼ ଚ୍ୟାଲେଞ୍ଜ ସୃଷ୍ଟି ହୋଇପାରେ।

ପଂଚାୟତ ଓ ପୌର ନିର୍ବାଚନ ପୂର୍ବରୁ ଦଳକୁ ସଂଗଠିତ କରିବା ଲାଗି ବିଜେପି ଚଳାଇଛି ବିଗ୍ ଅପରେସନ। ଗାଁ ଗାଁରେ ଅପରେସନ ଲୋଟସ ଆରମ୍ଭ କରିଛି ବିଜେପି। ଯାଜପୁର, ଅନୁଗୁଳ ପରେ ଏବେ ଭଦ୍ରକରେ ଫୁଟିବାକୁ ଯାଉଛି ପଦ୍ମ। ଗୋଟିଏ ଦିନରେ ୩ ଜଣ ବିଜେଡ଼ି ସମର୍ଥିତ ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଜୁ ଜନତା ଦଳରୁ ଇସ୍ତଫା ଦେବା ପରେ ଭଦ୍ରକ ବିଜେଡିରେ ସୃଷ୍ଟି ହୋଇଛି କମ୍ପନ। ବନ୍ତ ବ୍ଲକ ଅଧକ୍ଷ ମନୋରଞ୍ଜନ ଘଡ଼େଇଙ୍କ ଇସ୍ତଫା ପରେ ତାଙ୍କୁ ବିଜେଡି ନିଲମ୍ବନ କରିଛି।



ପରେ ପରେ ଭଦ୍ରକ ବ୍ଲକ ଅଧକ୍ଷା ଉର୍ମିଳା ନାୟକ ଓ ଭଣ୍ଡାରିପୋଖରୀ ବ୍ଲକ ଅଧକ୍ଷା ସୁମତି ସେଠୀ ମଧ ଇସ୍ତଫା ପତ୍ର ଜିଲ୍ଲା ସଭାପତିଙ୍କୁ ପଠାଇଛନ୍ତି। ଏମାନେ ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଉଥିବା କହିଥିବା ବେଳେ କେଉଁ ଦଳକୁ ଯିବେ ସେ ନେଇ ନୀରବ ଅଛନ୍ତି ହେଲେ ସେପଟେ ଏମାନଙ୍କୁ ନେଇ ବିଜେପି ପଞ୍ଚାୟତ କ୍ଷେତ୍ର ପ୍ରସ୍ତୁତ କରୁଥିବା ଚର୍ଚ୍ଚା ଜୋର ଧରିଲାଣି। ପଦ୍ମ ଧରି ପାରନ୍ତି ବିଜେଡି ଛାଡିଥିବା ଭଦ୍ରକର ୩ ବ୍ଲକ ଅଧକ୍ଷ। ସମ୍ଭବତ ଆସନ୍ତା ୭ ତାରିଖରେ ଏହି ମିଶ୍ରଣ ପର୍ବ ହୋଇପାରେ।

ବିଜେପି ରାଜ୍ୟ ସଭାପତି ଇସାରା ଦେଇ କହିଛନ୍ତି ଭଦ୍ରକ, ଭଣ୍ଡାରୀପୋଖରୀ ବ୍ଲକ ଅଧକ୍ଷା ଏବଂ ବନ୍ତ ବ୍ଲକ ଅଧକ୍ଷ ବିଜେଡିରୁ ଇସ୍ତଫା ଦେବାପୂର୍ବରୁ ମୋ ସହ ଆଲୋଚନା କରିଥିଲେ। ସେ ଆହୁରି କହିଛନ୍ତି ବିଜେପି ହେଉଛି ସମୁଦ୍ର, ନଦୀ ଆସି ସମୁଦ୍ରରେ ମିଶିବେ। ଲୋକଙ୍କୁ ଯୋଡି ଯୋଡି ବିଜେପି ଆଜି ଏହି ସ୍ଥାନରେ ପହଁଚିଛି।

ବିଜେଡି କହିଛି ଯେଉଁମାନେ ଦଳ ଛାଡି ଯାଉଛନ୍ତି ସେମାନେ କ୍ଷମତା ଲୋଭି, କ୍ଷମତା ଯେଉଁଠି ସେମାନେ ସେଇଠି। କିନ୍ତୁ କଂଗ୍ରେସ ଉଭୟ ବିଜେଡି ଏବଂ ବିଜେପିକୁ କାଉଣ୍ଟର କରିଛି। ଉଭୟଙ୍କ ମଧ୍ୟରେ ଏକ ଅଘୋଷିତ ଚୁକ୍ତି ହୋଇଛି, ସେଥିପାଇଁ ତାଙ୍କ ନେତାଙ୍କ ମଧ୍ୟରେ ଏପାଖ ସେପାଖ ହେଉଛନ୍ତି କିନ୍ତୁ କଂଗ୍ରେସ ଏକ ମହାସମୁଦ୍ର, କଂଗ୍ରେସକୁ କୌଣସି ଫରକ ପଡ଼ିବ ନାହିଁ।

ବିଜେଡି ରାଜ୍ୟ ଉପସଭାପତି ପ୍ରତାପ ଜେନା ଏକ ପ୍ରେସ୍ ବିବୃତିରେ ସୂଚନା *(ଶେଷ ପୃଷ୍ଠା ଦେଖନ୍ତୁ)*

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧ ଡିସେମ୍ବର ୨୦୨୫ । ସୋମବାର




## ବାଇକ୍-ଟାଟା ଏସି ମୁହାଁମୁହିଁ ଧକ୍କା, ଜଣେ ମୃତ

**ମୋରଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ବାଇକ୍-ଟାଟା ଏସି ମୁହାଁମୁହିଁ ଧକ୍କା। ଯେଉଁଥିରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଆଉ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଗୁରୁତର ଯୁବକଙ୍କୁ ଉଦ୍ଧାର କରି ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି। ଗୁରୁତର ଥିବା ଯୁବକ ଜଣଙ୍କ ହେଲେ ମୋରଡ଼ା ଥାନା ପାରିଆକୁଲି ସରାଶୋଳ ଗାଁ ରତନ ଟୁଡୁ ବୋଲି ଜଣାପଡିଛି।

ଖବର ଅନୁଯାୟୀ, ବିଳମ୍ବିତ ରାତିରେ ଜସାୟ ମୁର୍ମୁ ଏକ ବାଇକ ଯୋଗ ଦୁଇ ଜଣ ସାଙ୍ଗ ସହିତ ମୋରଡ଼ା ଯାଉଥିଲେ। ଏହି ସମୟରେ ପେଟ୍ରୋଲ ପମ୍ପ ନିକଟରେ ଏକ ଟାଟା ଏସି ସହିତ ଧକ୍କା ହୋଇଥିଲା। ଯାହାଫଳରେ ଜସାୟ ଗୁରୁତର ହୋଇଥିଲେ। ଜସାୟଙ୍କୁ ଆମ୍ବୁଲାନ୍ସ ଯୋଗେ ବାରମାଇଲ ସ୍ଥିତ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ହୋଇଥିବା ବେଳେ ପ୍ରାଥମିକ ଚିକିତ୍ସା ପରେ ପଣ୍ଡିତ ରଘୁନାଥ ମୁର୍ମୁ ଓ ମେଡିକାଲ କଲେଜକୁ ପଠାଯାଇଛି। ବାରିପଦାରେ ଚିକିତ୍ସାଧୀନ ଅବସ୍ଥାରେ ଜସାୟଙ୍କ ମୃତ୍ୟୁ ଘଟିଥିଲା। ବାକି ଅନ୍ୟ ଜଣଙ୍କୁ ଗୁରୁତର ଅବସ୍ଥାରେ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇଟି ଗାଡ଼ିକୁ ଜବତ କରି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

## ମହିଳାଙ୍କ ଠାରୁ ଝାମ୍ପି ନେଲେ ସୁନା ଚେନ୍

**ବାଲିପାଟଣା: ଏକ୍ସପ୍ରେସ ନ୍ୟୁଜ୍**

ବାଲିପାଟଣା ଥାନା ବନମାଳିପୁର ଫାଣ୍ଡି ଆମଣାକୁଦ ଗ୍ରାମରେ ଦୁଇ ଦୁର୍ବୃତ୍ତ ମହିଳାଙ୍କ ବେକରୁ ଝାମ୍ପି ନେଲେ ସୁନା ଚେନ୍। ଦୁଇ ଦୁର୍ବୃତ୍ତଙ୍କ ଭିଜୁଆଲ୍ ସିସିଟିଭିରେ କଏଦ ହୋଇଛି । ସୁନା ଚେନ୍ ଝାମ୍ପି ନେବା ପରେ ଦୁଇ ଲୁଟେରା ଘଟଣା ସ୍ଥଳରୁ ସ୍କିଡ ବାଇକ୍‌ରେ ଫେରାର ହୋଇ ଯାଇଛନ୍ତି । ସୂଚନା ଅନୁଯାୟୀ ରବିବାର ସକାଳୁ ଆମଣାକୁଦ ଗ୍ରାମର ସଂଧ୍ୟା ରାଣୀ ମହାନ୍ତି ମନ୍ଦିରକୁ ପୂଜାର୍ଚ୍ଚନା କରିବାକୁ ଯାଉଥିଲେ। ଏହି ସମୟରେ ୨ ଜଣ ଯୁବକ ଏକ ସ୍କିଡ ବାଇକ୍‌ରେ ପହଁଞ୍ଚିଥିଲେ। ଜଣେ ଦୁର୍ବୃତ୍ତ ମହିଳାଙ୍କ ନିକଟକୁ ଚାଲି ଚାଲି ଯାଇ ସୁନା ଚେନ୍ ଝାମ୍ପି ନେଇଥିଲା। ପରେ ୨ ଜଣ ଲୁଟେରା ବାଇକ୍‌ରେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ଜଣେ ଲୁଟେରା ମୁହଁରେ ମାସ୍କ ସହ ନାଲି ରଙ୍ଗର ଟୋପି ପିନ୍ଧିଥିବା ବେଳେ ଅନ୍ୟ ଜଣେ ମାସ୍କ ଏବଂ ହେଲମେଟ୍ ପିନ୍ଧିଥିଲା। ଲୁଟ ହୋଇଥିବା ସୁନା ଚେନର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଜଣାପଡିଛି। ଖବର ପାଇ ବନମାଳିପୁର ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସିସିଟିଭି ଭିଜୁଆଲ ଆଧାରରେ ଘଟଣାର ତଦନ୍ତ କରୁଛି।

## ଭାରସାମ୍ୟ ହରାଇ ଓଲଟିଗଲା ଧାନ ବୋଝେଇ ଗାଡି



**ମାହାଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଛତିଆ-ସାଲେପୁର ପୂର୍ତ୍ତ ରାସ୍ତାର କଲ୍ୟାଣପୁର ମହାନ୍ତି ସାହି ନିକଟରେ ଏକ ଧାନ ବୋଝେଇ ପିକଅପ ଗାଡି ଭାରସାମ୍ୟ ହରାଇ ଓଲଟି ପଡିଥିଲା । ପ୍ରକାଶ ଯେ ରବିବାର ପୂର୍ବାହ୍ନରେ ଏକ ଧାନ ବୋଝେଇ ପିକଅପ ଗାଡି ଟାଙ୍ଗି ଅଭିମୁଖେ ଯାଉଥିବା ସମୟରେ କୁହୁଣ୍ଡା ପଂଚାୟତ କଲ୍ୟାଣପୁର ମହାନ୍ତି ସାହି ନିକଟରେ ଗାଡି ଚକ ବାହାରି ଯିବାରୁ ଗାଡିଟି ଓଲଟି ପଡିଥିଲା । ହେଲେ ଗାଡି ଚାଳକ ଦୁର୍ଘଟଣାରୁ ବର୍ତ୍ତୀ ଯାଇଥିବା ଜଣାଯାଇଛି ।

## ସାମ୍ବାଦିକଙ୍କୁ ଆକ୍ରମଣ ଘଟଣା

## ବନ୍ଧାହେବେ ଏନ୍‌ଏସି ଅଧକ୍ଷ ଓ ଅଧିକାରୀ

**କବିସୂର୍ଯ୍ୟନଗର: ଏକ୍ସପ୍ରେସ ନ୍ୟୁଜ୍**



ଗଞ୍ଜାମ ଜିଲ୍ଲା କୋଦଳା ଏନଏସିରେ ଟେଣ୍ଡର ଫିକ୍ସିଂକୁ ପ୍ରତିବାଦ କରିବାରୁ ୧୧ନଂ ୱାର୍ଡ କାଉନ୍ସିଲର ତଥା ଓଡିଶା ଏକ୍ସପ୍ରେସର ସାମ୍ବାଦିକ ଭଗବାନ ପାଢୀଙ୍କୁ ଗତ ୨୮ ତାରିଖ ଦିନ ଏନଏସି କାର୍ଯ୍ୟାଳୟ ପରିସରେ କୋଦଳା ଏନଏସି ଅଧକ୍ଷ ସୂର୍ଯ୍ୟ ନାରାୟଣ ନାୟକଙ୍କ ନିର୍ଦ୍ଦେଶରେ କାର୍ଯ୍ୟ ନିର୍ବାହୀ ଅଧିକାରୀ କୃଷ୍ଣ ଚନ୍ଦ୍ର ରଥଙ୍କ ଉପସ୍ଥିତରେ ଭଡାଟିଆ ଗୁଣ୍ଡା ଲଗାଇ ଶ୍ରୀ ପାଢ଼ୀଙ୍କୁ ମରଣାନ୍ତକ ମାଡ଼ ମାରି ଗୋଡ଼ ଓ ହାତର ଆଙ୍ଗୁଠି ଭାଙ୍ଗିଦେଇଥିବା ବେଳେ ତାଙ୍କ ବେକରୁ ପିନ୍ଧିଥିବା ସୁନା ଚେନ ଛଡାଇ ନେଇ ଯାଇଥିବା ଶନିବାର ଭଗବାନ ପାଢ଼ୀ କୋଦଳା ଥାନାରେ ଏତଲା ଦେଇଥିଲେ। ଜଣେ ସାମ୍ବାଦିକଙ୍କୁ ମରଣାନ୍ତକ ମାଡ଼ ମାରିବା ପ୍ରତିବାଦରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୬୦ରୁ ଉର୍ଦ୍ଧ୍ୱ ସାମ୍ବାଦିକ କୋଦଳାରେ ପହଞ୍ଚି ଥାନା ଅଧିକାରୀଙ୍କୁ ସାକ୍ଷାତ କରି ଅଭିଯୁକ୍ତଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିବେଦନ କରିବା ପରେ ସାମ୍ବାଦିକ ତଥା କାଉନ୍ସିଲର ଶ୍ରୀ ପାଢ଼ୀଙ୍କ ଏତଲାକୁ ଭିତ୍ତି କରି କୋଦଳା ଥାନା କେସ ନଂ ୭୮୪/୨୫ ପ୍ରକାରେ ଅଭିଯୁକ୍ତଙ୍କ ବିରୁଦ୍ଧରେ ଭାରତୀୟ ନ୍ୟାୟ ସଂହିତା ଧାରା ୧୨୬(୨), ୨୯୬/୧୧୫(୨),/୧୧୭(୨),/ ୧୦୯(୧) /୩୦୩(୨)/ ୩୫୧(୨) ଏବଂ ବିଏନଏସ ୩(୫)ରେ ମାମଲା ରୁଜୁ ହୋଇଥିବା ଜଣାଯାଇଛି । ହେଲେ ଅଧକ୍ଷ, ଅଧିକାରୀ ଓ ଅନ୍ୟ ୨ଜଣ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ସାମ୍ବାଦିକମାନଙ୍କ ପକ୍ଷରୁ ଦାବି କରାଯାଇଛି। ଅନ୍ୟପକ୍ଷରେ ସାମ୍ବାଦିକ ଭଗବାନ ପାଢୀଙ୍କୁ ଆକ୍ରମଣ ବେଳର ସିସିଟିଭି ଫୁଟେଜ କାର୍ଯ୍ୟାଳୟରୁ ଗାଏବ୍ ହୋଇ ଯାଇଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଟେଣ୍ଡର ପ୍ରକ୍ରିୟା ଚାଲିଥିବା ବେଳେ ସେ ସମୟର ସିସିଟିଭି ଫୁଟେଜ ଗାଏବ୍ ହେଲା କିପରି ତାକୁ ନେଇ ପ୍ରଶ୍ନ ଉଠିଛି। କୋଦଳା ଏନଏସିରେ ବିଭିନ୍ନ ଯୋଜନାରେ ସରକାରୀ ଅର୍ଥ ହରିଲୁଟ୍ ହେଉଛି। ସୁଚିନ୍ତିତ ଷଡଯନ୍ତ୍ର କରି ପ୍ରମାଣ ନଷ୍ଟ କରାଯାଉଛି। ଏଣୁ ଜିଲ୍ଲା ପ୍ରଶାସନ, ନଗର ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଏନେଇ କଠୋର ଆଭିମୁଖ୍ୟ ଗ୍ରହଣ କରିବା ଆବଶ୍ୟକ ରହିଛି ବୋଲି ସହରବାସୀ ମତ ପ୍ରକାଶ କରିଛନ୍ତି। ଅଭିଯୁକ୍ତମାନଙ୍କୁ ଗିରଫ କରି ତୁରନ୍ତ କୋର୍ଟଚାଲାଣ କରା ନଗଲେ ଗଞ୍ଜାମ ଜିଲ୍ଲା ଏସପି, ଜିଲ୍ଲାପାଳଙ୍କ ସହ ଆବଶ୍ୟକ ହେଲେ ଶତାଧିକ ସାମ୍ବାଦିକ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହେବେ ବୋଲି ସାମ୍ବାଦିକମାନଙ୍କ ପକ୍ଷରୁ କୁହାଯାଇଛି।

## ରାସ୍ତାକଡ଼ରେ ଅସୁରକ୍ଷିତ ବାଉଁଶ ହୋର୍ଡିଂ

**କେନ୍ଦୁଝର: ଏକ୍ସପ୍ରେସ ନ୍ୟୁଜ୍**

କେନ୍ଦୁଝର ସହର ଗାନ୍ଧୀ ଛକ ନିକଟରେ ଦୀର୍ଘ ଦେଢ଼ ବର୍ଷ ହେବ ଏକ ଭଙ୍ଗା ହୋର୍ଡିଂ ରାସ୍ତାକଡ଼ରେ ରହିଥିଲେ ହେଁ ଉଠାଯାଉ ନ ଥିବାରୁ ବଡ଼ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ଏଣୁ ତୁରନ୍ତ ହଠାଇଦେବାକୁ ସ୍ଥାନୀୟ ଲୋକେ ନିବେଦନ କରିଛନ୍ତି। ନଚେତ୍ ଦୁର୍ଘଟଣା ଘଟିଲେ ପ୍ରଶାସନ ଦାୟୀ ରହିବେ ବୋଲି କହିଛନ୍ତି। ପ୍ରକାଶ ଯେ, ଦେଢ଼ ବର୍ଷ ତଳେ ଏଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଏକ ଫଟୋ ସ୍ୱାଗତ ଜଣାଇବାକୁ ମରାଯାଇଥିଲା। ତେବେ ଠିକା ନେଇଥିବା ସଂସ୍ଥା ଫଟୋ ନେଇ ପାର ହୋଇଗଲା କିନ୍ତୁ ଫଟୋ ଲାଗିଥିବା ବାଉଁଶଗୁଡିକୁ ଅଦ୍ୟାବଧି ଉଠା ଯାଉ ନଥିବାରୁ ଅସୁରକ୍ଷିତ ଅବସ୍ଥାରେ ରହିଛି। ଏହି ବାଉଁଶ ଉପରେ ଯାଇଥିବା ବିଦ୍ୟୁତ୍ ଖୁଣ୍ଟରେ ଲାଗି ରହିଥିବାରୁ ବର୍ଷାଦିନରେ ବିଦ୍ୟୁତ୍ ଆଘାତ ଭୟ ରହୁଛି।

ସେହିପରି ଏହି ବାଉଁଶଗୁଡିକ ସିଗନାଲ ଲାଇଟ୍ ପୋଷ୍ଟ ଆଗରେ ଥିବାରୁ ଗାଡି ଚାଳକ ଦୂରରୁ ଟ୍ରାଫିକ ସିଗ୍‌ନାଲ ଲାଇଟ୍ ଦେଖିପାରୁନାହାନ୍ତି। ଫଳରେ ଏହାକୁ ନେଇ ଅନେକ ସମୟରେ ଦୁର୍ଘଟଣା ପରିସ୍ଥିତି ଉପୁଜଛି। ସେହିପରି ବାଉଁଶଗୁଡ଼ିକ ଖରା, ବର୍ଷା ଓ କାକରରେ ପଡ଼ିରହିଥିବାରୁ ନଷ୍ଟ ହୋଇ ଖସି ପଡ଼ିବା ଆଶଙ୍କା ରହୁଛି। ଖସିପଡ଼ିଲେ ବଡ଼ ଦୁର୍ଘଟଣା ଘଟିବା ଆଶଙ୍କା ରହୁଛି ବୋଲି ସ୍ଥାନୀୟ ସାମାଜିକ କର୍ମୀ ଦିଲ୍ଲୀପ କୁମାର ସାହୁ, ଅଶୋକ ଶର୍ମା, ପିଣ୍ଟୁ ଶର୍ମା, ନାଗେଶ୍ୱର ସେଠୀ ସମେତ ବହୁ ସ୍ଥାନୀୟ ଲୋକେ ମତବ୍ୟକ୍ତ କରି ଉଠାଇ ନେବାକୁ ଦାବି କରିଛନ୍ତି। ଏପରିକି ସହରରେ ଫୁଟ୍‌ପାଥ୍ ଉଚ୍ଛେଦ କାର୍ଯ୍ୟ ଚାଲିଥିଲେ ହେଁ ପୌର କର୍ମଚାରୀମାନେ ଏହାକୁ ଉଠାଉ ନଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ସେହିପରି ଡ୍ୟୁଟି କରୁଥିବା ଟ୍ରାଫିକ୍ ପୋଲିସ, ଯିବା ଆସିବା କରୁଥିବା ପ୍ରଶାସନିକ ଅଧିକାରୀ ତଥା ପୌର ଅଧିକାରୀମାନଙ୍କ ଏଥିପ୍ରତି ନିଘା ନାହିଁ କିମ୍ବା ଉଠାଇ ରାସ୍ତା ଅବରୋଧମୁକ୍ତ କରିବା ନେଇ ଆନ୍ତରିକତା ପ୍ରଦର୍ଶନ ନ ଥିବାରୁ ସ୍ଥାନୀୟ ଲୋକ ଘୋର ଅସନ୍ତୋଷ ବ୍ୟକ୍ତ କରୁଛନ୍ତି।

## ଭୂମିହୀନଙ୍କୁ ଘର ଯୋଗାଇବାରେ ବିଳମ୍ବ

**ଗଞ୍ଜାମ: ଏକ୍ସପ୍ରେସ ନ୍ୟୁଜ୍**

ଭୂମିହୀନଙ୍କୁ ଘର ଯୋଗାଇବାରେ ବିଳମ୍ବକୁ ନେଇ ଚିନ୍ତା ପ୍ରକଟ କଲେ ସରକାର। ତୁରନ୍ତ ଯୋଗ୍ୟ ଭୂମିହୀନଙ୍କୁ ଘର ବଣ୍ଟନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ସରକାର। ଏନେଇ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛି ରାଜ୍ୟ ପଞ୍ଚାୟତିରାଜ ବିଭାଗ। ଭୂମିହୀନ ସମସ୍ୟାର ସମାଧାନ ପାଇଁ ପ୍ରତି ମାସର ପ୍ରଥମ ଶନିବାର ବିଡିଓ ଏବଂ ସମ୍ପୃକ୍ତ ତହସିଲଦାରଙ୍କ ସହିତ ଏକ ମିଳିତ ବୈଠକ କରାଯିବ। ଏପର୍ଯ୍ୟନ୍ତ ପିଏମଏୱାଇ-ଜି ଅନ୍ତର୍ଗତ ୮୭୧ ଭୂମିହୀନଙ୍କୁ ପକ୍କା ଘର ମିଳିନାହିଁ। ସେହିପରି ପିଏମ- ଜନମନରେ ୫୦ଜଣ ହିତାଧିକାରୀଙ୍କୁ ଘର ଯୋଗାଇ ଦିଆଯାଇ ନାହିଁ। ପିଏମଏୱାଇ-ଜି'ରେ ସର୍ବାଧିକ କେନ୍ଦ୍ରାପଡାର ୨୭୧ ଏବଂ ଗଞ୍ଜାମରେ ୧୭୧ ଭୂମିହୀନଙ୍କୁ ଘର ମିଳିନାହିଁ। ରାଜ୍ୟରେ ୩୭ ଲକ୍ଷ ୮୯ ହଜାର ୨୩୪ ପରିବାର କଚ୍ଚା ଘରେ ରହୁଛନ୍ତି।

## ଉଦ୍ଧାର ଛୁଆହାତୀକୁ ଗ୍ରହଣ କରୁନି ମା' ହାତୀ

**କେନ୍ଦୁଝର: ଏକ୍ସପ୍ରେସ ନ୍ୟୁଜ୍**

ଭୂୟାଁ ଜୁଆଙ୍ଗ ପୀଢ଼ ରେଞ୍ଜ ଅନ୍ତର୍ଗତ ସୁକଡୋଳା ଗ୍ରାମ ନିକଟ ଜଙ୍ଗଲରୁ ଏକ ଗାତରୁ ଉଦ୍ଧାର କରିଥିବା ହାତୀ ଛୁଆକୁ ମା' ହାତୀ ଗ୍ରହଣ କରୁ ନ ଥିବାରୁ ବନ ବିଭାଗ ଚିନ୍ତାରେ ରହିଛି। ହାତୀ ଛୁଆ ସମ୍ପୂର୍ଣ୍ଣ ସୁସ୍ଥ ଥିବାବେଳେ ହାତୀ ଦଳରେ ଛୁଆକୁ ମିଶାଇବାକୁ ଉଦ୍ୟମ ଜାରି ରଖିଛି ବନ ବିଭାଗ।

ପ୍ରକାଶ ଯେ, ଗତ ୨୮ ତାରିଖରେ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ବନ ବିଭାଗ ମାଟି ଆଳୁ ଖୋଳିଥିବା ଏକ ଗାତରୁ ଏକ ମାଈ ହାତୀ ଛୁଆକୁ ବନ ବିଭାଗ କର୍ମଚାରୀ ଉଦ୍ଧାର କରି ଦଳରେ ଛାଡ଼ି ଦେଇଥିଲେ। କିନ୍ତୁ ତାଙ୍କୁ ଦଳ ଗ୍ରହଣ କରିଲା ନାହିଁ। ଗାତରେ ପଡ଼ିଥିବାବେଳେ ମା' ହାତୀ ଗାତ ପାଖରେ ଭୋକ ଶୋଷରେ ଅପେକ୍ଷା କରୁଥିଲା। ଏହାକୁ ଦେଖି ବନ ବିଭାଗ ସନ୍ଦେହରେ ଉକ୍ତ ସ୍ଥାନକୁ ଯାଇ ଦେଖିବା ପରେ ବନ ବିଭାଗକୁ ଜଣାଇଥିଲେ। ବନ ବିଭାଗ କର୍ମଚାରୀ ଓ ପଶୁ ଚିକିତ୍ସକ ଘଟଣାସ୍ଥଳକୁ ଯାଇ ଉଦ୍ଧାର କର ଛାଡ଼ି ଦେଇଥିଲେ। କିନ୍ତୁ ହାତୀ ଛୁଆକୁ ମା' ହାତୀ କିମ୍ବା ଦଳ ଗ୍ରହଣ ନ କରିବାରୁ ହାତୀ ଛୁଆ ଉପରେ ନଜର ରଖିଥିବା ବନ ବିଭାଗ କର୍ମଚାରୀମାନେ ଉଦ୍ଧାର କରି ରେଞ୍ଜ କାର୍ଯ୍ୟାଳୟକୁ ଆଣି ଆସିଥିଲେ।

ତେବେ ହାତୀ ଦଳ ଯାତ୍ରା ଗ୍ରାମରୁ ୧୨ କିମି ଦୂରରେ ଥିବା ଦେଖି ବନ ବିଭାଗ ଛୁଆ ହାତୀକୁ ନେଇ ତାଙ୍କ ନିକଟରେ ଛାଡ଼ି ଦେଇଥିଲେ। ତେବେ ହାତୀ ଛୁଆ ୪ କିମି ଦଳ ପଛେ ପଛେ ଚାଲିବା ପରେ ଦଳ ଓ ମା' ହାତୀ ଗ୍ରହଣ ନ କରିବାରୁ ଅଟକି ଯାଇଥିଲା।

ବନ ବିଭାଗ ହାତୀ ଛୁଆର ସଠିକ୍ ଖାଦ୍ୟପେୟ ଦେବା ସହ ଯତ୍ନ କରିଥିଲେ। ତାକୁ କ୍ଷୀର ଦିଆଯାଇଥିଲା ଏବଂ ସେ ପିଇଥିଲା। ଶନିବାର ରାତିରେ ବନ ବିଭାଗର ବିଶେଷଜ୍ଞ ଟିମ୍ ହାତୀଛୁଆକୁ ବିଭିନ୍ନ ପଦ୍ଧତିରେ ପୁଣି ଦଳରେ ମିଶାଇବାକୁ ଉଦ୍ୟମ କରି ବ୍ୟର୍ଥ ହୋଇଥିଲେ। ମଣିଷ ସଂସ୍ପର୍ଶରେ ଆସିବା କାରଣରୁ ମା' ହାତୀ ଓ ହାତୀ ଦଳ ହାତୀଛୁଆକୁ ଗ୍ରହଣ କରୁନାହିଁ ବୋଲି ମତ ପ୍ରକାଶ ପାଉଛି। ହାତୀଛୁଆକୁ ନ ଛୁଇଁ ସ୍ୱତନ୍ତ୍ର ବନ୍ୟପ୍ରାଣୀ ବୁହା ଗାଡ଼ିରେ ହାତୀଛୁଆକୁ ନେଇ ଦଳରେ ମିଶାଇବାକୁ ପ୍ରଚେଷ୍ଟା କରାଯାଇଥିଲା ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ହାତୀଛୁଆଟି ଦଳରେ ମିଶାଇବା ପାଇଁ ଆଜି ଶେଷ ଉଦ୍ୟମ କରାଯିବ। ନଚେତ୍ ମୁଖ୍ୟପ୍ରାଣୀ ବନସଂରକ୍ଷକଙ୍କ ପରାମର୍ଶରେ ତାଙ୍କୁ ପଦ୍ମପୁର କିମ୍ବା ଚନ୍ଦକାକୁ ପଠାଇ ଦିଆଯିବ ବୋଲି ଡିଏଫଓ ଧନରାଜ ଏଚ୍.ଡି କହିଛନ୍ତି।

## ଗୋଚର ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

**ଜଳେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ଜଳେଶ୍ୱର ବ୍ଲକ ଅଧିନ, ଗୋପୀ ମୋହନପୁର ଗ୍ରାମ ପଞ୍ଚାୟତ, କଲ୍ୟାଣ ପୁର ଗ୍ରାମର, ଖାତା ନଂ -୩୦୦,ପ୍ଲଟ ନଂ - ୧୦୧ ଜାଗାକୁ ବେଆଇନ ଭାବେ ଗ୍ରାମର ଅଜୟ କୁମାର ପ୍ରଧାନ ଜବରଦଖଲ କରିଥିବାରୁ ତୁରନ୍ତ ଉଚ୍ଛେଦ ପାଇଁ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଗୋଚର ଜାଗା ପାଖରେ ଅଜୟ କୁମାର ପ୍ରଧାନଙ୍କ ଏକ ପ୍ଲଟ (ଖାତା ନଂ - ୨୯୩/୧୧୯, ପ୍ଲଟ ନଂ - ୧୦୨/୧୦୩୦, ଏରିଆ ୩ଡି. ଜାଗା ରହିଛି। ଶ୍ରୀ ପ୍ରଧାନ ନିଜ ଜାଗା ସହିତ ଗୋଚର ଜାଗାରୁ ଅର୍ଥାତ୍ ପ୍ଲଟ ନଂ - ୧୦୧ର ଏରିଆ ୩୦ଡିରୁ ୧୦ଡି. ଜାଗା ଘେରି କବଜା କରିଥିବା ଅଭିଯୋଗ ହୋଇଛି। ଏହି ଜାଗାରେ ମାଟି ପକାଇ ବାଡ କରି ବିଭିନ୍ନ ପ୍ରକାର ଗଛ ଲଗାଇ ସର୍ବସାଧାରଣ ସ୍ଥାନକୁ ଅବରୋଧ କରିଥିବା ଗ୍ରାମବାସୀ ଜଳେଶ୍ୱର ତହସିଲଦାର ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହି ବେଆଇନ୍ ଅବରୋଧ ଫଳରେ ବର୍ଷା ଦିନିଆ ବର୍ଷା ଜଳ ନିଷ୍କାସନ ହୋଇ ନ ପାରିବାରୁ ଅଞ୍ଚଳର ପ୍ରାୟ ୬୦ ଏକର ଚାଷ ଜମି ପ୍ରତ୍ୟେକ ବର୍ଷ ଜଳମଗ୍ନ ହୋଇ ଚାଷ ନଷ୍ଟ ହେଉଛି। ଏପରିକି ଚାଷ ଜମିକୁ ଯିବାକୁ ହେଲେ ଦୀର୍ଘ ୨କି.ମି. ରାସ୍ତା ବୁଲି ଯିବାକୁ ଗ୍ରାମବାସୀମାନେ ବାଧ ହେଉଛନ୍ତି। ଜଳେଶ୍ୱର ତହସିଲଦାରଙ୍କୁ ତା ୨୨/୩/୨୦୨୩ରିଖ ଓ ବାଲେଶ୍ୱର ଜିଲ୍ଲାପାଳଙ୍କୁ ତା ୧୫/୫/୨୦୨୩ରିଖରେ ଦାବିପତ୍ର ମଧ ପ୍ରଦାନ କରିଥିଲେ। ଜବରଦଖଲକାରୀଙ୍କ ନାମରେ କେବଳ ଏକ ଏଲ୍‌ଇ କେସ ନଂ -୩/୨୩ ରୁଜୁ କରି ଥିବା ବେଳେ ଅଦ୍ୟାବଧି ଗୋଚର ଜମିରୁ ଜବରଦଖଲ ଉଚ୍ଛେଦ କରାଯାଇ ନାହିଁ। ତୁରନ୍ତ ଉକ୍ତ ଗୋଚର ଜମିରୁ ବେଆଇନ ଜବରଦଖଲ ଉଚ୍ଛେଦ କରି ସର୍ବସାଧାରଣଙ୍କ ପାଇଁ ପାଣି ନିଷ୍କାସନ ବ୍ୟବସ୍ଥା ସହ ଧାନ କ୍ଷେତକୁ ଯାତାୟତ ରାସ୍ତାର ସୁବ୍ୟବସ୍ଥା କରିବା ଲାଗି ଗ୍ରାମବାସୀ ଅନନ୍ତ ଜେନା, ମନୋରଞ୍ଜନ ଜେନା, ୱାର୍ଡ ସଭ୍ୟା ସସ୍ମିତା ଜେନା, ବିଶ୍ୱ ରଞ୍ଜନ ଦାସ, ଜୀବନ କୃଷ୍ଣ ଦେ, ସଞ୍ଜୟ କୁମାର ଜେନା, ବିଜୟ ଜେନା, ସୁଜୟ ଜେନା, ମନୋରଞ୍ଜନ ଦାସ, ପ୍ରଭାତ ଦାସ, ଭାଗବତ ଦାସ, ଦିଲ୍ଲୀପ ଜେନା, ଗୁରୁପ୍ରସାଦ ଜେନା, ବନବିହାରୀ ଜେନା, ଭବତୋଷ ଜେନା ପ୍ରମୁଖ ଶତାଧିକ ଗ୍ରାମବାସୀ ଦାବି କରିଛନ୍ତି।

## ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**କେନ୍ଦୁଝର,୩୦।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଜିନ୍ଦଲ ଷ୍ଟିଲ ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ବଡ଼ବିଲ ପେଲେଟ କାରଖାନା ପାରିପାର୍ଶ୍ୱିକ ଅଞ୍ଚଳରେ ଅବସ୍ଥିତ ସ୍କୁଲ ଗୁଡ଼ିକର ୬୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ମେଧାବୀ ମାଟ୍ରିକ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହା ସହିତ ଗୋଷ୍ଠୀ ଶିକ୍ଷା ସ୍ୱେଚ୍ଛାସେବୀଙ୍କ ପାଇଁ ଏକ ତାଲିମ ଅଧିବେଶନ ମଧ ଅନୁଷ୍ଠିତ ହୋଇଥିଲା। ଜିନ୍ଦଲନଗର ମୁଭି ହଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବଡ଼ବିଲ ପେଲେଟ କାରଖାନା ମୁଖ୍ୟ ପୁରୁଷୋତ୍ତମ ଏମ୍‌ଡି. ଯୋଡ଼ା ବ୍ଲକ ଶିକ୍ଷା ଅଧିକାରୀ କ୍ଷେତ୍ରମୋହନ ହାଁସଦା, ଯୋଡ଼ା ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ବିରଞ୍ଚି ନାରାୟଣ ଶତପଥୀ, ଦେଓଝର ସରପଞ୍ଚ ଧ୍ରୁବଚରଣ ନାଏକ, ପଞ୍ଚାୟତ ସମିତି ସଭ୍ୟା ଲକ୍ଷ୍ମୀ ମୁଣ୍ଡା, ଜିନ୍ଦଲ ଷ୍ଟିଲ-ବିକେଟିଆର ସିଏସଆର ମୁଖ୍ୟ ଉର୍ଜିଲ ଲାକ୍ରା ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆଖପାଖ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକ ମଧ ଉପସ୍ଥିତ ଥିଲେ। ଧବଳେଶ୍ୱର ହାଇସ୍କୁଲର ୯ଜଣ ଓ ବିଲେଇପଦା ହାଇସ୍କୁଲର ୨୭ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଗୋଷ୍ଠୀ ଶିକ୍ଷା ସ୍ୱେଚ୍ଛାସେବୀଙ୍କ ତାଲିମ କାର୍ଯ୍ୟକ୍ରମରେ ୪୦ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, କ୍ରୀଡ଼ା ଓ ସଂସ୍କୃତିର ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ନିରନ୍ତର ଭାବେ ଚାଲିଛି। ପାରିପାର୍ଶ୍ୱିକ ସ୍କୁଲଗୁଡ଼ିକରେ ଶିକ୍ଷକ-ଛାତ୍ରଛାତ୍ରୀ ଅନୁପାତରେ ସନ୍ତୁଳନ ରଖିବା ପାଇଁ ଗୋଷ୍ଠୀ ଶିକ୍ଷା ସ୍ୱେଚ୍ଛାସେବୀ ନିଯୁକ୍ତ କରାଯାଇଛି। ଡ୍ରପ ଆଉଟ ରୋକିବା ପାଇଁ ଫାଉଣ୍ଡେସନ ପକ୍ଷରୁ ଗ୍ରାମାଞ୍ଚଳରେ ସଚେତନତା ପଦକ୍ଷେପ ନିଆଯାଉଛି। ଏହା ସହିତ ଆବଶ୍ୟକତା ଅନୁସାରେ ସ୍କୁଲର ଭିତ୍ତିଭୂମି ନିର୍ମାଣ ସହ ଶିକ୍ଷା ଓ ଶିକ୍ଷଣ ସାମଗ୍ରୀ ମଧ ପ୍ରଦାନ କରାଯାଉଛି। ମହିଳା ଶିକ୍ଷା ଓ ଦକ୍ଷତା ବିକାଶକୁ ମଧ ସ୍ୱତନ୍ତ୍ର ଭାବେ ପ୍ରୋତ୍ସାହିତ କରାଯାଉଛି। ୨୦୨୨ରୁ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଆରମ୍ଭ ହୋଇଥିବା 'ଯଶସ୍ୱୀ' କାର୍ଯ୍ୟକ୍ରମ ଦ୍ୱାରା ଆର୍ଥିକ ଅନଗ୍ରସର ଛାତ୍ରୀ ଓ ମହିଳାମାନଙ୍କୁ ଶିକ୍ଷା ତଥା ଦକ୍ଷତା ବିକାଶ ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇ ଆସୁଛି।

## ବନ ବିଭାଗ ପକ୍ଷରୁ ଚଢ଼ାଉ, ଏକ ଟ୍ରକ ଜବତ




**କୋରେଇ,୩୦।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ରୋଡ ସହରକୁ ସୁଦୂର ଢେଙ୍କାନାଳ ଜିଲ୍ଲା ଗନ୍ଦିଆରୁ ପ୍ରଚୁର ଚୋରା ମାଙ୍କଡା ପଥର ଆସୁଥିବା କୌଣସି ଏକ ବିଶେଷ ସୂତ୍ରରୁ ଖବର ପାଇଁ ରେଞ୍ଜର ଧର୍ମେନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଯାଜପୁର ରୋଡ ବନ ବିଭାଗ ପକ୍ଷରୁ ଫରେଷ୍ଟର ଏସ ଖାନ ମିଲିଟାରୀ ଛକରେ ଚେକିଂ କରୁଥିବା ବେଳେ ଏକ ଟ୍ରକ ଯାହାର ଗାଡି ନମ୍ବର ଓଡି ୨୨ବି୮୫୨୩କୁ ଅଟକ ରଖି କାଗଜ ପତ୍ର ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଡ୍ରାଇଭର କୌଣସି ସଠିକ କାଗଜପତ୍ର ନ ଦେଖାଇ ବାରୁ ଗାଡି ଟିକୁ ଜବତ କରି ଥିବା ବେଳେ ସରକାରୀ ନିୟମ ଅନୁସାରେ ଗାଡି ଉପରେ ଉଚିତ କାର୍ଯ୍ୟାନୁଷ୍ଠାନ ନିଆଯିବା ନେଇ ରେଞ୍ଜର ସୂଚନା ଦେଇଛନ୍ତି। ଏହି ଚଢ଼ାଉ ବାରମ୍ବାର ଜାରିରହିବ ବୋଲି ଫରେଷ୍ଟର ଏସ ଖାନ ସୂଚନା ଦେଇଛନ୍ତି। ଏହି ଚଢ଼ାଉରେ ଯାଜପୁର ରୋଡ ବନବିଭାଗର କର୍ମଚାରୀମାନେ ସାମିଲ ହୋଇଥିଲେ।

## ବାଣିଜ୍ୟ

## ବକ୍ସାଇଟ୍ ଓଡିଶାର ଅଭିବୃଦ୍ଧିକୁ ଦୃଢ କରିପାରିବ



**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ଆଲୁମିନିୟମ୍ ଉତ୍ପାଦନର କଞ୍ଚାମାଲ ବକ୍ସାଇଟ୍। ଭାରତର ମୋଟ ବକ୍ସାଇଟ୍ ସଂରକ୍ଷଣର ୫୯% ଓଡିଶାରେ ରହିଛି। ଖଣି ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ଆଲୁମିନିୟମ୍ ଭିଜନ୍ ଡକ୍ୟୁମେଣ୍ଟ ଅନୁଯାୟୀ, ୨୦୪୭ ସୁଦ୍ଧା ଭାରତର ଆଲୁମିନିୟମ୍ ଚାହିଦା ଛଅ ଗୁଣ ବୃଦ୍ଧି ପାଇବ। ତେଣୁ ଏ କ୍ଷେତ୍ରରେ ଓଡିଶାର ଭୂମିକା ଅପରିହାର୍ଯ୍ୟ। କଳାହାଣ୍ଡି ଭଳି ପ୍ରମୁଖ ବକ୍ସାଇଟ୍ ଅଞ୍ଚଳଗୁଡିକ ଏହି କ୍ଷମତାର ଏକ ବଡ ଅଂଶକୁ ଉନ୍ମୁକ୍ତ କରିବାର ସମ୍ଭାବନା ରଖୁଛି।

ନବୀକରଣୀୟ ଶକ୍ତି, ପ୍ରତିରକ୍ଷା ଉତ୍ପାଦନ ଏବଂ ଡିଜିଟାଲ୍ ଭିତ୍ତିଭୂମିରେ ଆଲୁମିନିୟମର ଯଥେଷ୍ଟ ଆବଶ୍ୟକତା ରହିଛି। ବିକଶିତ ଭାରତ ଦୃଷ୍ଟିକୋଣରୁ ଓଡିଶାର ବକ୍ସାଇଟ୍ ଭଣ୍ଡାର ଜାତୀୟ ଯୋଜନାର ଆଗରେ ରହିଛି ବୋଲି ଭାରତୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣର ଅବସରପ୍ରାପ୍ତ ନିର୍ଦ୍ଦେଶକ ଡ. ଶିବ ମହାକୁଡ କହିଛନ୍ତି। ଏଭଳି ସ୍ଥିତିରେ ବିଶେଷଜ୍ଞମାନେ ବାରମ୍ବାର ଓଡିଶାର ବକ୍ସାଇଟ୍ ସମ୍ଭାବନା ଏବଂ କାର୍ଯ୍ୟଦକ୍ଷତା ବାସ୍ତବତା ମଧ୍ୟରେ ପାର୍ଥକ୍ୟକୁ ସୂଚାଇଛନ୍ତି। ଅନୁମୋଦନରେ ବିଳମ୍ବ, ଖଣି କାର୍ଯ୍ୟରେ ଧୀରତା ଏବଂ ଭିତ୍ତିଭୂମି ପ୍ରତିବନ୍ଧକ ରାଜ୍ୟକୁ ଏହାର ପୂର୍ଣ୍ଣ ଖଣିଜ କ୍ଷମତାକୁ ଉପଯୋଗ କରିବାରେ ବାଧା ସୃଷ୍ଟି କରିଛି। ଆଲୁମିନିୟମ୍ ଚାହିଦା ବୃଦ୍ଧି ପାଉଥିବାରୁ ଓଡିଶାକୁ ଏହାର ନୀତିକୁ ସୁଗମ କରିବା ଅଧିକ ଜରୁରି ହୋଇପଡିଛି।

ଏଥିସହିତ ଆଲୁମିନିୟମ ଶିଳ୍ପ ସହ ଜଡିତ ଏମ୍‌ଏସ୍ ?ଏମ୍‌ଇଗୁଡିକର ବିକାଶ ହୋଇପାରିବ। ସ୍ଥାନୀୟ ବାସିନ୍ଦା ଶିଳ୍ପାୟନରୁ ଉପକୃତ ହେବେ। ଆଲୁମିନିୟମ ପାୱାରହାଉସ୍ ଭାବେ ଓଡିଶାକୁ ଏହାର ସମ୍ଭାବନାକୁ ସମ୍ପୂର୍ଣ୍ଣ ଭାବରେ ସାକାର କରିବା ପାଇଁ ସ୍ଥାୟୀ ନୀତି ଏବଂ ଭିତ୍ତିଭୂମି ପ୍ରତିବନ୍ଧକଗୁଡିକୁ ଶୀଘ୍ର ସମାଧାନ କରିବାକୁ ପଡିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

## ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଶିବିର ଲାଗି ପ୍ରସ୍ତୁତି



**ମାଲକାନଗିରି: ଏକ୍ସପ୍ରେସ ନ୍ୟୁଜ୍**

ମାଲକାନଗିରି ଜିଲ୍ଲାରେ ହେବାକୁଥିବା ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଶିବିର ନିମନ୍ତେ ପୂର୍ବ ପ୍ରସ୍ତୁତି ବୈଠକ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡଃ. ଦୋଳମଣି ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୩ରୁ ୬ ଡିସେମ୍ବର ପର୍ଯ୍ୟନ୍ତ ହେବାକୁଥିବା ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଶିବିର ବିଷୟରେ ଆଲୋଚନା କରଯାଇଥିଲା। ଏହି ସ୍ୱାସ୍ଥ୍ୟ ଶିବିରରେ ରାଜ୍ୟସ୍ତରୀୟ ମୂତ୍ର ରୋଗ ବିଶେଷଜ୍ଞ, ମସ୍ତିଷ୍କ ବିଶେଷଜ୍ଞ, କିଡନୀ ବିଶେଷଜ୍ଞ, ହୃଦ୍‌ରୋଗ ବିଶେଷଜ୍ଞ, ପାଚକ ତନ୍ତ୍ର ବିଶେଷଜ୍ଞ ଏବଂ ଲାପାରୋସ୍କୋପି ଏବଂ ଶଲ୍ୟ ବିଶେଷଜ୍ଞ ଆଦି ଡାକ୍ତରୀଦଳ ଆସି ଏହି ସ୍ୱାସ୍ଥ୍ୟ ଶିବିରରେ ଚିକିତ୍ସା ସେବା ସହ ଅସ୍ତ୍ରପଚାର କରିବାର କାର୍ଯ୍ୟକ୍ରମ ରହିଛି। ଜନସାଧାରଣଙ୍କ ମଧ୍ୟରେ ସଚେତନତା ସହ ସ୍ୱାସ୍ଥ୍ୟ ଶିବିରରେ ଆସୁଥିବା ବିଶେଷଜ୍ଞ ଡାକ୍ତର ସମ୍ପର୍କିତ ବାର୍ତ୍ତା ଦେବା ନିମନ୍ତେ ଜିଲ୍ଲାର (୭) ସାତଟି ବ୍ଲକ ଏବଂ ସହରାଞ୍ଚଳ ମାଲକାନଗିରିରେ ଡାକବାଜି ଯନ୍ତ୍ର ମାଧ୍ୟମରେ ମଧ ପ୍ରଚାର କରାଯାଉଛି।

ଏଣୁ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଅନୁରୋଧ କୋରାଯାଉଛି କି ଆସନ୍ତା ୩ରୁ ୬ ଡିସେମ୍ବର ପର୍ଯ୍ୟନ୍ତ ହେବାକୁଥିବା ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଶିବିରକୁ ବହୁଳ ଭାବେ ରୋଗୀ ଆସି ବିନା ମୂଲ୍ୟରେ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ମାଲକାନଗିରି ଠାରେ ଚିକିତ୍ସା ସୁବିଧା ପାଇବାକୁ ଅନୁରୋଧ କରାଯାଉଛି।

ଏହି ବୈଠକରେ ଜିଲ୍ଲା ଚିକିତ୍ସା ଅଧିକାରୀ (ଚିକିତ୍ସା ସେବା)-ତଥା –ଅଧିକ୍ଷକ, ମାଲକାନଗିରି ଡା.ବ୍ରଜବନ୍ଧୁ ଦାଶ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳିକା ଡା.ମୌସୁମୀ ମିଶ୍ରଙ୍କ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମସ୍ତ ଡାକ୍ତର ଓ ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ଅଧିକାରୀ ଉପସ୍ଥିତ ରହିଥିଲେ।

## ଗୌରବ ଖାନ୍ନାଙ୍କୁ ହୋଷ୍ଟ ସଲମାନଙ୍କ ପ୍ରଶଂସା

## ସିନେମାଫିନେମା ଟିଭିଫିବି



**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ଜମୁଛି ଲୋକପ୍ରିୟ ଶୋ ବିଗ୍ ବସ୍ ସିଜନ୍ ୧୯। ଫାଇନାଲ ନିକଟ ହେଉଥିବା ବେଳେ ୱିକେଣ୍ଡ୍ କା ବାର ଏପିସୋଡ୍ ଦର୍ଶକଙ୍କ ମନ କିଣି ନେଇଛି। ଲୋକପ୍ରିୟ ଟିଭି ଷ୍ଟାର ଏବଂ ଫାଇନାଲିଷ୍ଟ ଗୌରବ ଖାନ୍ନାଙ୍କୁ ଶୋ'ର ହୋଷ୍ଟ ସଲମାନ ଖାନ ପ୍ରଶଂସା କରିଛନ୍ତି। ଗୌରବ ଏବଂ ଶୋ'ରେ ତାଙ୍କ ଯାତ୍ରାକୁ ବହୁତ ପ୍ରଶଂସା କରିଛନ୍ତି ସଲମାନ୍। ଗୌରବଙ୍କ ଶାନ୍ତ ଏବଂ ସଂଯୋଜିତ ଆଚରଣ, ସଠିକ୍ ସ୍ୱରରେ ଏକ ସ୍ଥିତିକୁ ସାମ୍ନା କରିବାର ଦକ୍ଷତାକୁ ପ୍ରଶଂସା କରିଛନ୍ତି ଭାଇଜାନ୍। ଏପିସୋଡ୍ ଶେଷ ଆଡ଼କୁ, ସଲମାନ ଏହା ମଧ କହିଥିଲେ ଯେ ସେ ଶୀଘ୍ର ପପୁଲାର ଟିଭି ସିରିୟର ଅନୁପମା ଷ୍ଟାର ଗୌରବ ଖାନ୍ନାଙ୍କ ସହିତ କାମ କରିବେ।

ଶନିବାର ରାତିରେ 'ୱିକେଣ୍ଡ୍ କା ବାର' ଏପିସୋଡ୍‌ରେ, ସଲମାନ୍ ଖାନ ଘରର ସଦସ୍ୟମାନଙ୍କ ପାଇଁ ଗୌରବ ଖାନାଙ୍କ ଆଚରଣ ଏବଂ ଖେଳ ବିଷୟରେ ମତାମତ ବାଣ୍ଟି ଥିଲେ। ଅନେକ ତାଙ୍କୁ ଦ୍ୱନ୍ଦ୍ୱୀ, ନକଲି କିମ୍ବା ଅତ୍ୟଧିକ ରଣନୀତିକ ବୋଲି ଅଭିଯୋଗ ଆଣିଥିଲେ। ସଲମାନ ଗୌରବଙ୍କ ଶାନ୍ତ ଏବଂ ନିୟନ୍ତ୍ରିତ ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ। ସେ କହିଥିଲେ, 'ଯଦି ଏହା ତୁମର ଖେଳ, ତେବେ ଗୌରବ ଖାନାଙ୍କ ପାଇଁ ଶୁଭେଚ୍ଛା, କାରଣ ଏହି ଘରେ ଧୈର୍ଯ୍ୟ ପ୍ରାୟ ଅସମ୍ଭବ!' ଶୋ'ର ବିଶୃଙ୍ଖଳା ମଧ୍ୟରେ ଗୌରବଙ୍କ ଚତୁର, ସଂଯୋଜିତ ରଣନୀତିକୁ ମଧ ପ୍ରଶଂସା କରିଥିଲେ ସଲମାନ୍। ତୁମକୁ ହ୍ୟାଟ୍ସ ଅପ୍ ଗୌରବ। ଯଦି ଗୌରବ ଏକ ଖେଳ ଖେଳୁଛନ୍ତି, ତେବେ ଏହା ପ୍ରଶଂସନୀୟ। ତାଙ୍କ ପରିବାର, ପତ୍ନୀ ଏବଂ ଫ୍ୟାନ୍ସ ମଧ ତାଙ୍କୁ ନେଇ ଗର୍ବ କରୁଥିଲେ। ଯଦି ସେ ଏପରି ଭାବରେ କାମ କରନ୍ତି, ତେବେ ତାଙ୍କୁ ଅନେକ ପ୍ରୋଜେକ୍ଟ ମିଳିବ, ଏବଂ ଗୌରବଙ୍କ ସହିତ ବହୁତ ଶୀଘ୍ର କାମ କରିବେ ବୋଲି କହିଛନ୍ତି ସଲମାନ ଖାନ୍।।

୩ ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର । ୧ ଡିସେମ୍ବର ୨୦୨୫ । ସୋମବାର

## ଆଜିର ରାଶିଫଳ

| ତାରିଖ ୧.୧୨.୨୦୨୫ | ସୋମବାର– ଏକାଦଶୀ<br>ନକ୍ଷତ୍ର– ରେବତୀ, ମୀନଚନ୍ଦ୍ର |
|---|---|
| ମେଷ | : ଲାଭର ଆଶା ରହିଛି। |
| ବୃଷ | : ମନସ୍ତାପ ରହିପାରେ। |
| ମିଥୁନ | : ଙ୍କପଦୋନ୍ନତି ହୋଇପାରେ। |
| କର୍କଟ | : ସୁଖଦିନ ରହିଛି। |
| ସିଂହ | : ବନ୍ଧନ ଭୟ ରହିଛି। |
| କନ୍ୟା | : ଅପମାନ ଯୋଗ ରହିଛି। |
| ତୁଳା | : କର୍ମସଂସ୍ଥାରେ ଖୁସିରେ କଟିବ। |
| ବିଛା | : ଧନଲାଭ ଯୋଗ ରହିଛି। |
| ଧନୁ | : କ୍ଲେଶବୃଦ୍ଧି ହୋଇପାରେ। |
| ମକର | : ମନସ୍ତାପ ରହିବ। |
| କୁମ୍ଭ | : ସଫଳତା ମିଳିପରେ। |
| ମୀନ | : ବ୍ୟୟ ବୃଦ୍ଧି ଘଟିପାରେ। |

# ସତ୍ୟବାଦୀରେ ପାନୀୟ ଜଳ ବିବାଦ

**,୩୦।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ ଶାଣ୍ଡାରା ପଞ୍ଚାୟତର ବଡ଼ ଭୀମ ଦାସ ପୁର ଗାଁ ମୁଣ୍ଡରେ ବସୁଧା ଯୋଜନାରେ ୨୦୧୯ ମସିହାରେ ନିର୍ମିତ ହୋଇଥିବା ଏକ ଲକ୍ଷ ଲିଟର ବିଶିଷ୍ଟ ପାଣି ଟାଙ୍କି ନିର୍ମିତ ହୋଇଅଛି । ବର୍ତ୍ତମାନ ୪ଟି ଗାଁ ବଡ଼ ଭୀମଦାସ ପୁର, ସାମନ୍ତରାପୁର, ଜୟ ରାମ ପୁର, ମଝିକେରା ଗାଁ ଲୋକେ ନେଉଛନ୍ତି ପାଣି । ଏହି ପାଣି ଟାଙ୍କି ୪ଟି ଗ୍ରାମର ଜନସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ । ଏହି ପାଣି ଟାଙ୍କିର କ୍ଷମତା ଏହି ୪ଟି ଗ୍ରାମକୁ ପାନୀୟ ଜଳ ଯୋଗାଣ କରି ପାରିବ । ଆଉ ଅଧିକ ଗ୍ରାମ ସଂଯୋଗ ଏହି ପାଣି ଟାଙ୍କି କ୍ଷମତା ପରିସରରେ ନାହିଁ । କିନ୍ତୁ ବଡ଼ ଭୀମ ଦାସ ପୁର ଗାଁ ଲୋକଙ୍କ ଅଭିଯୋଗ ଅନୁସାରେ ପାଣି ଟାଙ୍କିରୁ ଜୋର ଜବରଦସ୍ତ ନୂଆ ସାହି, ଶାଣ୍ଡରା, ବାଲିହୁଡା, ସାନ ଭୀମ ଦାସ ପୁର ଗାଁ ଲୋକେ ଏହି ପାଣି ଟାଙ୍କିରୁ ନିଜ ଗାଁକୁ ପାଣି ନେବା ପାଇଁ ଜୋର ଜବରଦସ୍ତ ଉଦ୍ୟମ କରିଥିଲେ । ଫଳରେ ବଡ଼ ଭୀମ ଦାସ ପୁର, ସାମନ୍ତରାପୁର, ଜୟରାମପୁର ଓ ମଝିକେରା ଗ୍ରାମବାସୀ ଉଚ୍ଚ ନ୍ୟାୟାଳୟ କଟକ, ଓଡିଶାଙ୍କ ଇଜିଲାସରେ ଡବ୍ଲୁପିସି ୭୪୮୬/୨୦୨୫ ଓ ପୁରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ୧୪/ ୨୦୨୫ ନମ୍ବରରେ ଦୁଇ ଗୋଟି ମୋକଦ୍ଦମା ରୁଜୁ କରିଛନ୍ତି । ମାମଲା ବିଚାରାଧୀନ ରହିଅଛି ।



ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କାର୍ଯ୍ୟାଳୟ, ସାକ୍ଷୀଗୋପାଳର କନିଷ୍ଠ ଯନ୍ତ୍ରୀ, ସତ୍ୟବାଦୀ ପୋଲିସ ଜେସିବି ମେସିନ ସହିତ ଘଟଣା ସ୍ଥଳରେ ପହଞ୍ଚିଥିଲେ । ମାଟି ଖୋଳି ନୂତନ ପାଇପ ସଂଯୋଗ କରିବା ନିମନ୍ତେ କାର୍ଯ୍ୟ ଆରମ୍ଭ କରିଥିଲେ । ବଡ଼ ଭୀମ ଦାସ ପୁର ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ । ଏହି ବିରୋଧ ଖବର ପାଇ ନୂଆ ସାହି, ସାଣ୍ଡରା, ବାଲିହୁଡା ଓ ସାନ ଭୀମ ଦାସ ପୁର ଏହି ୪ଟି ଗାଁ ଲୋକେ ଏକ ତ୍ରିତ ହୋଇ ବଡ଼ ଭୀମ ଦାସ ପୁର ପାଣି ଟାଙ୍କି ନିକଟରେ ପହଞ୍ଚିଥିଲେ । ପରେ ବଡ଼ ଭୀମ ଦାସ ପୁର, ସାମନ୍ତରାପୁର, ଜୟରାମପୁର ଓ ମଝିକେରା ଗ୍ରାମବାସୀ ମିଳିତ ଭାବରେ ଏହାକୁ ବିରୋଧ କରିଥିଲେ । ଫଳରେ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ସପକ୍ଷ ବାଦୀ ଓ ବିପକ୍ଷ ବାଦୀ ୮ଟି ଗ୍ରାମବାସୀ ମୁହାଁ ମୁହିଁ ହେବା ଶହ ଗଣ୍ଡଗୋଳ ଓ ଧସ୍ତାଧସ୍ତି ଆରମ୍ଭ ହୋଇ ଯାଇଥିଲା । ଅପରାହ୍ନ ୧ ଘଣ୍ଟା ଠାରୁ ଅପରାହ୍ନ ୩ଟା ମଧ୍ୟରେ ହୋଇଥିବା ଏହି ଗଣ୍ଡଗୋଳ ରେ ବାଉଁଶ ଓ ଟେକା ମାଡ଼ରେ ବଡ଼ ଭୀମ ଦାସ ପୁର ଗ୍ରାମର ପ୍ରହଲ୍ଲାଦ ପ୍ରଧାନ ୫୩, ବିଶ୍ୱନାଥ ବରାଳ ୫୫, ଓ୍ୱାର୍ଡ ସଭ୍ୟା ରୀନା ସେଠୀ ୪୨, ବାଦଲ ସ୍ୱାଇଁ ୨୩ ପ୍ରମୁଖ ୪ ଜଣ ଆହତ ହୋଇ ଚିକିତ୍ସା ନିମନ୍ତେ ସାକ୍ଷୀଗୋପାଳ ଡାକ୍ତରଖାନା ରେ ଭର୍ତ୍ତି ହୋଇଥିଲେ । ଅବସ୍ଥା ଗୁରୁତର ଥିବାରୁ ପ୍ରହଲ୍ଲାଦ ପ୍ରଧାନଙ୍କୁ ଅଧିକ ଚିକିତ୍ସା ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ପୁରୀ ସ୍ଥାନାନ୍ତର କରାଯାଇଅଛି । ଘଟଣାସ୍ଥଳରେ ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା ପହଞ୍ଚିଥିଲେ । ଉଭୟ ପକ୍ଷଙ୍କୁ ବୁଝାସୁଝା କରିଥିଲେ । ବର୍ତ୍ତମାନ ଏହି ଘଟଣା ସତ୍ୟବାଦୀ ଥାନାରେ ଉଭୟ ପକ୍ଷଙ୍କ ଉପସ୍ଥିତିରେ ଆଲୋଚନା ଚାଲିଅଛି ।

# ସ୍ୱାସ୍ଥ୍ୟ ବିଭାଗର ମନମାନୀରୁ ଭିନ୍ନକ୍ଷମ ଭତ୍ତାରୁ ବଞ୍ଚିତ



**ଖଲ୍ଲିକୋଟ,୩୦।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଲୋକଙ୍କ ସରକାର ସାଧାରଣ ଲୋକଙ୍କ ପାଇଁ ନାହିଁ, ଦଳୀୟ କର୍ମୀଙ୍କ ପାଇଁ । ସ୍ୱାସ୍ଥ୍ୟବିଭାଗର ସଧାରଣ ଭୁଲ ପାଇଁ ଜଣେ ଗରିବ ଭିନ୍ନକ୍ଷମ ହଇରାଣ ହେଉଛନ୍ତି । ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ବାକୁଟୁଗାଁ ପଞ୍ଚାୟତର ପଙ୍ଗିସାହିର ରାଜୁ ପ୍ରଧାନ ଦୀର୍ଘ ବର୍ଷ ହେଲା ଯାଜନ ଶ୍ରମିକ ଭାବେ ବାହାର ରାଜ୍ୟକୁ ମୁଲଲାଗିବାପାଇଁ ଗଲାବେଳ ଟ୍ରେନରୁ ପଡି ଗୋଡ଼ ଦୁଇଟି କଟିଯାଇଛି । ବ୍ରହ୍ମପୁର ଠାରେ ଗଂଜାମ ଜିଲ୍ଲା ମେଡିକାଲ ବୋର୍ଡ଼ ରାଜୁ ପ୍ରଧାନକୁ ୯୦% ଭିନ୍ନକ୍ଷମର ସବୁଦିନିଆ ପ୍ରମାଣ ପତ୍ର ଦେଇଅଛନ୍ତି । ଜିଲ୍ଲା ମେଡିକାଲ ବୋର୍ଡରେ ରାଜୁ ସାନି ଭିନ୍ନକ୍ଷମ ପ୍ରମାଣ ପତ୍ର ପାଇଁ ଆବେଦନ କରି ମେଡିକାଲ ଟେଷ୍ଟ ସରିଲାପରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ୟୁନିକ ଭିନ୍ନକ୍ଷମ ସ୍ମାର୍ଟ ଆଇଡି କାର୍ଡ ଡାକ ଦ୍ୱାରା ଘରକୁ ଆସିଅଛି । ସେଥିରେ ଏକ ବଡ ଭୁଲଅଛି ରାଜୁପ୍ରଧାନ ବଦଳରେ ରାଜୁ ସାହୁରେ କାର୍ଡ ଆସିଛି । ଯାହାକି ବର୍ଦ୍ଧିତ ୧୦୦୦ରୁ ୩୫୦୦ ଭତ୍ତା ପାଇପାରୁନାହିଁ ଏବଂ ତିନି ବର୍ଷ ପୂର୍ବରୁ ପାଇଥିବା ତିନିଚକିଆ ସାଇକେଲଟି ନଷ୍ଟ ହୋଇଯାଇଥିଲେ ମଧ୍ୟ କାର୍ଡରେ ସାଙ୍ଗିଆ ଭୁଲ ଥିବାଯୋଗୁ ନୂଆସାଇକେଲ ପାଇବାରେ କଷ୍ଟ ହେଉଛି । ଭିନ୍ନକ୍ଷମ ରାଜୁ ପ୍ରଧାନଙ୍କ ଭୁଲ କାର୍ଡକୁ ସଂଶୋଧନ କରିବା ପାଇଁ ସ୍ଥାନୀୟ ସରପଞ୍ଚ ଗଣେଶ ମଲିକ ରାଜୁକୁ ଧରି ସ୍ୱାସ୍ଥ୍ୟ ବିଭାଗକୁ ବାରମ୍ବାର ଗଲେ ମଧ କୌଣସି ସୁଫଳ ମିଳିଲାନାହିଁ । ସ୍ଥାନୀୟ ବ୍ଲକ ଉନ୍ନୟନ ଅଧିକାରୀ ଦେବାଶିଷ ସାମଲ ଓ ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ଅରୁଣ କୁମାର ଖୁଣ୍ଟିଆ ମିଶି ରାଜୁର ପାରିପାର୍ଷିକ ଅବସ୍ଥା ଓ ଚଳଣି ବ୍ୟବସ୍ଥାକୁ ବିଚାର କରି ଗତ ତା ୨୫/୧୧ରିଖ ମଙ୍ଗଳବାରଦିନ ଏକ ନୂତନ ତିନିଚକିଆ ସାଇକେଲ ବ୍ଲକ ପରିଷରରେ ଯୋଗାଇଦେଲେ । ଆହୁ ରହିଲା ସରକାରଙ୍କ ବର୍ଦ୍ଧିତ ଭତା, ସ୍ୱାସ୍ଥ୍ୟ ବିଭାଗର ମନ ମାନି ଭାଙ୍ଗିଲେ ଭତା ପାଇବ ।

# ଶୁଭଙ୍କର ମିଶ୍ରଙ୍କ ନାଁରେ ପୁଣି ଏତଲା



**ପୁରୀ,୩୦।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ମହଙ୍ଗା ପଡ଼ିଲା ଶ୍ରୀମନ୍ଦିର ନାଁରେ ବିବାଦୀୟ ଟିପ୍ପଣୀ ଦେବା । ଶୁଭଙ୍କର ମିଶ୍ରାଙ୍କ ନାଁରେ ସିଂହଦ୍ୱାରା ଥାନାରେ ଏତଲା । ବରିଷ୍ଠ ସେବାୟତ ଗୌରହରି ପ୍ରଧାନ ଏହି ଏତଲା ଦେଇଛନ୍ତି ।

ସୋସିଆଲ ମିଡିଆ ଇନଫ୍ଲୁଏନସର୍ ଶୁଭଙ୍କର ମିଶ୍ରା କହିଥିଲେ ଯେ, ବିବାହ ପୂର୍ବରୁ ଯଦି ପ୍ରେମୀ ଯୁଗଳ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କର ଦର୍ଶନ କରିବେ ତେବେ ସେମାନଙ୍କ ପ୍ରେମ କେବେ ବି ସଫଳ ହେବନାହିଁ । ଏଥିସହ ବିବାହ ବନ୍ଧନରେ ସେମାନେ କେବେ ବି ବାନ୍ଧି ହୋଇପାରିବେ ନାହିଁ । ଶ୍ରୀମନ୍ଦିର ଉପରେ ମା' ରାଧାରାଣୀଙ୍କ ଅଭିଶାପ ପଡିଛି । ମା' ରାଧାରାଣୀ ଶ୍ରୀକୃଷ୍ଣଙ୍କୁ ଜଗନ୍ନାଥଙ୍କ ରୂପରେ ଦର୍ଶନ କରିବାକୁ ଯାଉଥିବା ବେଳେ ସେତେବେଳେ ସେବାୟତମାନେ ତାଙ୍କୁ ଅଟକାଇଥିଲେ । ଏହା ମଧ କହିଥିଲେ ଶ୍ରୀମନ୍ଦିର ଭିତରକୁ ଭଗବାନଙ୍କ ଧର୍ମପତ୍ନୀଙ୍କ ପ୍ରବେଶ ଉପରେ ବାରଣ ରହିଛି । ଆପଣ କିଭଳି ଭିତରକୁ ଆସିଲେ । ଏକଥା ଶୁଣି ମା'ରାଧାରାଣୀ ରାଗିଯାଇ ଶ୍ରୀମନ୍ଦିରକୁ ଅଭିଶାପ ଦେଇଥିଲେ । ଶୁଭଙ୍କର ମିଶ୍ରାଙ୍କ ଶ୍ରୀମନ୍ଦିର ଓ ମହାପ୍ରଭୁଙ୍କ ପ୍ରତି ଏଭଳି ଭୁଲ୍ ଉପସ୍ଥାପନକୁ ନେଇ ଜଗନ୍ନାଥ ପ୍ରେମୀ ଓ ଗବେଷକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଆଉ ଏବେ ଶ୍ରୀମନ୍ଦିର ସିଂହଦ୍ୱାର ଥାନାରେ ଶୁଭଙ୍କର ମିଶ୍ରାଙ୍କ ନାଁରେ ଏତଲା । ବରିଷ୍ଠ ସେବାୟତ ଗୌରହରି ପ୍ରଧାନ ଦେଇଛନ୍ତି ଏତଲା । ଶୁଭଙ୍କରଙ୍କ ଏଭଳି ଟିପ୍ପଣୀ ନିନ୍ଦନୀୟ । ମହାପ୍ରଭୁଙ୍କ ଶ୍ରୀମନ୍ଦିର ବିଷୟରେ ଏଭଳି ଅଶୁଭ ଟିପ୍ପଣୀ ଦେବା ଘଟଣା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ।

# ଜେଏସଡବ୍ଲୁ ସିମେଣ୍ଟକୁ କାରଣ ଦର୍ଶାଅ ନୋଟିସ

**କଳିଙ୍ଗନଗର,୩୦।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

କଳିଙ୍ଗନଗର ଶିଳ୍ପାଞ୍ଚଳରେ ଅବସ୍ଥିତ ଜେଏସଡବ୍ଲୁ ସିମେଣ୍ଟ କାରଖାନା ପ୍ରତି ପରିବେଶ ନିୟମ ଉଲ୍ଲଘନ ସଂପର୍କୀତ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ଉଠିଛି । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସପିସିବି) ଆଠ ଅଗଷ୍ଟ ୨୦୨୫ରେ ହୋଇଥିବା ଯାଞ୍ଚରେ ଅନେକ ଅବ୍ୟବସ୍ଥା ଧରାପଡ଼ିବା ପରେ କମ୍ପାନୀକୁ ୧୫ ଦିନ ମଧ୍ୟରେ କାରଣ ଦର୍ଶାଅ କରିବାକୁ ନୋଟିସ୍ ଜାରି କରିଛି । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଯାଞ୍ଚ ରିପୋର୍ଟ ଅନୁଯାୟୀ, କମ୍ପାନୀରୁ ବାହାରୁଥିବା ପାଣିକୁ ଠିକ୍ ଭାବେ ଯିବା ପାଇଁ ଯେଉଁ ନାଳା ବନାଯାଇ ଥିଲା, ସେ ସବୁ ଡ୍ରେନ ଅଧା–ଅଧୁରା ହୋଇ ପଡିଛି । ଓଜନ କଣ୍ଟା ନିକଟରେ ବାୟୁ ଗୁଣବତ୍ତା ନିର୍ଦ୍ଧାରିତ ମାନଦଣ୍ଡଠାରୁ ବହୁ ଅଧିକ । କାରଖାନା ଭିତରେ ବହୁତ ଧୁଆଁ ଓ ଧୂଳି ବାହାରୁଛି, ଯାହା ସ୍ପଷ୍ଟ ଭାବେ ଦେଖାଯାଉଛି । କନଭେୟର ବେଲ୍ଟ ପାଖରେ ଧୂଳି –ନିଷ୍କାସନ ରୋକିବା ପାଇଁ ଯେଉଁ ବ୍ୟବସ୍ଥା ରହିବାର ଥିଲା, ସେହି ବ୍ୟବସ୍ଥା ଠିକ୍ଭାବେ ନାହିଁ ବୋଲି ଯାଞ୍ଚ ବେଳେ ଧରାପଡିଛି । ପ୍ରଦୂଷଣ ବୋର୍ଡ ଅନୁସାରେ, କାରଖାନା ପରିସରରେ ପରିଚାଳନା କ୍ଷେତ୍ରରେ ଅବ୍ୟବସ୍ଥାଗୁଡ଼ିକ ମଧ୍ୟରେ ଜଳ ଓ ବାୟୁ ସୁରକ୍ଷା ଆଇନକୁ ସିଦ୍ଧାସଳଖ ଭାବେ ଭଙ୍ଗ କରୁଛି ବୋଲି ତଦନ୍ତ ସମୟରେ ସ୍ପଷ୍ଟ ହୋଇଛି । ଆଞ୍ଚଳିକ ପ୍ରଦୂଷଣ ବୋର୍ଡ ଅନୁସାରେ କମ୍ପାନୀ କର୍ତ୍ତୃପକ୍ଷ ୧୫ ଦିନ ମଧ୍ୟରେ ସପ୍ଷ୍ଟ ସପଟ୍ ପ୍ରତ୍ୟୁତ୍ତର ଆବଶ୍ୟକ ବୋଲି ନୋଟିସ୍ରେ ସ୍ପଷ୍ଟ କରାଯାଇଛି । ଯଦି କମ୍ପାନୀ ଯୁକ୍ତିସଙ୍ଗତ କାରଣ ଦର୍ଶାଇବାରେ ବିଫଳ ହୁଏ ।




କିମ୍ବା କମ୍ପାନୀ ଦର୍ଶାଇଥିବା କାରଣ ଗ୍ରହଣୀୟ ନ ହେଲେ, ତେବେ ବୋର୍ଡ ଦ୍ୱାରା ଉତ୍ପାଦନ ଅନୁମତି ବନ୍ଦ କରିବା ପରି କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ସ୍ପଷ୍ଟ ଭାବରେ ପ୍ରଦୂଷଣ ବୋର୍ଡ ତରଫରୁ ନୋଟିସରେ ନିର୍ଦ୍ଦେଶ ଅଛି । ଆଞ୍ଚଳିକ ପ୍ରଭାବ ଉପରେ ଚିନ୍ତା ବ୍ୟକ୍ତ କରିବା ସହ କଳିଙ୍ଗନଗର–ଦାନଗଦି ଶିଳ୍ପାଞ୍ଚଳରେ ବାୟୁ ପ୍ରଦୂଷଣ, ଶିଳ୍ପ ଧୂଳି, ଓ ପୃଷ୍ଠଜଳ ଦୂଷଣ ରେ ସିଡେନ୍ସିଆଲ୍ ଅଞ୍ଚଳ ଓ କୃଷିଜମି ଉପରେ ଏହାରକୁ ପ୍ରଭାବ ପଡୁଛି ବୋଲି ଅଭିଯୋଗ ଚାଲିଛି । ଯାଞ୍ଚ ସମୟରେ ଚିମ୍ନିରୁ ବାହାରୁଥିବା ଧୂଆଁର ଗୁଣବତ୍ତା ମାପିବା (ଷ୍ଟକ ମନିଟରିଙ୍ଗ) କରାଯାଇଥିଲା । ଏଥିରେ ଏସଓ୨ ଓ ଏନ୍ଓଏକ୍ସ ଭଳି ବିପଜ୍ଜନକ ଗ୍ୟାସର ପରିମାଣ ନିର୍ଦ୍ଧାରିତ ସୀମାଠାରୁ ଅଧିକ ମିଳିଲା । ତଦୁପରି, ଇଏସପି/ବ୍ୟାଗ ଫିଲଟରର ନିୟମିତ ରକ୍ଷାପୋଷଣ ସମ୍ବନ୍ଧୀୟ ଡକ୍ୟୁମେଣ୍ଟ ମଧ ଅପୂର୍ଣ୍ଣ ଥିଲା, ଯାହାରୁ ସ୍ପଷ୍ଟ ହେଉଛି ଯନ୍ତ୍ରପାତିର ଦୈନିକ ରକ୍ଷାପୋଷଣ ଠିକ୍ଭାବେ କରାଯାଇନଥିଲା ।ବାଉଣ୍ଡାରି ୱାଲ୍ ନିକଟରେ କାମଚାଲିଥିବା ଧୂଳିକରଣ ରାସ୍ତାରୁ ଯାଉଥିବା ଗାଡ଼ିରେ କଭର ବିହୀନ କ୍ଲିଙ୍କର/ଲାଇମ୍ ଭର୍ତ୍ତି ଟ୍ରକ୍ ଚଳୁଥିବା ପରିଲକ୍ଷିତ ।ବାଉଣ୍ଡାରି ୱାଲ୍ ଆଡ଼କୁ ସେମେଣ୍ଟ ଧୂଳି ଗ୍ରାମ ଅଞ୍ଚଳକୁ ଯାଉଥିବା ଅଭିଯୋଗ ମଧ ଉଠିଛି । ଏହି ନୋଟିସ୍ ପରେ ଏବେ ଅଞ୍ଚଳର ଲୋକମାନଙ୍କ ମଧ୍ୟରେ ଆଶା ଓ ଆଶଙ୍କା ଯେଉଁଥିରେ ଦୁଇଟି ଅଲଗା ଘଟଣା, ସମସ୍ୟା, କାରଣ କିମ୍ବା ପ୍ରଭାବ ଏକାସାଥିରେ ମିଶି ଜଟିଳ ପରିସ୍ଥିତି ସୃଷ୍ଟି କରେ । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ ଓ୍ୱାର୍ଣ୍ଣିଙ୍ଗ 'ନିୟମ ପାଳନ ନ କଲେ କଡା ପଦକ୍ଷେପ ଅନିବାର୍ଯ୍ୟ ବୋଲି ସ୍ପଷ୍ଟ ନିର୍ଦ୍ଦେଶ ରହିଛି । ଏହି ନୋଟିସ୍ କଳିଙ୍ଗନଗରରେ ଶିଳ୍ପ ପ୍ରଦୂଷଣ ନିୟନ୍ତ୍ରଣ ବିଷୟରେ ବଡ଼ ସନ୍ଦେଶ ରହିଛି ବୋଲି ବିଶ୍ଳେଷକମାନେ ମତ ପ୍ରକାଶ କରୁଛନ୍ତି ।

# ମେଡିକାଲରୁ ୪ ସିସି କ୍ୟାମେରା ଚୋରି

**ମାହାଙ୍ଗା,୩୦।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ମାହାଙ୍ଗା ଥାନା ଅନ୍ତର୍ଗତ ବାସୁଦେବପୁର ମେଡିକାଲରୁ ୪ଟି ସିସି କ୍ୟାମେରା ଚୋରି ହୋଇଥିବା ଜଣାଯାଇଛି । ସୂଚନା ମୁତାବକ ଶନିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ମେଡିକାଲ ଗୃହର ବାହାର ପଟେ ଲାଗି ଥିବା ୪ଟି ସିସି କ୍ୟାମେରାକୁ ଚୋରି କରି ନେଇଥିବା ଜଣାଯାଇଛି । ରବିବାର ସକାଳେ ମେଡିକାଲର କର୍ମଚାରୀ ଆସି ଦେଖିବା ବେଳକୁ ମେଡିକାଲରେ ସିସି କ୍ୟାମେରା ଚୋରି ହୋଇଥିବା ଦେଖିବାକୁ ପାଇଥିଲେ । ଏ ନେଇ ସେମାନେ ଦାୟିତ୍ୱରେ ଥିବା ଡାକ୍ତର ଦୀପକ ଇନଦ୍ୱାରଙ୍କୁ ଅବଗତ କରାଇଥିଲେ । ସେ ରବିବାର ନ ଥିବାରୁ ସୋମବାର ଥାନାରେ ଅଭିଯୋଗ କରିବେ ବୋଲି ଗଣମାଧ୍ୟମକୁ କହିଛନ୍ତି ।

# ଇସ୍ତଫା ଦେବା ପରେ ବ୍ଲକ୍ ଅଧକ୍ଷାଙ୍କ ବିସ୍ଫୋରକ ବୟାନ

**ଭଦ୍ରକ,୩୦।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଲୋକଙ୍କୁ ସେବା ଦେଇପାରିଲି ନାହିଁ, ଦଳରୁ ଇସ୍ତଫା ଦେଲି । ବିଜୁ ଜନତା ଦଳରୁ ଇସ୍ତଫା ଦେବା ପରେ ଏଭଳି ବିସ୍ଫୋରକ ବୟାନ ଦେଇଛନ୍ତି ଭଦ୍ରକ ବ୍ଲକ୍ ଅଧକ୍ଷା ଉର୍ମିଳା ନାୟକ । ଶନିବାର ସେ ବିଜୁ ଜନତା ଦଳରୁ ଇସ୍ତଫା ଦେଇଥିଲେ । ସେ ତାଙ୍କ ଇସ୍ତଫା ପତ୍ର ଭଦ୍ରକ ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁଙ୍କୁ ପଠାଇ ଦେଇଥିଲେ ।

ତେବେ ବିଜୁ ଜନତା ଦଳରୁ ଇସ୍ତଫା ଦେବା ପରେ ଉର୍ମିଳା ନାୟକ କହିଛନ୍ତି ଯେ, ଶିକ୍ଷକତା ଛାଡି ରାଜନୀତିକୁ ଆସିଥିଲି । କିନ୍ତୁ ନୂଆ ସରକାର ଆସିବା ପରେ ଲୋକଙ୍କ ସେବା କରିପାରୁନି । ସେପଟେ ସରପଞ୍ଚ ଓ ସମିତି ସଭ୍ୟ ମଧ କ୍ଷୋଭ ପ୍ରକାଶ କରିଛନ୍ତି । ତେଣୁ ବିଜୁ ଜନତା ଦଳରୁ ଇସ୍ତଫା ଦେଇଛି । ଆଗାମୀ ଦିନରେ କେଉଁ ଦଳକୁ ଯିବେ ସେ ନେଇ ସେ ମାନସିକ ଭାବେ ପ୍ରସ୍ତୁତ ନଥିବା ଉର୍ମିଳା ନାୟକ କହିଛନ୍ତି । ତେବେ ଅନାସ୍ଥା ଆସିଲେ ସେ ପୁନଃ ପଦବୀରେ ରହିବେ ବୋଲି କହିଛନ୍ତି ।



ସୂଚନାଯୋଗ୍ୟ ଯେ, ଭଦ୍ରକ ଜିଲ୍ଲାରେ ଏବେ ରାଜନୀତି ସରଗରମ । ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ ଅଧକ୍ଷ ମନୋରଞ୍ଜନ ଘଡେଇଙ୍କ ବିରୋଧରେ ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗ ପରେ ତାଙ୍କୁ ବିଜେଡି ଦଳ ନିଲମ୍ବନ କରିଥିଲା । ପରେ ଭଦ୍ରକ ବ୍ଲକ୍ ଅଧକ୍ଷା ଉର୍ମିଳା ନାୟକ ଓ ଭଣ୍ଡାରପୋଖରୀ ବ୍ଲକ୍ ଅଧକ୍ଷା ସୁମତି ସେଠୀ ମଧ ଇସ୍ତଫା ଦେଇଥିଲେ । ଭଣ୍ଡାରିପୋଖରୀ ବ୍ଲକ୍ ଅଧିନ ବନ୍ତ ବ୍ଲକ୍ ଅଧକ୍ଷ ମନୋରଞ୍ଜନ ଘଡ଼େଇଙ୍କ ନାମରେ ଅଭିଯୋଗ ଆଣିଥିଲା ବିଜେଡି । ନିଜ ନାମରେ ଭେଣ୍ଡର କୋଡ୍ ମାଧ୍ୟମରେ ମହାତ୍ମା ଗାନ୍ଧୀ କର୍ମ ନିଯୁକ୍ତି ଯୋଜନାରେ କୋଟିଏ ଟଙ୍କା ଆତ୍ମସାତ ଅଭିଯୋଗ କରିଥିଲା ବିଜେଡି । କିଛି ସମୟ ମଧ୍ୟରେ ତାଙ୍କ ଇସ୍ତଫା ପତ୍ର ଗଣମାଧ୍ୟମକୁ ଆସିବା ମାତ୍ରେ ବିଜେଡି ରାଜ୍ୟ ସଭାପତି ତାଙ୍କୁ ନିଲମ୍ବନ କରିଥିବା ସୂଚନା ମିଳିଥିଲା । ତେବେ ପରେ ପରେ ଭଦ୍ରକ ବ୍ଲକ୍ ଅଧକ୍ଷା ଉର୍ମିଳା ନାୟକ ଓ ଭଣ୍ଡାରୀପୋଖରୀ ବ୍ଲକ୍ ଅଧକ୍ଷା ସୁମତି ସେଠୀ ମଧ ବିଜେଡିରୁ ଇସ୍ତଫା ଦେଇଥିଲେ । ବିଜେଡି ଜିଲ୍ଲା ସଭାପତିଙ୍କ ନିକଟକୁ ଇସ୍ତଫା ପତ୍ର ପଠାଇଥିଲେ । ତେବେ ଇସ୍ତଫା ଦେଇଥିବା ବ୍ଲକ୍ ଅଧକ୍ଷା ଇସ୍ତଫା ପତ୍ରରେ ବ୍ୟକ୍ତିଗତ କାରଣ ପାଇଁ ଇସ୍ତଫା ଦେଇଥିବା ଉଲ୍ଲେଖ କରିଥିଲେ ।

# ସାଇନ୍ବୋର୍ଡରେ ପିଟିହେଲା ବାଇକ୍, ଜଣେ ମୃତ

**ମୋହନା,୩୦।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଶୁଦ୍ଧିଘର ଭୋଜି ଖାଇ ଫେରିବା ବେଳେ ଶନିବାର ବିଳମ୍ବିତ ରାତିରେ ଏକ ବାଇକ୍ ଦୁର୍ଘଟଣା ଘଟିଛି । ଫଳରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଆଉ ଜଣେ ଆହତ ହୋଇଛନ୍ତି । ଏଭଳି ଦୁଃଖଦ ଘଟଣା ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ଚନ୍ଦ୍ରଗିରି ଫାଣ୍ଡି ଅନ୍ତର୍ଗତ ଯୋଡ଼ାଆମ୍ବରେ ଥିବା ଡାହାଣୀ ନାଳ ନିକଟରେ ।

ସୂଚନାନୁଯାୟୀ, ଶନିବାର ଏକ ବାଇକ୍ ( ଓଡି ୩୨ ଜେ ୫୪୨୪ )ରେ ଆକିଲି ଗ୍ରାମର ସରୋଜ କୁମାର ବଣଷଣ୍ଡ ( ୨୦ )ଓ ବିଘ୍ନରାଜ ପରିଚ୍ଛା ( ୧୯ ) ଦୁଇଜଣ ଯୋଡ଼ାଆମ୍ବ ଗ୍ରାମକୁ ଏକ ଶୁଦ୍ଧିଘର ଭୋଜିକୁ ଯାଇଥିଲେ, ଫେରିବା ବେଳେ ବାଟରେ ଛକି ରହିଥିଲା ଯମ । ଭୋଜିଖାଇ ସାରିବା ପରେ ଫେରିବା ବେଳେ ବିଳମ୍ବିତ ରାତିରେ ଡାହାଣୀ ନାଳ ପାଖରେ ଥିବା ଏକ ସାଇନ୍ବୋର୍ଡକୁ ଭାରସାମ୍ୟ ହରାଇ ଧକ୍କା ଦେଇଥିଲେ । ଯାହା ଫଳରେ ସରୋଜ ଏବଂ ବିଘ୍ନରାଜ ଗୁରୁତର ଅବସ୍ଥାରେ ଆହତ ହୋଇ ରାସ୍ତାକଡ଼ରେ ପଡ଼ିଥିଲେ । ସ୍ଥାନୀୟ ଲୋକେ ଦେଖିବା ପରେ ଉଦ୍ଧାର କରି ଚନ୍ଦ୍ରଗିରି ମେଡିକାଲରେ ଭର୍ତ୍ତି କରିଥିଲେ । ହେଲେ ଡାକ୍ତର ସରୋଜଙ୍କୁ ମୃତ ଘୋଷଣା କରିଥିବାବେଳେ ବିଘ୍ନରାଜଙ୍କ ଚିକିତ୍ସା ଚାଲିଥିବା ଡାକ୍ତର ଏନ୍ ଜୟ ପ୍ରକାଶ କହିଛନ୍ତି । ଘଟଣାସ୍ଥଳରେ ଚନ୍ଦ୍ରଗିରି ଫାଣ୍ଡି ଅଧିକାରୀ ସୁନୀଲ ସେଠୀ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି । ଏଥିସହିତ ବାଇକ୍ ଓ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛନ୍ତି ।

# ଜାହାଜରେ ଲାଗିଲା ନିଆଁ, କାରଣ ଅସ୍ପଷ୍ଟ

**ପାରାଦୀପ,୩୦।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ପାରାଦୀପ ବନ୍ଦରରେ ଅଘଟଣ । ଜାହାଜରେ ଲାଗିଲା ନିଆଁ । ଇକୋ କୋଲୋନିଲ ଜାହାଜରେ ନିଆଁ ଲାଗିଥିବା ଜଣାପଡିଛି । ଏନେଇ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି ସିଆଇଏସଏଫର ଅଗ୍ନିଶମ ବିଭାଗ । ସୂଚନା ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ ପାରାଦୀପ ବନ୍ଦରରେ ଥିବା ଇକୋ କୋଲୋନିଲ ଜାହାଜରେ ଲାଗିଯାଇଥିଲା ନିଆଁ । କୋଇଲା ବୋଝେଇ ଜାହାଜରେ ଲୋଡିଂ ବେଳେ ନିଆଁ ଲାଗିଥିଲା । ଯାହାପରେ ତୁରନ୍ତ ଅଗ୍ନିଶମ ବାହିନୀ ଏବଂ ସିଆଇଏସଏଫ ବାହିନୀକୁ ଖବର ଦିଆଯାଇଥିଲା । ତୁରନ୍ତ ଉଭୟ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିବା ଜଣାପଡିଛି । ବର୍ତ୍ତମାନ ସୁଦ୍ଧା ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ ।

# ସଫେଇ କର୍ମଚାରୀ ସଂଘର ପ୍ରତିବାଦ

**ନୀଳଗିରି,୩୦।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ର ସରକାର ଶ୍ରମିକମାନଙ୍କ ପାଇଁ ଥିବା ୪୪ଟି ଶ୍ରମଆଇନ ଭାଙ୍ଗି ଚାରୋଟି କୋଡରେ ପରିବର୍ତ୍ତନ କରିଛନ୍ତି । ଯାହାକି ଶ୍ରମିକମାନେ ଦାଦନ ଶ୍ରମିକ ଠାରୁ ହୀନ ଭାବେ ପରିଗଣିତ ହେବେ । ଶ୍ରମିକମାନଙ୍କର ସ୍ୱାଧୀନତା ରହିବ ନାହିଁ । ସେମାନେ ନିଜର ଦାବି ପାଇଁ ଲଢେଇ କରିବାର ସୁଯୋଗ ରହିବ ନାହିଁ । ୮ ଘଣ୍ଟା କାର୍ଯ୍ୟ ବଦଳରେ ୧୨ ଘଣ୍ଟା କାମ କରିବାକୁ ପଡ଼ିବ । ଏହାକୁ ପ୍ରତିବାଦ କରି ନୀଳଗିରି ସହର ସଫେଇ କର୍ମଚାରୀ ସଂଘ ପକ୍ଷରୁ ଶ୍ରମିକ ଭବନ ଠାରୁ ଶୋଭାଯାତ୍ରାରେ ବାହାରି ନୀଳଗିରି ବସଷ୍ଟାଣ୍ଡ ସମ୍ମୁଖରେ ପ୍ରତିବାଦ ସଭା କରାଯାଇଛି । ଉକ୍ତ ସଭାରେ ଉମାକାନ୍ତ ଷଡଙ୍ଗୀ ସଭାପତିତ୍ୱ କରିଥିଲେ । ସିଆଇଟିୟୁର ଜିଲ୍ଲା ସମ୍ପାଦକ ବିଜୟ କୁମାର ପାତ୍ର କେନ୍ଦ୍ର ସରକାରଙ୍କ




ଶ୍ରମିକ ବିରୋଧି ନୀତି ବିରୁଦ୍ଧରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ । ଏ ସରକାର ଶ୍ରମିକ, କୃଷକ ବିରୋଧି ସରକାର । ଏହାକୁ ଯଥା ଶୀଘ୍ର କ୍ଷମତାରୁ ହଟାଇ ବାକୁ ପଡିବ । ସିଆଇଟିୟୁର ରାଜ୍ୟ ନେତ୍ରୀ ଇଶାଣୀ ଷଡଙ୍ଗୀ ସଭାରେ ଯୋଗ ଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନୀତି ବିରୁଦ୍ଧରେ ଆଲୋଚନା କରିଥିଲେ । ଉକ୍ତ ସଭାରେ ସଂଘ ପକ୍ଷରୁ ସୁରେନ୍ଦ୍ର ନାଥ ବେହେରା, ସର୍ବେଶ୍ୱର ମୁଖୀ, କଳ୍ପନା ବେହେରା, ହେମେନ୍ଦ୍ର ସେଠୀ, ପ୍ରଶାନ୍ତ ମୁଖୀ ,ମନୋରଞ୍ଜନ, ସଞ୍ଜୟ ମୁଖୀ, ରବିନ୍ଦ୍ର ମୁଖୀ, ଯଦୁନାଥ ମୁଖୀ, ଉଷା ମୁଖୀଙ୍କ ସମେତ ବହୁସାଥୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ ।

# ଟ୍ରାଫିକ ସମସ୍ୟାକୁ ନେଇ ଚିନ୍ତା ବଢୁଛି

**ଗୋପ,୩୦।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ବିଶ୍ୱ ପର୍ଯ୍ୟଟନ କ୍ଷେତ୍ର କୋଣାର୍କ ଠାରେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ୩୬ତମ କୋଣାର୍କ ଉତ୍ସବ ସାଙ୍ଗକୁ ୧୫ତମ ଆନ୍ତର୍ଜାତୀୟ ବାଲୁକା କଳା ପ୍ରଦର୍ଶନୀର ଆରମ୍ଭ ହେବାକୁଯାଉଛି । ଉକ୍ତ ଉତ୍ସବଟି ଡିସେମ୍ବର ୧ରୁ ୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଉତ୍ସବ ଦେଖିବାକୁ ଦେଶ ବିଦେଶରୁ ଶତାଧିକ ପର୍ଯ୍ୟଟକଙ୍କ ଗାଡି ମଟର ଯାତାୟାତ କରୁଛନ୍ତି । ମୁଖ୍ୟତଃ ଭୁବନେଶ୍ୱରରୁ କୋଣାର୍କ ଅଭିମୁଖେ ଆସୁଥିବା ପର୍ଯ୍ୟଟକ ଓ ଦୈନିକ ସ୍ଥାନୀୟ ବସ ଯୋଗେ ଯାତାୟାତ କରୁଥିବା ସାଧାରଣ ଜନତାମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗୋପର ମୁଖ୍ୟ ବଜାର ଅଣ ଓସାରିଆ ରାସ୍ତା ସାଙ୍ଗକୁ ଉଠା ଦୋକାନୀ ଏବଂ




ଏକାଧିକ ବେସରକାରୀ ଗାଡି ମଟରଙ୍କର ଅବାଧ ପାର୍କିଂ ଯୋଗୁ ଟ୍ରାଫିକ ସମସ୍ୟା କ୍ରମଶଃ ବୃଦ୍ଧି ପାଉଛି । ଗୋପ ବଜାର ମୁଖ୍ୟତଃ ଜବର ଦଖଲକାରୀଙ୍କ କବଜାରେ ଥିବାରୁ ରାସ୍ତାଟି ସଂକୀର୍ଣ୍ଣ ହୋଇଛି । ସେଥିପାଇଁ ତତ୍କାଳୀନ ସରକାରଙ୍କ ସମୟରୁ କୁଶୁପୁରର ବାହାଣିଆ ଠାରୁ ଜଳ ସମ୍ପଦ ବିଭାଗ କେନାଲରେ ଗୋପ ତହସିଲକାର୍ଯ୍ୟାଳୟ ପର୍ଯ୍ୟନ୍ତ ୯ କୋଟି ଟଙ୍କାର ଏକ ବ୍ୟୟ ବରାଦ ହୋଇଥିଲା । ଉକ୍ତ ବାଇପାସଟି ପୂର୍ବରୁ ଯେତିକି କିଲୋମିଟର ଧାର୍ଯ୍ୟ ଥିଲା ତାହା ଆସ୍ତେ ଆସ୍ତେ ଦୂରତା କମିବାରେ ଲାଗିଛି । ଏ ସମ୍ପର୍କରେ କାହାରି ପାଖରେ କୌଣସି ଉତ୍ତର ନାହିଁ । ଟ୍ରାଫିକ ସମୟର ସମାଧାନ ପାଇଁ ପ୍ରାୟ ୫ ଶହରୁ ଉର୍ଦ୍ଧ୍ୱ ନଡ଼ିଆ ଗଛର ବଳିଦାନ ସତ୍ତ୍ୱେ ବାଇପାସ ରାସ୍ତା ନିର୍ମାଣ କାର୍ଯ୍ୟ କରିପାରିଲାନାହିଁ । କିନ୍ତୁ ଦୁଃଖ ଓ ପରିତାପର ବିଷୟଟି ହେଉଛି ପୁରାତନ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ସମୟରେ ଶିଳାନ୍ୟାସ ହୋଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ସଂପୂର୍ଣ୍ଣ ହୋଇପାରିଲାନାହିଁ । ନୂତନ ସରକାରଙ୍କ ଆସିବା ପ୍ରାୟ ଦୁଇବର୍ଷ ହେବାକୁ ବସିଲାଣି ସତ କିନ୍ତୁ କାର୍ଯ୍ୟଟି ଆଜିପର୍ଯ୍ୟନ୍ତ ସଂପୂର୍ଣ୍ଣ ହୋଇପାରିଲାନାହିଁ । ଦୀର୍ଘ ଦିନ ଧରି ଉକ୍ତ କାର୍ଯ୍ୟଟି ବନ୍ଦ ରହିଥିଲା ଏବେ ଯଦିଓ ଯୁଦ୍ଧ କାଳୀନ ଭିତିରେ କାର୍ଯ୍ୟ ଚାଲିଛି ସତ କିନ୍ତୁ କାର୍ଯ୍ୟମାନକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି । କରଣ କାର୍ଯ୍ୟ ସମୟରେ କୌଣସି ବିଭାଗୀୟ ଅଧିକାରୀ ରହୁନାହାନ୍ତି ଯାହାଫଳରେ କି ଠିକାଦାରଙ୍କୁ ବେସ ସୁହାଉଛି । ଉକ୍ତ କାର୍ଯ୍ୟ ଆରମ୍ଭ ସମୟରେ ଶତାଧିକ ଫଳନ୍ତି ନଡ଼ିଆ ଗଛକୁ ଅଯଥାରେ କାଟି ପକାଇଲେ କିନ୍ତୁ ରାସ୍ତାର ସେହିଁ ଅନୁଯାଇ ଓସାର ବୃଦ୍ଧି କରାଯାଉନାହିଁ । ଯେହେତୁ ଆଜି ଠୁ କୋଣାର୍କ ଉତ୍ସବ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ରହୁଛି ସେଥିପାଇଁ ଅତି ତରବରିଆ ଭାବେ କାର୍ଯ୍ୟ ହେଉଛି । ଗୋପର ସମସ୍ୟାର ସମାଧାନ ପ୍ରତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆଗ୍ରହ ପ୍ରକାଶ କରିବାକୁ ଗୋପ ସୁରକ୍ଷା ମଞ୍ଚର ସଭାପତି ସଚ୍ଚିଦାନନ୍ଦ ଗୋଛାୟତ ଦାବି କରିଛନ୍ତି ।

■ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଉଛି- ପରିସଂଖ୍ୟାନ ତଥ୍ୟ ପାଇବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା। ଲୋକଙ୍କୁ କେବଳ ପରିସଂଖ୍ୟାନର ତଥ୍ୟ ଯୋଗାଇ ଦେଲେ କ'ଣ ସେମାନଙ୍କ ସମସ୍ୟାର ସମାଧାନ ହୋଇଯିବ ?

■ ଏତେ ସଂଖ୍ୟକ ଯୋଗ୍ୟ ହିତାଧିକାରୀ ଘର ପାଇନାହାନ୍ତି, ଏତେ ସଂଖ୍ୟକ ଅଯୋଗ୍ୟ ବ୍ୟକ୍ତି ରାସନ କାର୍ଡ ହାତେଇଛନ୍ତି- ଏସେବୁ ସମସ୍ୟାର ସମାଧାନ କିଭଳି କରାଯିବ ସେ ଦିଗରେ ଚିନ୍ତା କରାଯିବା ଦରକାର।


## ଓଡ଼ିଶା ଏକ୍ସପ୍ରେସ୍


## ପରିସଂଖ୍ୟାନ ପରର ପଦକ୍ଷେପ କ'ଣ ?

ଯେ କୌଣସି ଯୋଜନା କାର୍ଯ୍ୟକାରୀ କରିବା ପୂର୍ବରୁ ପରିସଂଖ୍ୟାନର ଆବଶ୍ୟକତା ପଡିଥାଏ। ଏକ ତ୍ରୁଟିଶୂନ୍ୟ ପରିସଂଖ୍ୟାନ ଯୋଜନାକୁ ସଫଳ କରାଇଥାଏ। କିନ୍ତୁ କେବଳ ଏକ ନିଭୁଲ ପରିସଂଖ୍ୟାନ ଯେ, ଲୋକଙ୍କୁ ସେବା ଯୋଗାଇ ପାରିବ ଏବଂ ଏଥିରେ ସମସ୍ୟାର ସମାଧାନ ହୋଇଯିବ ଏକଥା ଭାବିବା ଭୁଲ।

ପରିସଂଖ୍ୟାନ କହୁଛି-ଆମ ଦେଶ ଦୁର୍ନୀତିଗ୍ରସ୍ତ ଦେଶ ତାଲିକାରେ ଚିନ୍ତାଜନତ ସ୍ଥାନରେ ରହିଛି। ଦେଶରେ ଏତେ ସଂଖ୍ୟକ ଶିଶୁ ପୁଷ୍ଟିହୀନତାର ଶିକାର, ଦେଶରେ ଏତେ ସଂଖ୍ୟକ ଶିଶୁ ଶ୍ରମକ ଅଛନ୍ତି, ଦାଦନ ଶ୍ରମିକଙ୍କ ସଂଖ୍ୟା ଏତେ, ଏତେ ସଂଖ୍ୟକଙ୍କ ଶୀତଳ ଭଣ୍ଡାରରର ଆବଶ୍ୟକତା ରହିଛି, ଅଛି ମାତ୍ର ଏତିକି। ହାତୀ ସଂଖ୍ୟା ଏତେ ରହିଛି, ବାଘ ସଂଖ୍ୟା ଏତେ ଏଭଳି ଅନେକ ପରିସଂଖ୍ୟାନ ଆମେ ଦେଖିବାକୁ ପାଉ। ଏଥିପାଇ ଯେଉଁ ସର୍ଭେକ୍ଷଣ କରାଯାଏ ସେଥିରେ ମଧ୍ୟ କୋଟି କୋଟି ଟଙ୍କା ଖର୍ଚ୍ଚ ହୁଏ। ନିକଟରେ ରାଜଧାନୀରେ ବୁଲା କୁକୁରଙ୍କ ଏକ ନିର୍ଭୁଲ ଗଣନା କରାଯାଇଥିଲା। ଜଣାଗଲା କେତେ ବୁଲା କୁକୁର ଅଛନ୍ତି ଯେଉଁ ୱାର୍ଡରେ। ବନ୍ଧ୍ୟାକରଣ କେତେକଙ୍କୁ କରାଯାଇଛି, ଆଉ କେତେ ରହିଲେ।

ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଉଛି- ପରିସଂଖ୍ୟାନ ତଥ୍ୟ ପାଇବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା। ଲୋକଙ୍କୁ କେବଳ ପରିସଂଖ୍ୟାନର ତଥ୍ୟ ଯୋଗାଇ ଦେଲେ କ'ଣ ସେମାନଙ୍କ ସମସ୍ୟାର ସମାଧାନ ହୋଇଯିବ ?

ଏତେ ସଂଖ୍ୟକ ଯୋଗ୍ୟ ହିତାଧିକାରୀ ଘର ପାଇନାହାନ୍ତି, ଏତେ ସଂଖ୍ୟକ ଅଯୋଗ୍ୟ ବ୍ୟକ୍ତି ରାସନ କାର୍ଡ ହାତେଇଛନ୍ତି- ଏସେବୁ ସମସ୍ୟାର ସମାଧାନ କିଭଳି କରାଯିବ ସେ ଦିଗରେ ଚିନ୍ତା କରାଯିବା ଦରକାର। ଅଯୋଗ୍ୟ ହିତାଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ, ଯେଉଁମାନେ ଚଞ୍ଚକତା କରି କାର୍ଡ ହାତେଇଛନ୍ତି।

ଏତେ କଥା କହିବାର ମୂଳ ଉଦ୍ଦେଶ୍ୟଟି ହେଉ-ନିକଟରେ ରାଜଧାନୀରେ କୁକୁର ଗଣନା କରାଯାଇଥିଲା। ଏହାକୁ ତ୍ରୁଟିଶୂନ୍ୟ କରିବା ପାଇଁ ବିଏମସି ସହିତ ଅନ୍ୟାନ୍ୟ ବିଭାଗର କର୍ମଚାରୀମାନେ ମଧ୍ୟ ସାମିଲ ହୋଇଥିଲେ। ଯେଉଁ ପଦ୍ଧତିରେ କୁକୁର ଗଣନା କରାଗଲା ସେଭଳି ଗଣନା ପୂର୍ବରୁ କୌଣସି ରାଜ୍ୟ ଗରିନାହାନ୍ତି ବୋଲି ଖବର ପ୍ରକାଶ ପାଇଥିଲା। ଖୁବ୍ ତ୍ରୁଟିଶୂନ୍ୟ ଭାବରେ ଏହି କାର୍ଯ୍ୟଟିକୁ କରାଯାଇଥିଲା। ଏବେ ପ୍ରତିଟି ସହରରେ ବୁଲା କୁକୁରଙ୍କ ସଂଖ୍ୟା ବଢିଛି। ଏମାନଙ୍କ ପାଇଁ ଜୀବନଯାତ୍ରା ପ୍ରଭାବିତ ହେଉଛି। କଟକ ସହରରେ ଆତଙ୍କ ଖେଳାଇଛନ୍ତି ବୁଲା କୁକୁରମାନେ । ମାସକ ଭିତରେ ୨୦ରୁ ଅଧିକ ଦୁର୍ଘଟଣା ଘଟିଛି କୁକୁରଙ୍କ ପାଇଁ। ଲୋକେ ନିଜକୁ ନିରାପଦ ମଣୁନାହାନ୍ତି। ରାତିରେ ଭୟ ଅଧିକ। ଖୋଦ୍ ରାଜଧାନୀର ସ୍ଥିତି ମଧ୍ୟ ଅଣାୟତ।

ବସ୍ ଷ୍ଟାଣ୍ଡ, ରେଳ ଷ୍ଟେସନ ଅବା କୌଣସି ସରକାରୀ ଅନୁଷ୍ଠାନ କେଉଁଠି ବି ବୁଲା କୁକୁର ରହିବେନି। ଯେଉଁଠି ବୁଲା କୁକୁର ଦେଖାଯାଉଛନ୍ତି ସେମାନଙ୍କୁ ଧରି ଆଶ୍ରୟ ସ୍ଥଳିରେ ଛାଡ। ଟିକାକରଣ ଓ ବନ୍ଧ୍ୟାକରଣକୁ ବ୍ୟାପକ କର। ବୁଲା କୁକୁର କାମୁଡା ସଂଖ୍ୟାର ଚିନ୍ତାଜନକ ସ୍ଥିତିକୁ ଦେଖି ଚଳିତ ମାସ ପ୍ରଥମ ସପ୍ତାହରେ ଏଭଳି କଡା ନିର୍ଦ୍ଦେଶ ଦେଇଥିଲେ ସୁପ୍ରିମକୋର୍ଟ। କିନ୍ତୁ ରାଜ୍ୟ ସରକାର ଅଦ୍ୟାବଧି ସୁପ୍ରିମକୋର୍ଟଙ୍କ ଆଦେଶକୁ କଡା କଡି ଅନୁପାଳନ କରିନାହାନ୍ତି। କେବଳ କୁକୁର ଗଣନାରେ ସିମିତ ରହିଛି ସରକାରଙ୍କ ଦାୟିତ୍ୱ। ତେଣୁ ପରିସଂଖ୍ୟାନ ପରର କାର୍ଯ୍ୟାନୁଷ୍ଠାନ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ହାତୀ ଗଣତି କରିଦେଲେ ଯେ, ହାତୀ ଆଉ କ୍ଷେତ ଉଜାଡିବେନି ଏବଂ କୁକୁର ଗଣନା ନିଭୁଲ ଭାବରେ କରିଦେଲେ ଯେ, ଲୋକେ ସୁରକ୍ଷିତ ହୋଇଯିବେ ଏବଂ ସମସ୍ୟାର ସମାଧାନ ହୋଇଯିବ ଏକଥା ଭାବିବା ଭୁଲ।

# ଜୀବନର ଶେଷ ସତ୍ୟ

ମଣିଷ ଜୀବନ ଭଲ-ମନ୍ଦ ଏବଂ ସୁଖ-ଦୁଃଖର ପ୍ରୟୋଗଶାଳା । ତେଣୁ ଆମର ଜୀବନଧାରା ବିଶ୍ଳେଷଣ କଲେ ମନରେ ସହସ୍ର ପ୍ରଶ୍ନ ସୃଷ୍ଟି ହୁଏ । ହେଲେ ସବୁ ପ୍ରଶ୍ନର ଉତ୍ତର ଖୋଜିଲେ ମିଳେନା ।

ଅତୀତରେ ଏହି ସ୍ତମ୍ଭରେ ଏହିପରି କେତେକ ପ୍ରଶ୍ନର ଉତ୍ତର ଖୋଜିବା ଅବସରରେ ମୁଁ ବିଭିନ୍ନ ଦିଗରୁ ଏହାର ତର୍ଜମା କରିଛି । ଏହିସବୁ ପ୍ରଶ୍ନର ଉତ୍ତରର ଯଥାର୍ଥତା ପ୍ରତିପାଦନ ପାଇଁ ମୁଁ ଅଜସ୍ର ଯୁକ୍ତି ଏବଂ ଅଯୁତ ଶବ୍ଦର ଆଶ୍ରୟ ନେଇଛି । ଫଳରେ ଗୋଟିଏ ଗୋଟିଏ ବିଷୟ ଖବରକାଗଜର ପାଖାପାଖି ଅଧପୃଷ୍ଠା ମାଡ଼ିବସିଛି । ତେଣୁ ଆଜି ଅଳ୍ପ ଶବ୍ଦରେ ଅନେକ ପ୍ରଶ୍ନର ଉତ୍ତର ।

ଆଜି ଲେଖାରେ ପ୍ରଦତ୍ତ ପ୍ରଶ୍ନୋତ୍ତର ପଢ଼ିବା ପରେ ଅନେକେ ପ୍ରଶ୍ନ କରିପାରନ୍ତି- ଏହା କ'ଣ ପାଣ୍ଡିତ୍ୟ ପ୍ରଦର୍ଶନର ଏକ ସୁଚିନ୍ତିତ କୌଶଳ?

ଏ ପ୍ରଶ୍ନର ଉତ୍ତରରେ ମୁଁ ଏତିକି କହିବି- ଏଥିରେ ପାଣ୍ଡିତ୍ୟ ଫାଣ୍ଡିତ୍ୟ କିଛି ନାହିଁ । ଏ ସବୁ ନିରୁତା ଉପଲବ୍ଧି ଏବଂ ହାଲୁକା ମନୋରଞ୍ଜନ ।

**ଭଲ-ମନ୍ଦର ସଂଜ୍ଞା?**

- ଉଭୟେ ସଂଜ୍ଞାହୀନ । ଆବଶ୍ୟକତା ଅନୁଯାୟୀ ଅସ୍ତିତ୍ୱ ଜଣାପଡ଼େ । ଚିନି ଶରୀରପାଇଁ ଉପଯୋଗୀ, ତେଣୁ ଭଲ । କିନ୍ତୁ ମଧୁମେହ ରୋଗୀର ଶରୀରପାଇଁ ଏହା ମନ୍ଦ । ନେତା ସମାଜପାଇଁ ଭଲ । କିନ୍ତୁ ନୀତିହୀନ ନେତା ସମସ୍ତଙ୍କପାଇଁ ମନ୍ଦ ।

**ଭଲ ମଣିଷ କିଏ ?**

- ଯିଏ ଭଲ-ମନ୍ଦର ସଂଜ୍ଞା ବୁଝେନା ।

**ସବୁଠାରୁ ମାରାତ୍ମକ ବ୍ୟକ୍ତି କିଏ ?**

- ବିଶ୍ୱାସଘାତକ । ବିଷଠାରୁ ଆହୁରି ବିଷାକ୍ତ । ତଥାପି ବିଷ ଖାଇଲେ ମଣିଷ ବଞ୍ଚି ଯାଇପାରେ, କିନ୍ତୁ ବିଶ୍ୱାସଘାତକର ଦଂଶନରେ ଏତେ ଜହର ମୃତ୍ୟୁ ସୁନିଶ୍ଚିତ !

**ସୁଖୀ ମଣିଷ କିଏ ?**

- ଯାହା ପାଖରେ ଶାନ୍ତି ଅଛି । ସୁଖ ଥିଲେ ଶାନ୍ତି ନଥାଇପାରେ, କିନ୍ତୁ ଘରେ ଶାନ୍ତି ଯେବେ ଆସେ ତା' ସହିତ ସୁଖ ବି ପଶେ ।

**ମଣିଷ କ'ଣ ସହିପାରେ ଆଉ କ'ଣ ପାରେନା ?**

- କଷ୍ଟ ସହିପାରେ, କିନ୍ତୁ ଦୁଃଖ ସହିବା ଭାରି କଷ୍ଟ !

**ଦୁଃଖର କାରଣ ?**

- ପ୍ରାପ୍ତି ଆଶା । ଯାହାର ଯେତେ ପାଇବାକୁ ଇଚ୍ଛା ତା' କପାଳରେ ସେତେ ଦୁଃଖ ।

**ହିଂସ୍ରତା କାହାକୁ କହିବା ?**

- ଅନ୍ୟକୁ ସହି ନପାରିବା ।

**ପାଶବିକତା କ'ଣ ?**

- ମଣିଷପଣିଆର ବସ୍ତୁବାଦୀ ପ୍ରୟୋଗ ।

**ମଣିଷ କ'ଣ କଲେ ଉପରକୁ ଯାଏ ?**

- ଆଖି ବୁଜିଦେଲେ । ଅନ୍ୟର ଅଭାବ ଅସୁବିଧା ଆଡ଼କୁ ଦୃଷ୍ଟି ନଦେଲେ ଜଣେ ଅକ୍ଳେଶରେ ଉପରକୁ ଉଠିପାରିବ ।

**ଆଖି ବୁଜିଲେ କ'ଣ ଦିଶେ ?**

- ସ୍ୱପ୍ନ ଏବଂ ସତ୍ୟ ।

**ଆଖି ଖୋଲିଲେ କ'ଣ ଦିଶେନାହିଁ ?**

- ବାସ୍ତବତା ।

**ସତ୍ୟ ଏବଂ ମିଥ୍ୟା ମଧ୍ୟରେ ଫରକ୍ କ'ଣ ?**

- କହିବାର ଭଙ୍ଗୀ । ମହାଭାରତ ଯୁଦ୍ଧ କାଳରେ ଧର୍ମରାଜ ଯୁଧିଷ୍ଠିର ''ଅଶ୍ୱତ୍ଥମା ହତ...'' କହି ଏହାର ପ୍ରମାଣ ଦେଇଛନ୍ତି ।

**ସର୍ବାପେକ୍ଷା ଦୁରାରୋଗ୍ୟ ତିନୋଟି ବ୍ୟାଧି ?**

- ଈର୍ଷା, ଅସୂୟା ଏବଂ ସନ୍ଦେହ ।

**ସବୁଠାରୁ ଦାମିକା ଔଷଧ ?**

- ପ୍ରାଣଖୋଲା ହସ ।

**ସବୁଠାରୁ ଦାମିକା ପଦାର୍ଥ ?**

- ଚରିତ୍ର । ତେବେ ଆଜିକାଲି ଏହାର ମୂଲ୍ୟାୟନ କେହି କରୁ ନଥିବାରୁ ଏହାର ଦାମ୍ କେତେ ଜାଣିବା ମୁସ୍କିଲ୍ ହୋଇପଡ଼ିଛି । ଏହା ବସ୍ତୁତଃ ଏବେ ମୂଲ୍ୟହୀନ ହୋଇପଡ଼ିଛି ।

**ସବୁଠାରୁ ଶସ୍ତା ?**

- ଧନୀପଣିଆ । ପାଣିଫୋଟକାଠାରୁ ମଧ୍ୟ ତୁଚ୍ଛ !

**ସବୁଠାରୁ ଶସ୍ତା ନୀତି କେଉଁଟା ?**

- ସାନ ଛୁଆକୁ ବି ଏହାର ଉତ୍ତର ଜଣା । ତଥାପି କହିରଖେ-ରାଜନୀତି । ଆକ୍ଷରିକ ଅର୍ଥ ଶ୍ରେଷ୍ଠ ନୀତି । କିନ୍ତୁ ସବୁ ହୀନ କାର୍ଯ୍ୟର ଇଏ ବିଷୟ ଖସଡ଼ା ।

**ସବୁଠାରୁ ଲୋକପ୍ରିୟ ନୀତି ?**

- ଦୁର୍ନୀତି ।

**କ'ଣ କଲେ ଦୁର୍ନୀତି ଦୂର ହୋଇପାରିବ ?**

- ଏଇ ଶବ୍ଦଟିକୁ ଭୁଲିଯାଇ ପାରିଲେ ।

**ମଣିଷ କାହାଠାରୁ ଦୂରେଇଯାଇ କାହାର ନିକଟତର ହୋଇଛି ?**

- ବାସ୍ତବତାଠାରୁ ଦୂରେଇଯାଇ ବସ୍ତୁବାଦ ଆଡ଼କୁ ତୀବ୍ର ବେଗରେ ଅଗ୍ରସର ହେଉଛି ।

**ବସ୍ତୁବାଦ କି ଜିନିଷ ?**

- ନିଜକୁ ଚିହ୍ନି ନପାରିବାର ବ୍ୟସ୍ତତା । ବସ୍ତୁରେ ବ୍ୟକ୍ତିର ବିଲୟ । ବାସଗୃହର ନମ୍ବରରେ ବାସ କରୁଥିବା ଲୋକର ନାଁ ଯେତେବେଳେ ହଜିଯାଏ । ୧୦-ଜନପଥ, ୭-ରେସ୍‌କୋର୍ସ ଇତ୍ୟାଦି ଇତ୍ୟାଦି.... ।

**ପୃଥିବୀରୁ କେଉଁ ଧର୍ମ ଲୋପ ପାଇଆସୁଛି ?**

- ମାନବ ଧର୍ମ ।

**ଆଉ ବଢୁଛି ?**

- ଅଧର୍ମ ।

**ଭଗବାନ କିଏ ?**

- ଅନେକ ଅନ୍ୟାୟ ବରଦାସ୍ତ କରେ ଯିଏ ।

**ମଣିଷର କ'ଣ ଅଛି ଯାହା ଭଗବାନଙ୍କର ନାହିଁ ?**

- ହୃଦୟ । ହୃଦୟ ଥିଲେ ଏ ପୃଥିବୀରେ ଏତେ ଦୁଃଖ, କଷ୍ଟ, ଯନ୍ତ୍ରଣା ନଥାନ୍ତା । ଭଲଲୋକେ ଭଲରେ ପଛେ ନଚଳନ୍ତୁ ମାନସିକ ଯନ୍ତ୍ରଣା ଭୋଗୁନଥାନ୍ତେ ।

**ଲୁହ ଏବଂ ଲହୁରେ ଫରକ୍ କ'ଣ ?**

- ଲହୁର ରଙ୍ଗ ଲାଲ୍ । ତେବେ କାହାର ଟିକେ ଗାଢ଼ା ତ କାହାର ଟିକେ ଫିକା । ଲୁହରେ ଏ ଫରକ୍ ନାହିଁ ।

**କଳି ଯୁଗର ବିଶେଷତ୍ୱ କ'ଣ ?**

- ଯିଏ କଳିପାରିଲା ସିଏ ଚଳିପାରିଲା ।

**ଅଛି କ'ଣ ?**

- ରତି, ଗତି ଏବଂ ତାତି (ଗାଡ଼ିମୋଟର ଯୋଗୁଁ ତାପମାତ୍ର ବଢୁଛି) ।

**ଆଜିକାଲି ସବୁଠାରୁ ବେଶୀ ବଦଳିଛି କ'ଣ ?**

- ଭୋକ (ଦୈହିକ) ଆଉ ଭେକ । ଭେକ ବଦଳିଯିବାରୁ ଏବେ ସମସ୍ତେ ଭୋକିଲା ।

**କେଉଁ ନିଆଁ ନିଆଁରେ ଲିଭେ ?**

- ପେଟର ନିଆଁ ଚୁଲି ନିଆଁରେ ଲିଭେ । ଚୁଲିରେ ହାଣ୍ଡି ବସିଲେ ଭୋକ ମରେ ।

**ଆଉ ପେଟ ତଳର ନିଆଁ ?**

- ଯୁଇ ନିଆଁରେ ଲିଭେ ।

**ପୁରୁଷ କେଉଁଠି ଜିତେ, କେଉଁଠି ହାରେ ?**

- ସୀମାନ୍ତରେ ଜିତେ, ସିମନ୍ତିନୀ ପାଖରେ ହାରେ । ସମରରେ ବିଜୟୀ ବୀର ଶଯ୍ୟାରେ ପରାସ୍ତ ହେବାର ସମସ୍ତ ସମ୍ଭାବନା ରହିଛି ।

**ସ୍ୱାମୀ ଏବଂ ପ୍ରେମିକ ମଧ୍ୟରୁ କାହାର ହଜମ ଶକ୍ତି ବେଶୀ ?**

- ସ୍ୱାମୀର । ସେ ଅନେକ କିଛି ହଜମ କରି ସ୍ତ୍ରୀ ସହିତ ମଲାଯାଏଁ ଘରକରି ରୁହେ ।

**ମଣିଷର କେଉଁ ଅଙ୍ଗରେ ଉଭୟ ବିଷ ଏବଂ ଅମୃତ ଉପଲବ୍ଧ?**

- ମୁଖଗହ୍ୱର- ମୁଖଗହ୍ୱର ଶବ୍ଦର ମହାସମୁଦ୍ର । ଏଥିରେ ଥିବା ଜିହ୍ୱା ହେଉଛି ମନ୍ଦର ପର୍ବତ । ମନ୍ଦର ପର୍ବତରେ ସମୁଦ୍ର ମନ୍ଥନ ହେଲେ ଉଭୟ ବିଷ ଏବଂ ଅମୃତ ବାହାରେ । ଆଜିକାଲି ଶିବ କାହାନ୍ତି, ଯିଏ ସମାଜର ମଙ୍ଗଳ ପାଇଁ ବିଷପାନ କରିବେ? ତେଣୁ ପରିବେଶ ଅତ୍ୟନ୍ତ ବିଷାକ୍ତ ।

**ଆଉ ଅମୃତ?**

- ଅମୃତ ଏବେ କାଗଜପୃଷ୍ଠାରେ ଅକ୍ଷର ରୂପରେ ଅମୃତବାଣୀ ଭାବେ ଶୋଭା ପାଉଛି! ପ୍ରୟୋଗ କମ୍ ।

**ଜୀବନର ଶେଷ ସତ୍ୟ କ'ଣ ?**

- ତ୍ୟାଗ । ଏ ଶରୀରକୁ ଦିନେନା ଦିନେ ଆତ୍ମା ତ୍ୟାଗ କରିବ । କେବଳ ବୌଦ୍ଧିକ ସ୍ତରରେ ନୁହେଁ, ସାଧାରଣ ଭାବେ ଦେଖିଲେ ତ୍ୟାଗ ହେଉଛି ଏକ ନିଷ୍ଠୁର ସତ୍ୟ । ସ୍ଥୂଳଭାବେ କହିଲେ- ମଳ, ମୂତ୍ର ଏବଂ ଅଙ୍ଗାରକାମ୍ଳ ତ୍ୟାଗ ପ୍ରକ୍ରିୟା ଯଦି ସୁଚାରୁରୂପେ ସମ୍ପାଦିତ ନହୁଏ ବା ଅଟକିଯାଏ ତେବେ ଜୀବନରକ୍ଷା ଅସମ୍ଭବ । ତ୍ୟାଗରୁ ହିଁ ତ ମଣିଷର ସୃଷ୍ଟି । ଶାରୀରିକ ମିଳନର ପରମାନନ୍ଦଜନିତ ପୁରୁଷର ତ୍ୟାଗ ଫଳରେ ନାରୀ ଶରୀରରେ ନୂତନ ଜୀବନ ସଂଚାର ହୁଏ । ସେଇ ଆତ୍ମା ଶେଷକୁ ସେଇ ତ୍ୟାଗରୁ ସୃଷ୍ଟ ଶରୀରକୁ ଦିନେ ତ୍ୟାଗ କରେ । ତ୍ୟାଗ ସୃଷ୍ଟି ଓ ବିଲୟର ବୀଜମନ୍ତ୍ର । ତ୍ୟାଗରେ ହିଁ ଚରମ ତୃପ୍ତି - ପରମ ପ୍ରାପ୍ତି... ।

## ... ବାଜିଗଲେ ଦୋଷ ନାହିଁ

**ଉମାପଦ**

### ମଶା ପରି ଜୀବଟିଏ

ମଣିଷ ଜୀବଜଗତରେ ଶ୍ରେଷ୍ଠ ପ୍ରାଣୀର ମର୍ଯ୍ୟାଦା ପାଇଛି । ମଣିଷ ଯାହା କରିପାରେ ତାହା ଅନେକ ପ୍ରାଣୀ ପକ୍ଷରେ କରିବା ସମ୍ଭବ ନୁହେଁ । କାରଣ ମଣିଷର ମସ୍ତିଷ୍କରେ ବିବେକ ନାମକ ସେଇ ନିୟନ୍ତ୍ରଣ କକ୍ଷ ରହିଛି ଯେଉଁଠି ଭଲ-ମନ୍ଦର ମାପଚୁପ ହୁଏ । ହେଲେ ଏଇ ମଣିଷ ବେଳେବେଳେ ଏମିତି କାମ କରେ ସେ କାମ ଜୀବଜଗତରେ କେବଳ ଗୋଟିଏ ଜୀବ ହିଁ କରିଥାଏ । ଏଇ ଜୀବଟି କିଏ? ଇଏ ଆଉ କେହି ନୁହେଁ ଆମର ଅତି ପରିଚିତ ମଶା । ତେଣୁ ମଣିଷ କାହା ସହ ତୁଳନୀୟ ବୋଲି ଯଦି ପ୍ରଶ୍ନ ଉଠେ ତେବେ ଅନେକେ କହିବେ ମଣିଷ ମଶା ସହ ତୁଳନୀୟ ।

ଆସନ୍ତୁ ଦେଖିବା ମଶା ସହିତ ମଣିଷର କି ପ୍ରକାର ଆଚରଣଗତ ସାମଞ୍ଜସ୍ୟ ରହିଛି ।

ମଶା ମଣିଷ ଶରୀରରୁ ରକ୍ତ ଶୋଷି ଖାଏ । ତେବେ ଏହାର ପରିମାଣ ଅତି ନଗଣ୍ୟ । ଗୋଟିଏ ମଶା ଥରକେ ମଣିଷ ଶରୀରରୁ ଗୋଟିଏ ମିଲିମିଟରର ହଜାରର ଭାଗରୁ ଭାଗେ ରକ୍ତ ଶୋଷିଥାଏ । ତେଣୁ ଗାଣିତ୍ୟିକ ହିସାବରେ ପୂରା ଶରୀରର ରକ୍ତ ଶୋଷିବାକୁ ହେଲେ ପାଖାପାଖି ୧୦ ଲକ୍ଷ ମଶାଙ୍କର ଆବଶ୍ୟକତା ରହିଛି । ଏଇ ଦୃଷ୍ଟିରୁ ଦେଖିଲେ ଗୋଟିଏ ବୁନ୍ଦା ରକ୍ତ ଶୋଷିବା ପାଇଁ ୫୦ ମଶା ଆବଶ୍ୟକ । ତେଣୁ ମଶା କାମୁଡ଼ାରେ ଆମ ଦେହରୁ ବେଶି ରକ୍ତ ଯାଏନାହିଁ । ଗଲେ ବି ସେ ରକ୍ତ ଅଳ୍ପ କେଇ ମୁହୂର୍ତ୍ତରେ ତିଆରି ହୋଇଯାଏ । ରକ୍ତଦାନ ଶିବିରରେ ଜଣକୁ ପାଖାପାଖି ୨୦୦ରୁ ୩୦୦ ମିଲିଲିଟର ରକ୍ତ ଦେବାକୁ ପଡ଼ିଥାଏ । ଏଇ ତୁଳନାରେ ମଶା ଯେତିକି ରକ୍ତ ଶୋଷେ ସେଥିରେ ମଣିଷର ଆଦୌ କିଛି କ୍ଷତି ହେବାର ସମ୍ଭାବନା ନାହିଁ । ହେଲେ ମଶା ଆମ ଶରୀରର ସବୁଠାରୁ ଦାମୀକା ଜିନିଷ ନେଇ ତା' ବଦଳରେ ସେ ଆମକୁ ଯାହା ଦେଇଯାଏ ତା'ର ଭରଣା କରିବା ବେଳେବେଳେ ସମ୍ଭବ ହୁଏନାହିଁ । ମଶା ଲହୁ ନିଏ, ଲୁହ ଦିଏ । ଶରୀରରେ ରୋଗ ସୃଷ୍ଟି କରି ଯମ ଦୁଆରକୁ ବାଟ କଢ଼ାଏ । ଏହାଠାରୁ ବଡ଼ ନିମକହାରାମୀ ଆଉ କ'ଣ ? ସେ ଆମ ରକ୍ତ ନେଇ ବଂଶ ବିସ୍ତାର କରି ଆମକୁ ନିର୍ବଂଶ କରେ ।

ଏଇ ଧରଣର କାର୍ଯ୍ୟକଳାପ ଆଉ କାହାଠାରେ ଦେଖିବାକୁ ମିଳିଥାଏ?

- ବୋଧହୁଏ ମଣିଷଠାରେ । ମଣିଷ ଯାହାଠୁ ନିଏ ତାକୁ ହିଁ ପାନେ ଦିଏ । ଏହାର କୋଟି କୋଟି ନମୁନା ଏ ଦୁନିଆରେ ରହିଛି । ସାଧାରଣ ଜୀବନଠୁ ନେଇ ବୈବାହିକ ଜୀବନ, ରାଜନୈତିକ ଜୀବନ, ସବୁଠି ମଶା କାମୁଡ଼ାର ଯନ୍ତ୍ରଣା ଏବଂ ପରିଣାମ । ଆମ ଭିତରୁ କେହି ନା କେହି କେବେ ନା କେବେ ମଶା କାମୁଡ଼ାର ଏହି ପ୍ରକ୍ରିୟାଟି ନିଶ୍ଚେ ଅନୁଭବ କରିଥିବେ । ତେଣୁ ମଶା ଯଦି ଖାଲି ରକ୍ତ ନେଇଯାଉଥାନ୍ତା ତା'ହେଲେ ସେ ଜାଗାଟା ଟିକେ କୁଣ୍ଡେଇ ହୁଅନ୍ତା କି ପୋଡ଼ନ୍ତା । ଏଇ ଜ୍ୱଳନ ସହିହେବ, କିନ୍ତୁ ମଶା କାମୁଡ଼ିବା ପରେ ଯାହା ହୁଏ ତା'ର ଚିକିତ୍ସା ବ୍ୟବସ୍ଥା ବେଳେବେଳେ ଡାକ୍ତରଙ୍କ କ୍ଷମତା ବାହାରକୁ ଚାଲିଯାଏ । ଠିକ୍ ମଣିଷ ଭଳି । ମଣିଷ ବେଳେ ବେଳେ ଉପକାରୀ ଲୋକକୁ ଏମିତି ଚୋଟ ଦିଏ ସେ ଚୋଟ ସମ୍ଭାଳିବା ସମ୍ଭବପର ହୁଏନାହିଁ । ବେଳେବେଳେ ଜୀବନ ଚାଲିଯାଏ । କ'ଣ ମୋ ତୁଳନାରେ କିଛି ଭୁଲ୍ ଅଛି?

ତେବେ ଏଠାରେ ସ୍ପଷ୍ଟ କରିଦେବା ଉଚିତ୍ ହେବ ଯେ ସବୁ ମଶା କାମୁଡ଼ିଲେ ରୋଗ ହୁଏନାହିଁ କି ସବୁ ମଶା ମଣିଷ ଦେହରୁ ରକ୍ତ ଶୋଷେ ନାହିଁ । ଠିକ୍ ସେମିତି ସବୁ ମଣିଷ ଉପକାରୀ ଲୋକର କ୍ଷତି କରନ୍ତି ନାହିଁ । କିଛି କିଛି ଲୋକଙ୍କର ଆଚରଣ ଦେଖିଲେ ମଶାର ଏ ପ୍ରକୃତି ମନେପଡ଼େ । ଆଉ ଲାଗେ ମଣିଷ ଠାରେ ବୋଧେ ମଶାର ପ୍ରକୃତି ରହିଛି । ସେତେବେଳେ ମନେହୁଏ ମଶା ଓ ମଣିଷ ଭିତରେ ବିଶେଷ କିଛି ପାର୍ଥକ୍ୟ ନାହିଁ ।

## ପ୍ରକୃତିର ନିୟମ କାହାକୁ ଛାଡ଼େ ନାହିଁ

ଦୀର୍ଘ ଦୁଇଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ଧରି ନିଜକୁ ଅପରାଜେୟ ଭାବୁଥିବା ନବୀନ ପଟ୍ଟନାୟକ ୨୦୨୪ ସାଧାରଣ ନିର୍ବାଚନରେ ଦୁଇଟିରୁ ଗୋଟିଏ ଆସନରେ ପରାଜୟ ବରଣ କଲେ । ଏଥିସହିତ ରାଜ୍ୟରେ ଶାସନ ପାଇଁ ଆସନ ମିଳିଲାନି ତାଙ୍କ ଦଳକୁ । ସଦ୍ୟ ଅନୁଷ୍ଠିତ ନୂଆପଡ଼ା ଉପନିର୍ବାଚନରେ ତାଙ୍କ ଦଳ ହାତରେ ଥିବା ଆସନ ଖାଲି ଯେ ବିଜେପି ପାଖକୁ ଚାଲିଗଲା ତା' ନୁହେଁ କଂଗ୍ରେସଠୁ ବି ପଛରେ ରହିଲେ ତାଙ୍କ ପ୍ରାର୍ଥୀ । ଏପରି ଶୋଚନୀୟ ପରାଜୟ ନବୀନବାବୁଙ୍କୁ ଭୀଷଣ ଆଘାତ ଦେଇନଥିବ? ଏହି ପ୍ରଶ୍ନ କରିଥିଲେ ଜଣେ ପ୍ରିୟଜନ ନୂଆପଡ଼ା ଉପନିର୍ବାଚନ ଫଳାଫଳ ଘୋଷଣା ପରେପରେ ।

ମୁଁ ତାଙ୍କ କଥାରେ ଅସମ୍ମତ ହେବାର କିଛି ନଥିଲା । ତେବେ ପାଲଟା ପଚାରିଲି- ୨୫ ବର୍ଷ ତଳେ ନିଜ ହାତଗଢ଼ା ଦଳର ଟିକେଟ୍

**ସତ କହିବାକୁ କିଆଁ ଡରିବି**

**ଅମ୍ବିକା ପ୍ରସାଦ ଦାସ**

**ନବୀନବାବୁଙ୍କର ଏବେ ପରିଣତ ବୟସ । ୨୦୨୪ରେ ବିଜେଡି ତାଙ୍କ ନେତୃତ୍ୱରେ କ୍ଷମତାଚ୍ୟୁତ ହେଲା, ୨୦୨୫ ଉପନିର୍ବାଚନରେ ଦଳ ତୃତୀୟ ସ୍ଥାନକୁ ଚାଲିଗଲା, ପାର୍ଲାମେଣ୍ଟରେ ଖାତା ବି ଖୋଲି ନପାରିବା ତାଙ୍କ ପାଇଁ ଯେ ନିଶ୍ଚେ ଯନ୍ତ୍ରଣାଦାୟକ ଏଥିରେ ସନ୍ଦେହ ନାହିଁ । ଏତିକି ବେଳେ ସେ ଟିକେ ପଛକଥା ଭାବିବା ଉଚିତ୍ । ତାଙ୍କ ଦ୍ୱାରା ଆଘାତପ୍ରାପ୍ତ ଲୋକମାନେ ଆଘାତ ପାଇଲା ବେଳେ କେତେ କଷ୍ଟ ପାଇ ନଥିବେ!!**

ନବୀନ ପଟ୍ଟନାୟକଙ୍କ ଦ୍ୱାରା ଅତର୍କିତ ଚୋଟ୍ ଖାଇଥିଲେ ବିଜୟ ମହାପାତ୍ର । ନାମାଙ୍କନ ଦାଖଲର ଶେଷ ମୁହୂର୍ତ୍ତରେ ଶ୍ରୀ ମହାପାତ୍ରଙ୍କ ପାଖରୁ ବିଜେଡି ଟିକେଟ୍ କାଢ଼ି ନେଇଥିଲେ

ପର୍ଯ୍ୟନ୍ତ ବଞ୍ଚିଥିଲେ ତାଙ୍କୁ ଯେଉଁ ପଦକ ବେଶୀ ଆଘାତ ଦେଉଥିଲା ତାହା ଥିଲା 'ଦୁର୍ନୀତିର ଛାଇ' । ନବୀନ ବାବୁଙ୍କ ଶାସନ କାଳରେ ତାଙ୍କ ଜୀବନଦୀପ ଲିଭିଗଲା, କିନ୍ତୁ

ଯିବା ଲାଗି କସରତ କରୁଥିଲେ । ନବୀନବାବୁଙ୍କ ଗାଦୀ କାଳେ ମାଡ଼ିବସିବେ ପ୍ରଚାର କରି ଦିନେ ବିଜୟ ମହାପାତ୍ର ଓ ନଳିନୀ ମହାନ୍ତିଙ୍କ ବିରୋଧରେ ଯେଉଁ

ହସ, ପେଟରେ ବିଷ ସ୍ୱଭାବ ନଥିଲା ତାଙ୍କର । ଯେଉଁ କାରଣରୁ ମୁଁ ଯେତେବେଳେ ତାଙ୍କୁ ପ୍ରଶ୍ନ କଲି, ସେ ତାକୁ ନ ଏଡାଇ ମୁହଁକୁ ତଳକୁ କରି ପଦେ କହିଥିଲେ- 'ମୋତେ ଲୁହାଗଲା' ।

ତାଙ୍କୁ କିଏ ବା କେଉଁମାନେ ଆମ ବିରୋଧରେ ପ୍ରବର୍ତ୍ତାଇଥିଲେ ସେ କଥା ଜାଣିବା ପାଇଁ ଆଉ ବାଧ୍ୟ କରିନଥିଲି ତାଙ୍କୁ ଏଇଥିପାଇଁ ଯେ, ସେ ଅଧିକ ଭାରାକ୍ରାନ୍ତ ନହୁଅନ୍ତୁ । ଆମ ଖବରକାଗଜ ପାଇଁ ତାଙ୍କଠାରୁ ସାକ୍ଷାତକାର ନେଇ ଫେରିଆସିଥିଲି ମୁଁ । ପରଦିନ 'ଓଡ଼ିଶା ଏକ୍ସପ୍ରେସ୍'ରେ ତାଙ୍କ ରଙ୍ଗିନ ଫଟୋ ଥାଇ ପୂରା ସାକ୍ଷାତକାର ପ୍ରକାଶ ପାଇଥିଲା ବିସ୍ତୃତ ଭାବେ । କେତେକ ଆମକୁ କହୁଥିଲେ- ନେତା, ଅଫିସର ତାଙ୍କ ପାଖ ମାଡୁନାହାନ୍ତି ତମେ ତାଙ୍କ ସାକ୍ଷାତକାର ପ୍ରକାଶ କରିବାର ରିସ୍କ ନେଉଛ କାହିଁକି?

ମହାଶୟ,

ଚମତ୍କାର ବିଶ୍ଳେଷଣ ।

**ନିରାକାର ଦାସ,**
ପୂର୍ବତନ ରେଳବାଇ ଅଧିକାରୀ

ମହାଶୟ,

ବହୁ ସୁନ୍ଦର ଉପସ୍ଥାପନା । ଆପଣଙ୍କ ଲେଖାର ମୁଁ ସବୁ ଘଟଣାରେ ମୂକ ସାକ୍ଷୀ । ବିଜୁ ଜନତା ଦଳର ଗଠନ, ପ୍ରମୋଦ ମହାଜନଙ୍କ ଆସିବା, ୧୯୯୯ ମହାବାତ୍ୟାରେ ପରିଚାଳନାତ୍ରୁଟି, ପ୍ୟାରୀ ମୋହନ ମହାପାତ୍ରଙ୍କ ସହାୟତା, ନଳିନୀ ବାବୁଙ୍କ କଥା ଆପଣଙ୍କ କାଗଜ ବିଷୟ ତଥା ଓଡିଶାର ସମସ୍ତ ବିଷୟ ବହୁତ ସମୟରେ ପ୍ୟାରୀବାବୁ ଖୋଲାଖୋଲି କୁହନ୍ତି ତାଙ୍କର ପାଖରେ କୌଣସି ଲୁକ୍କାୟିତ ନଥିଲା । ସେ ବହୁତ ପରିଶ୍ରମ କରୁଥିଲେ । ଜ୍ୟୋତିବାବୁଙ୍କ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ରେକର୍ଡକୁ ବିଜୁ ଜନତା ଦଳ ଭାଙ୍ଗିବା ପାଇଁ ସେ ୨୦୦୨ ମସିହାରୁ ଲାଗିଥିଲେ । ସେହି ଅନୁସାରେ କାମ କରୁଥିଲେ । ମୋତେ ବହୁତ ଭଲ ପାଇବା ମୁଁ ଅନୁଭବ କରିଛି ।୧୯୭୪ ମସିହାରେ ଜିଲ୍ଲାପାଳ କେନ୍ଦୁଝର ସମୟରୁ ।

ଲେଖାଟି ବହୁତ ସୁନ୍ଦର ଇତିହାସ । ମୁଁ ଦିଲ୍ଲୀରେ ବହୁ ସମୟ ତାଙ୍କର ସହିତ ଆଲୋଚନା କରିବା ପାଇଁ ସୁଯୋଗ ପାଇଥିଲି ।

**କୃପାନିଧି ବିଶ୍ୱାଳ**, ଭୁବନେଶ୍ୱର

ମହାଶୟ

'ପ୍ରକୃତିର ନିୟମ କାହାକୁ ଛାଡେ ନାହିଁ' ଆଲେଖ୍ୟଟି ସଂପୂର୍ଣ୍ଣ ବାସ୍ତବ ଚିତ୍ରକୁ ଲୋକଲୋଚନକୁ ଆଣିଛନ୍ତି। କେବଳ ପାୱାର ଓ ପଇସା ବଳରେ ବେଇମାନୀ ବୁଝିପାରେ ନାହିଁ ଅନ୍ୟକୁ ଦେଇଥିବା ଆଘାତ କେତେ ଯନ୍ତ୍ରଣାଦାୟକ ହୋଇଥିବ। ପ୍ରକୃତିର ନିୟମ ପ୍ରକୃତ ସମୟରେ ହିଁ ଜବାବ ଦିଏ। ଏହା ସତ୍ୟ ଯେ ଭାଗ୍ୟବାନ ଲୋକ ତା' ଜୀବନକାଳରେ ଏହି ଅନୁରୂପ ଫଳ ଦେଖିବାର ସୁଯୋଗ ପାଏ। ବୀଣାପାଣି ଚୌଧୁରୀ ଭୁବନେଶ୍ୱର

ମହାଶୟ,

ଆପଣା କଲା କର୍ମମାନ, ବେଳୁ ହୋଇବ ସାବଧାନ । ଶାସନ ଗାଦିରେ ବସି, ନିରଙ୍କୁଶ କ୍ଷମତା ଉପଭୋଗ କରିବା ପାଇଁ ନବୀନ ବାବୁ ଯାହା ଯାହା ଠାରୁ ଉପକାର ପାଇଥିଲେ, ଅତି ନିଷ୍ଠୁର ଭାବରେ ସେହି ସମସ୍ତଙ୍କର ମୂଳୋତ୍ପାଟନ କରିଥିଲେ । ସେମାନଙ୍କର ଯନ୍ତ୍ରଣା ସେତେବେଳେ ହୁଏତ ସେ ଅନୁଭବ କରିପାରି ନଥିବେ । କିନ୍ତୁ ଆଜି ଯେତେବେଳେ ତାଙ୍କ ଆଖି ଆଗରେ ଦୀର୍ଘ ଚବିଶ ବର୍ଷର ବିରାଟ ସାମ୍ରାଜ୍ୟ ଖଣ୍ଡ ଖଣ୍ଡ ହୋଇ ଭୁଶୁଡ଼ିବାରେ ଲାଗିଛି ସେତେବେଳେ ସେ ନିଶ୍ଚିତ ଭାବରେ ସେହି ସବଳ ଓ ନିଃସ୍ୱାର୍ଥପର ବନ୍ଧୁ/ସେବକମାନଙ୍କ କଥା ମନେ ପକାଉଥିବେ, ଯେଉଁମାନେ ଦିନ ରାତି ଏକାକାର କରି ତାଙ୍କୁ କ୍ଷମତାସୀନ କରିବାରେ ପ୍ରମୁଖ ଭୂମିକା ନିଭାଇ ଥିଲେ । ଅନ୍ୟ ପାଇଁ ଗାତ ଖୋଳିଲେ, ନିଜେ ସେହି ଗାତରେ ପଡ଼ିବ, ଯେଉଁ କର୍ମ ମଞ୍ଜି ବୁଣିବ, ସେହି କର୍ମ ଫଳ ନିଜେ ଅମଳ କରିବ,ଏହା ପ୍ରକୃତିର ନିୟମ, ଏଥିରୁ କେହି ବାଦ୍ ଯାଇନାହାନ୍ତି କି ଯାଇ ପାରିବେ ନାହିଁ । କିନ୍ତୁ ନିଜ ସ୍ୱାଭିମାନ ଜଳାଞ୍ଜଳି ଦେଇ ସେହି କୃତଘ୍ନ ବ୍ୟକ୍ତି ନିକଟରେ ଆତ୍ମସମର୍ପଣ କରିବା କେତେଦୂର ଯୁକ୍ତିଯୁକ୍ତ ତାହା ସମୟ କହିବ ।

**କୈଳାସ ଚନ୍ଦ୍ର ସାମନ୍ତରାୟ,**
ଅନ୍ତେଇ, ପାଟକୁରା

# କୋଠା ଗଢିପାରିନଥିଲେ ଗଢିଥିଲେ କିଛି ଭଲମଣିଷ



**ଚିଙ୍କି ମହାକାଳି ଚକୁଳି**

**ସମରେନ୍ଦ୍ର ବଳିଆରସିଂହ**

ସେ ଥିଲେ ଜଣେ ଋଷିପ୍ରତିମ ମଣିଷ। ହାଇସ୍କୁଲ ଶିକ୍ଷକ ଭାବେ ତାଙ୍କର ପେଶାଗତ ଜୀବନ ଆରମ୍ଭ ହେଇଥିଲା ଆଉ ସରିଥିଲା ପ୍ରାଇମେରୀ ସ୍କୁଲର ହେଡମାଷ୍ଟର ଭାବେ। ଖାଲି କ'ଣ ଶିକ୍ଷକତାର ଏଇ ପେଶା ଭିତରେ ସେ ସୀମିତ ହେଇଯାଇଥିଲେ? ନାଁ, ତାଙ୍କ ସୀମା ଥିଲା ସୀମାତୀତ... ନିଶା ଥିଲା ପରୋପକାର, ଦୁଃଖୀରଂକିଙ୍କ ସାହାଯ୍ୟ। ତାଙ୍କ ଦୟା ଓ ଆତ୍ମୀୟତାରେ ନ ଥିଲା ଲୋକଦେଖାଣିଆଭାବ, ନଥିଲା କିଛି ପାଇବାର ଆଶା, ନଥିଲା କିଛି ହରେଇବାର ଗ୍ଳାନି । ହଁ, ସିଏ ଥିଲେ ଦୀନବନ୍ଧୁ ସାହୁ ...ଆଦର୍ଶ ଶିକ୍ଷକତା ପାଇଁ ସେ ପାଇଥିଲେ ରାଜପାଳ ପୁରସ୍କାର। ଶହୀଦନଗର ପ୍ରାଇମେରୀ ସ୍କୁଲରେ ହେଡମାଷ୍ଟର ଥିବାବେଳେ ଝିଅଟିଏ ଅପହୃତା ହୋଇଥିଲା ଆଉ ତାକୁ ଉଦ୍ଧାର କରିବାରେ ଦୀନବନ୍ଧୁ ବାବୁଙ୍କର ଥିଲା ମୁଖ୍ୟ ଭୂମିକା। ...ପୁଲିସ ସହ ଯୋଗାଯୋଗ ରଖି ବେଶ୍ ସାହସିକତାର ସହ ତ୍ୱରିତ ପଦକ୍ଷେପ ନେବା ଯୋଗୁଁ ଛାତ୍ରୀ ଜଣକୁ ଅପହର୍ତ୍ତାମାନଙ୍କ କବଳରୁ ରକ୍ଷା କରାଯାଇପାରିଥିଲା। ସେଇ ସମୟରେ ମିଳିଥିଲା ତାଙ୍କୁ ରାଜ୍ୟପାଳଙ୍କ ପୁରସ୍କାର ।...ତାଙ୍କ ଦୁଃସାହସର ଆଉ ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଥିଲା, ସେ ସେତେବେଳେ ରାଜଧାନୀର ଚକେଇସିହାଣୀ ସ୍କୁଲରେ ଥିଲେ। ସ୍କୁଲ ପିଲାଙ୍କୁ ନେଇ ଖୋର୍ଦ୍ଧା ବରୁଣେଇ ପିକନିକରେ ଯାଇଥିବାବେଳେ ପାହାଡ଼ ଉପରେ କିଛି ମହୁଆଙ୍କ ହାବୁଡ଼ରେ ସେମାନେ ପଡ଼ିଲେ। ମହୁଆମାନେ ଅଡ଼ିବସିଲେ, ଆମେ ପିଲାଙ୍କୁ ଭୋଗ ଖୁଆଇବୁ ।...ଦୀନବନ୍ଧୁ ବାବୁ ଉତ୍ତର ଦେଲେ, ଠିକ୍ ଅଛି, ମତେ ଭୋଗ ଦିଅ, ଆଗ ମୁଁ ଖାଇବି, ତା' ପରେ ପିଲାମାନେ ଖାଇବେ। ..ହେଲେ ମହୁଆଙ୍କ ଜିଦ୍, ସେମାନେ ପିଲାଙ୍କୁ ଖୁଆଇବେ। ...ଯୁକ୍ତିତର୍କ ଚାଲିଲା, ହେଲେ ଦୀନବନ୍ଧୁ ବାବୁ ଅଟଳ ହେଇ ସେମାନଙ୍କର ମୁକାବିଲା କଲେ ଏବଂ ମହୁଆମାନଙ୍କୁ ସେଠୁ ବିଦା କଲେ। ଜଣେ ଆଦର୍ଶ ଶିକ୍ଷକ ଭାବେ ଶହ ଶହ, ହଜାର ହଜାର ପିଲାଙ୍କୁ ମଣିଷ ପରି ମଣିଷଟିଏ କରିବାକୁ ଦୀନବନ୍ଧୁ ବାବୁ ଅହରହ ପରିଶ୍ରମ କରୁଥିଲେ। ...ପିଲାଙ୍କୁ କହୁଥିଲେ, 'ଭଲ ମଣିଷ ହୁଅ, କାହାର ଅମଙ୍ଗଳ କରନି, କାହାକୁ କଷ୍ଟ ଦିଅନି'। ଖାଲି କ'ଣ ପଢଉଥିଲେ ସିଏ ଗୀତ ଲେଖୁଥିଲେ, ଗୀତ ଗାଉଥିଲେ, ଚିତ୍ର ଆଙ୍କୁଥିଲେ, ନାଟକ ଲେଖୁଥିଲେ, ଅଭିନୟ ଆଉ ନିର୍ଦ୍ଦେଶନା ଦଉଥିଲେ, ତାବ୍ଲା, ଡଫ୍ଲୀ, ପଖଜ, ହାର୍‌ମୋନିୟମ୍ ବି ବଜଉଥିଲେ। ...ନାଇଁ ତାଲିକା ସେତିକିରେ ସରିନାହିଁ ଘଣ୍ଟା, କ୍ୟାମେରା, ରେଡିଓ, ଟେପ୍‌ରେକର୍ଡର, ଟିଭି, ଫ୍ରିଜ୍.. ସବୁକିଛିର ମରାମତି ବି ସେ ନିଜେ କରିଦଉଥିଲେ। ..ଭଲ ଫଟୋ ବି ଉଠେଇପାରୁଥିଲେ...

ତାଙ୍କ ବେଶଭୂଷା ଥିଲା ଋଷିପ୍ରତିମ... ଶ୍ମଶ୍ରୁବର୍ଦ୍ଧିତ ମୁଖମଣ୍ଡଳରେ ଥିଲା ତାଙ୍କର ଦିବ୍ୟକାନ୍ତି। ଧୋତି ସାଙ୍ଗକୁ କୁର୍ତ୍ତା । ପରିଧେୟ ଯେମିତି ଶୁଭ୍ର, ମନ ସେମିତି ଶୁଭ୍ର ଆଉ ସରଳ। ...ଦିନକର ଘଟଣା: ବଜାର ସଉଦା କରିବାକୁ ଯାଇଥିଲେ ଦୀନବନ୍ଧୁ।...ଫେରିଲା ବେଳକୁ ସାଙ୍ଗରେ ଜଣେ ଆସିଛନ୍ତି, ବେଶଭୂଷାରୁ ଆଗନ୍ତୁକଙ୍କ ଦାରିଦ୍ର୍ୟତା ସ୍ପଷ୍ଟ ହେଇଯାଉଥିଲା। ପତ୍ନୀଙ୍କୁ କହିଲେ, ୟାଙ୍କ ପାଇଁ ଖାଇବାକୁ ବାଡ଼। ...ଦୁହେଁ ବସି ଖାଇଲେ, ଆଉ ତା'ପରେ ପତ୍ନୀଙ୍କୁ କହିଲେ ୟାଙ୍କୁ ଅଢେଇଶହ ଟଙ୍କା ଦିଅ।...ଏଥର ପତ୍ନୀ ପଚାରିଲେ, ଇଏ କିଏସେ?...ଅଢେଇଶହ ଟଙ୍କା କାହିଁକି ଦିଆଯିବ?...ସେଠୁ ଦୀନବନ୍ଧୁ ବାବୁ କହିଲେ, ଇଏ ବଜାରରେ ଭେଟହେଲେ, ତାଙ୍କର କିଛି ଟଙ୍କା ଦରକାର ଅଛି। ...ସେଇଥିପାଇଁ ତାଙ୍କୁ ଘରକୁ ଡାକିଆଣିଲି...ପତ୍ନୀ କହିଲେ, ଇଏ ସତ କହୁଛନ୍ତି ବୋଲି କେମିତି ଜାଣିଲ?...ଦୀନବନ୍ଧୁ ବାବୁଙ୍କ ଉତ୍ତର ଥିଲା, ହଁ, ଇଏ ସତ କହୁଛନ୍ତି, ମୋ ଆତ୍ମା କାଇଁ ଡାକୁଚି, ତାଙ୍କର ଦରକାର, ଜଲଦି ଟଙ୍କା ଦେଲ। ...ପାଠକେ, ଏମିତି ଘଟଣା ଥରେ, ଦି ଥର ନୁହଁ, ଶହ ଶହ ଥର ହେଇଚି ଦୀନବନ୍ଧୁ ବାବୁ ଓ ତାଙ୍କ ପରିବାରସଦସ୍ୟଙ୍କ କ୍ଷେତ୍ରରେ। ଆଉ ଏଭଳି ଘଟଣାମାନଙ୍କୁ ନେଇ ପରିବାରରେ ମନାନ୍ତର ହେଇଚି। ...ବେଳେବେଳେ ଭିକାରୀମାନଙ୍କୁ ଘରକୁ ଡାକି ଆଣି ପେଟେ ଖୁଆନ୍ତି ଆଉ ଟଙ୍କା କିଛି ଦେଇ ଛାଡନ୍ତି। ...ବନ୍ଧୁବାନ୍ଧବ, ସାଙ୍ଗସାଥୀ, ପାଖପଡ଼ୋଶୀ, ଚିହ୍ନାଜଣା... ଯିଏ ଯେତେବେଳେ ଟଙ୍କା ମାଗନ୍ତି, ଦେଇଦିଅନ୍ତି। ...ଶହ ଶହ ଟଙ୍କା ନୁହଁ, ହଜାର ହଜାର ଟଙ୍କା ସିଏ ଏମିତି ଦାନ କରିଦେଇଛନ୍ତି। ...ଅନେକ ତାଙ୍କର ଏଭଳି ଦାନଶୀଳତାରୁ ବେଶ୍ ଫାଇଦା ମାରିଛନ୍ତି। ...ଟଙ୍କା ଧାର ନେଇଛନ୍ତି ଆଉ ଫେରେଇନାହାନ୍ତି କି ଦୀନବନ୍ଧୁ ବାବୁ ସେ ଟଙ୍କା ଫେରିପାଇବାକୁ କେବେ ଆଶା ରଖିନାହାନ୍ତି। ...ଚାକିରି ସରିଲା ବେଳକୁ ଆର୍ଥିକ ଅବସ୍ଥା ଏମିତି ହେଇଚି ଯେ, ଘର କରିବାକୁ ଆଶାନୁରୂପ ଅର୍ଥ ପାଖରେ ନାହିଁ। ...ଅର୍ଥ ନ ଥାଉ ପଛେ, ଦୁଇ ପୁଅ ଆଉ ଗୋଟିଏ ଝିଅକୁ ମଣିଷ କରିଦେଇଛନ୍ତି। ...ସେମିତି ତାଙ୍କୁ ମଣିଷ କରିଥିଲେ ବାପା ସ୍ୱାଧୀନତା ସଂଗ୍ରାମୀ ଧୋବେଇ ସାହୁ। ଅନୁଗୁଳ ନନ୍ଦପୁର ଅଞ୍ଚଳର ଏଇ ସଂଗ୍ରାମୀ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନବକୃଷ୍ଣ ଚୌଧୁରୀ, ପବିତ୍ର ମୋହନ ପ୍ରଧାନ ଓ ନିଜ ଗାଁର ଦୁର୍ଗାଚରଣ ପ୍ରଧାନ ଓ କାଳିଆ ବେହେରା ପ୍ରମୁଖଙ୍କ ସହ ମିଶି ଇଂରେଜ ସରକାର ବିରୋଧରେ ଲଢେଇ କରିଥିଲେ। ...ବହୁବାର ଜେଲ୍ ବି ଯାଇଥିଲେ। ଚୌଦ୍ୱାର, ଅନୁଗୁଳ ଓ ପାଟନା ଜେଲ୍‌ରେ ବହୁବର୍ଷ ବନ୍ଦୀ ଜୀବନ କଟେଇଛନ୍ତି ସେ। ...ତାଙ୍କରି ପ୍ରଭାବ ପଡ଼ିଥିଲା ପିଲାମାନଙ୍କ ଉପରେ। ...ତିନିପୁଅ ଶିକ୍ଷକ ଦ୍ୱିତୀୟ ପୁଅ ଦୀନବନ୍ଧୁଙ୍କ ସମେତ ବଡ଼ପୁଅ ଓ ସବାସାନ ପୁଅ ଶିକ୍ଷକ ହେଲେ, ଆଉ ଜଣେ ଫରେଷ୍ଟର ହେଲେ ।

ଦୀନବନ୍ଧୁ ବାବୁ ଭାରି ପଶୁପକ୍ଷୀପ୍ରେମୀ ଥିଲେ। ଘରେ ବହୁସଂଖ୍ୟାରେ ବିଲେଇ, କୁକୁର ଆଉ ବିଭିନ୍ନ ରକମର ଚଢେଇ ପାଳନରେ ତାଙ୍କର ବେଶ୍ ସଉକ ଥିଲା। ପଶୁପକ୍ଷୀଙ୍କ ପାଇଁ ଘରୁ ଆଉ ବାହାରୁ ବିରୋଧରୁ ସମ୍ମୁଖୀନ ହେଇଥିଲେ ବି ସେଥିରୁ ସେ ବିରତ ରହିନାହାନ୍ତି। ସବୁବେଳେ କୁହନ୍ତି, ପଶୁପକ୍ଷୀଙ୍କର ବି ଆମ ଭଳି ଜୀବନ ଅଛି, ମଣିଷକୁ ସ୍ନେହ, ଶ୍ରଦ୍ଧା କରିବା, ସେମାନଙ୍କୁ କରିବାନି। ...କେବଳ ଘରେ ପାଳୁଥିବା ପଶୁପକ୍ଷୀ ନୁହଁ, ବାଟରେ ଘାଟରେ ବି ପଶୁପକ୍ଷୀଙ୍କ ଶ୍ରଦ୍ଧା। ...ସେଇ କାରଣରୁ ପଡ଼ୋଶୀମାନଙ୍କ ରୋଷଭାଜନ ହୋଇଥିଲେ। ବୁଲାକୁକୁରଙ୍କୁ ଖାଇବାକୁ ଦେଉଥିବା ହେତୁ ଏକଦା ପଡ଼ୋଶୀମାନେ ସେଇ କୁକୁରମାନଙ୍କ ଖାଇବାରେ ବିଷ ଦେଇଦେଇଥିଲେ। କିଛି ସମୟ ପରେ ଖବର ପାଇ ସେଠି ପହଞ୍ଚିଲେ ଦୀନବନ୍ଧୁ ବାବୁ। ...କିଛି କୁକୁର ମରିକି ପଡ଼ିଥିଲେ। ସଂଭାଳି ନପାରି ବିଷ ଖାଇ ଯନ୍ତ୍ରଣାରେ ଛଟପଟ ହଉଥିବା ଗୋଟେ ଛୁଆ କୁକୁରକୁ ଧରିପକେଇଲେ... ପାଗଳପ୍ରାୟ ସେଇ କୁକୁରଟି ତାଙ୍କ ହାତକୁ କାମୁଡ଼ିଦେଇଥିଲା। ..ଏଇଭଳି ଘଟଣା ଅନେକ ଥର ଘଟିଚି, ଆଉ ସେସବୁର ବାରମ୍ବାର ପୁନରାବୃତ୍ତି ବି ଘଟିଚି। ଅନୁସୂଚୀନ ଜାତି, ଜନଜାତି ବର୍ଗର ଲୋକମାନଙ୍କୁ ଭାରି ଭଲ ପାଉଥିଲେ ଦୀନବନ୍ଧୁ ବାବୁ। ଅନେକ ସମୟରେ ରାସ୍ତାରେ ବୁଲୁଥିବା କିମ୍ବା ସ୍କୁଲରେ ପଢୁଥିବା ହରିଜନ ପିଲାମାନଙ୍କୁ ଘରକୁ ଆଣି ସେମାନଙ୍କୁ ଖୁଆଇପିଆଇ ଛାଡୁଥିଲେ। ଗାଁରେ ପଛୁଆ ବର୍ଗର ଲୋକମାନଙ୍କୁ ଭାରି ଶ୍ରଦ୍ଧା କରୁଥିଲେ। ...ଏ କ୍ଷେତ୍ରରେ ସ୍ୱାଧୀନତା ସଂଗ୍ରାମୀ ବାପାଙ୍କ ପ୍ରଭାବ ବେଶ୍ ପଡ଼ିଥିଲା। ...କାରଣ ଗାନ୍ଧିଜୀଙ୍କ ଆହ୍ୱାନରେ ସଂଗ୍ରାମୀମାନେ ସେତେବେଳେ ଛୁଆଁଅଛୁଆଁର ଭେଦଭାବ ଦୂର କରିବାକୁ ପ୍ରୟାସ କରୁଥିଲେ। ଦୀନବନ୍ଧୁ ବାବୁ ଭଲ ଚିତ୍ର ଉତ୍ତୋଳନ କରୁଥିଲେ। ଆଦିବାସୀ ଅଞ୍ଚଳ ବୁଲି ସେମାନଙ୍କର ପରମ୍ପରା, ସଂସ୍କୃତି ଓ ସମସ୍ୟା ସହ ପରିଚିତ ହେଉଥିଲେ। ଅନେକ ସମୟରେ ସେଇ ଚିତ୍ରକୁ ନେଇ ବୃତ୍ତଚିତ୍ର ମଧ୍ୟ ପ୍ରସ୍ତୁତ କରୁଥିଲେ। ..ଏଥିପାଇଁ ରାଜଧାନୀରେ ଷ୍ଟୁଡ଼ିଓଟିଏ ମଧ୍ୟ କରିଥିଲେ।

ଏପ୍ରିଲ ପହିଲା ୧୯୪୭ ମସିହାରୁ ୩୦ ନଭେମ୍ବର ୨୦୧୨: ମାତ୍ର ୬୫ ବର୍ଷ ଥିଲା ଦୀନବନ୍ଧୁଙ୍କ ଆୟୁ। ଏଇ ଆୟୁ ଭିତରେ ନିଜକୁ ନିଃସ୍ୱ କରି ସେ ବହୁତ କିଛି ଦେଇଛନ୍ତି ଏ ସମାଜକୁ। ଠିକଣା ବାଟରେ ଏ ସମାଜକୁ ଚଳେଇବା ପାଇଁ ବହୁ ଭଲ ମଣିଷ ସେ ତିଆରି କରିଛନ୍ତି ବହୁ ଅଭାବୀ, ଗରିବ, ଦୁଃଖୀରଂକିଙ୍କ ଅକାତରେ ସାହାଯ୍ୟ କରିଛନ୍ତି। ରେଢାଖୋଲର ପବିତ୍ର ମୋହନ ହାଇସ୍କୁଲରୁ ଶିକ୍ଷକତା ଆରମ୍ଭ କରି ତା'ପରେ ସେ ଆସିଥିଲେ ରାଜଧାନୀର ଡି.ଏମ୍. ସ୍କୁଲ, ୟୁନିଟ୍-୯ ଓଏସସିବି ପ୍ରାଇମେରୀ ସ୍କୁଲ, ଚକେଇସିଆଣୀ ପ୍ରାଇମେରୀ ସ୍କୁଲ, ୟୁନିଟ୍-୨ ପ୍ରାଇମେରୀ ସ୍କୁଲ, ଆଇଆରସି ଭିଲେଜ ପ୍ରାଇମେରୀ ସ୍କୁଲ ଆଉ ଶେଷରେ ଶହୀଦନଗର ପ୍ରାଇମେରୀ ସ୍କୁଲରୁ ପ୍ରଧାନଶିକ୍ଷକ ଭାବେ ଅବସର ଗ୍ରହଣ। ...ପେଶା ଆଉ ନିଶାରେ ବନ୍ଧ ବାନ୍ଧି ଦୀନବନ୍ଧୁ ଦେଖେଇଦେଇଯାଇଛନ୍ତି, ଭଲ ମଣିଷ କେମିତି ହୁଅନ୍ତି। ...ଦୀନବନ୍ଧୁ ବାବୁ ନିଜ ଜୀବନରେ ଗାଡ଼ିଘୋଡ଼ା କରିପାରିନଥିଲେ, କୋଠାଫୋଠା ଗଢିପାରିନଥିଲେ ହେଲେ ଗଢିଥିଲେ କିଛି ଭଲମଣିଷ, ଶିଖେଇଯାଇଥିଲେ ମଣିଷପଣିଆ କ'ଣ, ଜୀବନ କ'ଣ!

*ବକ୍ସି ଜଗବନ୍ଧୁ ନଗର, ଖୋର୍ଦ୍ଧା*
*ମୋ. ୮୨୪୯୭୬୭୦୯୯*

ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ




# ଏଡ୍ସର ଭୟ

**ଏଡ୍ସ୍ । ଏହି ଡର ସଭିଙ୍କୁ । ଗର୍ଭସ୍ଥ ଶିଶୁଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ । ମଙ୍ଗଳରେ କୋବି ଚାଷ କରିବାକୁ ସ୍ୱପ୍ନ ଦେଖୁଥିବା ବୈଜ୍ଞାନିକମାନେ ମଧ୍ୟ ଏଡ୍ସ୍ ନିରାକରଣ ପାଇଁ ଏଯାଏଁ ମେଡ଼ିସିନ୍ ଆବିଷ୍କାର କରିବାରେ ସଫଳତା ପାଇପାରିନାହାନ୍ତି । ଗତ ଦୁଇଦଶନ୍ଧି ଧରି ଏହା ବିଶ୍ୱବାସୀଙ୍କୁ ଚିନ୍ତାରେ ପକାଇଥିଲେ ମଧ୍ୟ ବ୍ୟାପକ ସଚେତନତା ଯୋଗୁଁ ଏହାକୁ ନିୟନ୍ତ୍ରଣ କରାଯାଇପାରିଛି । ନିକଟରେ ସଚେତନତା ଦ୍ୱାରା ଏହି ରୋଗର ନିରାକରଣ ଅପେକ୍ଷା ପ୍ରତିଶେଧକ ଅଧିକ ପରିମାଣରେ ହୋଇପାରିଛି।**




ସ୍ୱେଚ୍ଛାକୃତ ଭାବେ ଏଚଆଇଭି ଏଡ୍ସ୍ ପରୀକ୍ଷା ପାଇଁ ଆଜିର ଯୁବପିଢ଼ି ଚାହୁଁଥିଲେ ମଧ୍ୟ ସମାଜରେ ଏନେଇ ପ୍ରତିକୂଳ ଧାରଣା ସୃଷ୍ଟି ହେବାର ଆଶଙ୍କା କାରଣରୁ ସେମାନେ ପରୀକ୍ଷା କରିପାରୁନାହାନ୍ତି । ତେଣୁ ନିଦାନ ଓ ଔଷଧ ସେବନ ଅଭାବରୁ ସେମାନେ ମୃତ୍ୟୁମୁଖରେ ପଡୁଥିବା ଦେଖିବାକୁ ମିଳୁଛି ବୋଲି ୟୁନିସେଫ୍ ପ୍ରକାଶ କରିଛି । ସେହିପରି ଡ୍ରଗ୍ ... ମାନେ ଅଶୋଧିତ ଛୁଞ୍ଚିରେ ସାଙ୍ଗମାନଙ୍କ ମଧ୍ୟରେ ନିଶା ସେବନ କରୁଥିବାରୁ ଏଡ୍ସ୍ର ଆଶଙ୍କା ବହୁଗୁଣା ବୃଦ୍ଧି ପାଇଛି । ଏହାକୁ ଆଖିଆଗରେ ରଖି ସଚେତନତା ବୃଦ୍ଧି କରିବା ପାଇଁ 'ହୁ' ଏବଂ 'ନାକୋ' ପକ୍ଷରୁ ଚେଷ୍ଟା କରାଯାଉଛି।

**ବି**ଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଠାରୁ ଆରମ୍ଭ କରି ଜାତୀୟ ଏଡ୍ସ୍ ନିୟନ୍ତ୍ରଣ ସଂଗଠନ (ନାକୋ) ଏବଂ ଓଡ଼ିଶା ରାଜ୍ୟ ଏଡ୍ସ୍ ନିୟନ୍ତ୍ରଣ ସଂଗଠନ (ଓସାକ୍) ଭଳି ସରକାରୀ ଅନୁଷ୍ଠାନ ଓ ବେସରକାରୀ ସଂଗଠନର ମିଳିତ କାର୍ଯ୍ୟକ୍ରମ ଯୋଗୁଁ ଭୟ ଉଦ୍ରେକକାରୀ ଏଡ୍ସ କବଳରୁ ମାନବ ସମାଜକୁ ମୁକ୍ତ ରଖାଯାଇପାରିଛି । ପ୍ରାରମ୍ଭିକସ୍ତରରେ ଏଡ୍ସ୍ ସଚେତନତା ମହିଳା ଓ ପୁରୁଷ ଯୌନ କର୍ମୀ, ଟ୍ରକ ଡ୍ରାଇଭର ଓ ହିଞ୍ଜଡ଼ାମାନଙ୍କୁ ସଚେତନତା ସୃଷ୍ଟି କରିବାରେ ସଫଳତା ମିଳିଥିଲେ ମଧ୍ୟ ଏବେ ବି ଏଡ୍ସ୍ର ପ୍ରାଦୁର୍ଭାବରେ ହ୍ରାସ ପରିଲକ୍ଷିତ ହୋଇନାହିଁ । ଆଉ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ବିଶେଷକରି କିଶୋର ଓ ନିଶାସକ୍ତ ଯୁବକମାନେ ଏବେ ଏଡ୍ସ୍ ଫାଶରେ ପଡ଼ିଥିବା ଦେଖିବାକୁ ମିଳିଛି । ଯାହାକୁ ଆଖିଆଗରେ ରଖି କିଶୋରଙ୍କୁ ଏନେଇ ସଚେତନତା କରିବା ଦିଗରେ 'ହୁ' ଗୁରୁତ୍ୱାରୋପ କରିଛି ।




**ବର୍ତ୍ତମାନ ଏଡ୍ସ୍ ନିରାକରଣର ମୁଖ୍ୟ ଲକ୍ଷ୍ୟ ରହିଛି :** ଆଉ ଜଣକୁ ବି ଏଡ୍ସ୍ ଆକ୍ରାନ୍ତ ହେବାକୁ ଦିଆଯିବ ନାହିଁ, କୌଣସି ଏଡ୍ସ୍ ଆକ୍ରାନ୍ତଙ୍କୁ ଭେଦଭାବର ଶିକାର ହେବାକୁ ଦିଆଯିବ ନାହିଁ କି ଏଡ୍ସ୍ ଆକ୍ରାନ୍ତଙ୍କୁ ମରିବାକୁ ଦିଆଯିବ ନାହିଁ । ତେବେ ଚଳିତବର୍ଷ ବିଶ୍ୱ ଏଡ୍ସ ଦିବସ ଅବସରରେ କିଶୋରମାନଙ୍କୁ ସଚେତନତା ଉପରେ ଅଧିକ ଗୁରୁତ୍ୱାରୋପ କରାଯାଇଛି । 'ହୁ'ର ତଥ୍ୟ ଅନୁଯାୟୀ ବିଶ୍ୱରେ ବର୍ତ୍ତମାନ ପ୍ରାୟ ୪ କୋଟି ଲୋକ ଏଚଆଇଭି ଏଡ୍ସରେ ଆକ୍ରାନ୍ତ ହୋଇଥିବା




ଜଣାପଡ଼ିଛି । କିନ୍ତୁ ସେଥିମଧ୍ୟରୁ ୨୧ଲକ୍ଷ କିଶୋର ବି ଏଡ୍ସରେ ଆକ୍ରାନ୍ତ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ଅଳ୍ପ କିଛି ମାତୃଗର୍ଭରୁ ଏଡ୍ସ୍ର ଶିକାର ହୋଇଥିବାବେଳେ ଅଧିକାଂଶ କିନ୍ତୁ ପରବର୍ତ୍ତୀ ସମୟରେ ବିଭିନ୍ନ କାରକ ଯୋଗୁଁ ଏଡ୍ସ୍ ପଞ୍ଝାରେ ପଡ଼ି ଯାଇଛନ୍ତି । ବିଶେଷକରି ଅସୁରକ୍ଷିତ ଯୌନ ସମ୍ପର୍କ, ଡ୍ରଗ୍ ବ୍ୟବହାର ପାଇଁ ଏଭଳି ବିପଦ ଭିତରକୁ କିଶୋରମାନେ ଠେଲି ହୋଇଯାଉଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି । ନିକଟରେ ରାଜ୍ୟ ସରକାରଙ୍କ ବିଧାନସଭାରେ ପ୍ରଦତ୍ତ ତଥ୍ୟ ଅନୁଯାୟୀ ଓଡ଼ିଶାରେ ୩୩୫୧୫ଜଣ ଏଡ୍ସ୍ ରୋଗୀ ଚିହ୍ନଟ ହୋଇଛନ୍ତି । ସର୍ବଭାରତୀୟ ସ୍ତରରେ ଓଡ଼ିଶାର ସ୍ଥାନ ୧୪ରେ ରହିଛି । ସର୍ବାଧିକ ଏଡ୍ସ୍ ଆକ୍ରାନ୍ତ ରୋଗୀ ଗଞ୍ଜାମ ଜିଲ୍ଲାରେ ରହିଥିବା ବେଳେ ତାହା ପଛକୁ କଟକ ଓ ପରବର୍ତ୍ତୀ କ୍ରମାନ୍ୱୟରେ କୋରାପୁଟ, ସମ୍ବଲପୁର, ଖୋର୍ଦ୍ଧା, ଅନୁଗୁଳ ଓ ବାଲେଶ୍ୱର ଜିଲ୍ଲା ରହିଛି । ସେହିପରି ସର୍ବଭାରତୀୟ ସ୍ତରରେ ଏଡ୍ସ୍ ରୋଗରେ ସବୁଠୁ ଆଗରେ ରହିଛି ନାଗାଲାଣ୍ଡ ଓ ସବୁଠାରୁ କମ୍ ସ୍ଥାନରେ ରହିଛି କେରଳ । ୨୦୧୨ ସର୍ବେକ୍ଷଣ ଅନୁଯାୟୀ ସମଗ୍ର ଭାରତରେ ୧୦ ହଜାର ବ୍ୟକ୍ତିଙ୍କ ମଧ୍ୟରେ ୩୫ଜଣ ଏଡ୍ସ୍ ସଂକ୍ରମିତ ହୋଇଥିବାବେଳେ ଓଡ଼ିଶାରେ ଏହି ସଂଖ୍ୟା ୩୧ ।

୧୦ରୁ ୧୯ ବର୍ଷର କିଶୋରମାନଙ୍କ ମଧ୍ୟରେ ଏଡ୍ସ୍






ସଚେତନତାର ଅଭାବ, ରୋଗର ନିଦାନ ଓ ନିରାକରଣ ଦିଗରେ ଉପଯୁକ୍ତ ପରାମର୍ଶ ଦିଆଯାଇପାରୁ ନଥିବାରୁ କିଶୋରମାନେ ଅତ୍ୟନ୍ତ ବିପଦସଂକୁଳ ହୋଇପଡ଼ିଛନ୍ତି । ଯେଉଁଥିପାଇଁ ଏଡ୍ସ୍ ଆକ୍ରାନ୍ତ କିଶୋରମାନଙ୍କ ମଧ୍ୟରୁ ମୃତ୍ୟୁବରଣ କରୁଥିବା କିଶୋରଙ୍କ ସଂଖ୍ୟାରେ ୫୦% ବୃଦ୍ଧି ପରିଲକ୍ଷିତ ହୋଇଥିଲା। କିନ୍ତୁ ଧୀରେ ଧୀରେ ଏନେଇ ସଚେତନତା ସୃଷ୍ଟି କରାଯାଇଥିବାରୁ ଏହା ଏବେ ୩୦%କୁ ହ୍ରାସ ପାଇଛି। ତେବେ ଏହି ମୃତ୍ୟୁସଂଖ୍ୟାକୁ ଶୂନ୍ୟକୁ ଆଣିବା ପାଇଁ ବିଶେଷ ସଚେତନତାର ଆବଶ୍ୟକତା ରହିଛି ବୋଲି 'ହୁ' ପକ୍ଷରୁ କୁହାଯାଇଛି । ଯେଉଁ କିଶୋରୀ ଝିଅ ଓ ପୁଅମାନେ ଅସୁରକ୍ଷିତ ଯୌନ ସମ୍ପର୍କ ରକ୍ଷା କରୁଛନ୍ତି ସେମାନଙ୍କ କ୍ଷେତ୍ରରେ ଏହି ଆଶଙ୍କା ବେଶ୍ ବୃଦ୍ଧିପାଇଛି । ଖାଲି ସେତିକି ନୁହେଁ କିଶୋର ଓ କିଶୋରୀମାନେ ସ୍ୱେଚ୍ଛାକୃତ ଭାବେ ଏଚଆଇଭି ଏଡ୍ସ୍ ପରୀକ୍ଷା ପାଇଁ ଚାହୁଁଥିଲେ ମଧ୍ୟ ସମାଜରେ ଏନେଇ ପ୍ରତିକୂଳ ଧାରଣା ସୃଷ୍ଟି ହେବାର ଆଶଙ୍କା କାରଣରୁ ସେମାନେ ପରୀକ୍ଷା କରିପାରୁନାହାନ୍ତି । ତେଣୁ ନିଦାନ ଓ ଔଷଧ ସେବନ ଅଭାବରୁ ମୃତ୍ୟୁମୁଖରେ ପଡୁଥିବା ଦେଖିବାକୁ ମିଳୁଛି ବୋଲି ୟୁନିସେଫ୍ ପ୍ରକାଶ କରିଛି । ସେହିପରି ଡ୍ରଗ୍ ବ୍ୟବହାରକାରୀମାନେ ଅଶୋଧିତ ଛୁଞ୍ଚିରେ ସାଙ୍ଗମାନଙ୍କ ମଧ୍ୟରେ ନିଶା ସେବନ କରୁଥିବାରୁ ଏଡ୍ସ୍ର ଆଶଙ୍କା ବହୁଗୁଣା ବୃଦ୍ଧି ପାଇଛି । ଏହାକୁ ଆଖିଆଗରେ ରଖି ଚଳିତ ବର୍ଷ କିଶୋରମାନଙ୍କୁ ଅଧିକରୁ ଅଧିକ ସଚେତନତା କରିବା ଦିଗରେ 'ହୁ', ନାକୋ ସମେତ ଓସାକ୍ ମଧ୍ୟ ପଦକ୍ଷେପ ଗ୍ରହଣ କରିଛି । ବିଶ୍ୱ ଏଡ୍ସ୍ ଦିବସ ଅବସରରେ ସମସ୍ତଙ୍କ ଭିତରେ ଏଡ୍ସ୍ ପରି ଭୟାନକ ରାକ୍ଷସ ବିରୋଧରେ ମିଳିତ ଭାବେ ସଂଗ୍ରାମ କରିବା ପାଇଁ ବଜ୍ର ଶପଥର ସଂକଳ୍ପ ଦିବସ ହେଉ । ତେବେ ବଡ଼ ଖୁସିର କଥା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଏହି ଏଡ୍ସ୍ର ମୁକାବିଲା ପାଇଁ ବ୍ୟାପକ ଲୋକାଭିମୁଖୀ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ବିନା ସରକାରୀ ସହାୟତା ବା କୌଣସି ସଂଗଠନର ସାହାଯ୍ୟ ନନେଇ ବିଭିନ୍ନ ଅନୁଷ୍ଠାନ ବର୍ଷର ବିଭିନ୍ନ ସମୟରେ କାର୍ଯ୍ୟକ୍ରମ ହାତକୁ ନେଉଛି। ସମାଜରେ ଭୟାବହ କୁହାଯାଉଥିବା ଏଡ୍ସ୍ ଓ ହେପାଟାଇଟିସ୍ 'ବି' ଉଭୟ ସମ ଭାବରେ ସଂକ୍ରମଣ ହୁଅନ୍ତି । ଯାହାଦ୍ୱାରା ବିଶେଷକରି ଦାଦନମାନେ ବାହାର ରାଜ୍ୟକୁ ଯାଉଥିବାରୁ ତଥାକଥିତ ଅଞ୍ଚଳରେ ଦାଦନମାନଙ୍କ ଦ୍ୱାରା ଏଡ୍ସ୍ର ସମ୍ଭାବ୍ୟ ଭୟ ପାଇଁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ଏଡ୍ସ୍ ସେଲ ମଧ୍ୟ ଗଠନ ହୋଇ ଏଡ୍ସ୍ ନିରାକରଣ ତଥା ଏହାକୁ ସଚେତନ ପାଇଁ ଯେଉଁ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ତାହା ସଫଳ ହେଉଛି । ତେବେ ଏହି ଦାୟିତ୍ୱକୁ ଆମ ସମାଜରେ ସମସ୍ତଙ୍କ ଭିତରେ ଏକ ମିଳିତ ଉତ୍ତରଦାୟିତ୍ୱ ଭାବେ ବିଚାର କଲେ ଏଡ୍ସ୍ ରାକ୍ଷସର ମୂଳୋତ୍ପାଟନ ସମ୍ଭବ ହୋଇପାରିବ ।









# ଏଡ୍ସ ଇତିହାସ

**ପ୍ର**ତିଦିନ ଖବରକାଗଜ ଓଲଟାଇଲେ 'ଏଡ୍ସ୍' ସମ୍ପର୍କୀୟ କୌଣସି ନା କୌଣସି ଖବର ପ୍ରକାଶ ପାଇଥିବା ନଜରକୁ ଆସେ । ଏହା ବର୍ତ୍ତମାନ ଏକ ମୁଖ୍ୟ ଜନସ୍ୱାସ୍ଥ୍ୟ ସମସ୍ୟା । ଏହି ଏଡ୍ସ୍ (ଆକ୍ୱାଡ଼ ଇମ୍ୟୁନ୍ ଡେଫିସିଏନ୍ସି ସିଣ୍ଡ୍ରୋ) ଶବ୍ଦଟି ଶୁଣିଲେ ମନ ଭୟରେ ଥରିଉଠେ । ସତେ ଯେପରି ମୃତ୍ୟୁ ତାର ଏକମାତ୍ର ଅନ୍ତରଙ୍ଗ ବନ୍ଧୁ । ସମଗ୍ର ଭାରତବର୍ଷରେ ଏଡ୍ସ୍ ନିରାକରଣ ପାଇଁ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ପ୍ରକାଶ କରି ବିଭିନ୍ନ ସଚେତନଧର୍ମୀ କାର୍ଯ୍ୟକ୍ରମ ଠାରୁ ଏହାର ନିରାକରଣ ଓ ଚିକିତ୍ସା ପାଇଁ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ୧୯୮୭ ମସିହାରୁ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିଲା ଜାତୀୟ ଏଡ୍ସ୍ ନିୟନ୍ତ୍ରଣ କାର୍ଯ୍ୟକ୍ରମ । ସେହିପରି ୧୯୯୨ ମସିହାରେ ଭାରତ ସରକାରଙ୍କ ପକ୍ଷରୁ ପ୍ରସ୍ତୁତ କରାଯାଇଥିଲା 'ନାକୋ' (ନ୍ୟାଶନାଲ ଏଡ୍ସ୍ କଣ୍ଟ୍ରୋଲ୍ ଅର୍ଗାନାଇଜେଶନ)। ସମଗ୍ର ଦେଶରେ କିପରି ଏଡ୍ସ୍କୁ ନିୟନ୍ତ୍ରଣ କରାଯାଇ ପାରିବ ଏବଂ ତତ୍ସହ ଲୋକମାନେ କିପରି ଏହାର ଭୟାବହତା ପ୍ରତି ସଚେତନ ହେବେ ସେଥିନେଇ ଉଦ୍ୟମ ଆରମ୍ଭ କରାଯାଇଥିଲା 'ନାକୋ' ମାଧ୍ୟମରେ ।

ଏଡ୍ସ୍ ସମ୍ବନ୍ଧରେ ଇତିହାସର ତଥ୍ୟ ହେଉଛି । ସ୍ୱିଜରଲ୍ୟାଣ୍ଡର ଜେନେଭା ସହର । ସେଠାରେ ୧୯୮୭ ମସିହାରେ ଚାଲିଥାଏ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଗୁରୁତ୍ୱପୂର୍ଣ୍ଣ ଅଧିବେଶନ । ଏହି ଅଧିବେଶନରେ ଭାଗ ନେଉଥାନ୍ତି ଜେମସ୍, ଡବ୍ଲ୍ୟୁ ବୁନ୍ ଏବଂ ଥୋମାସ ନିଟର । ଏଡ୍ସ୍ ଉପରେ ହେଉଥିବା ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମର ଏହି କର୍ମକର୍ତ୍ତାଦ୍ୱୟ ପ୍ରଥମେ 'ବିଶ୍ୱ ଏଡ୍ସ୍ ଦିବସ' ପାଳନ କରିବାକୁ ପ୍ରସ୍ତାବ ରଖିଥିଲେ । ଆଉ ତା'ପରେ ଦୁହିଁଙ୍କର ଏହି ପରାମର୍ଶକୁ ମିଳିଥିଲା ପ୍ରବଳ ସମର୍ଥନ । ପ୍ରତିବର୍ଷ ଡିସେମ୍ବର ୧ ତାରିଖକୁ ବିଶ୍ୱ ଏଡ୍ସ୍ ଦିବସ ଭାବେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା ଏହି ଅଧିବେଶନରେ । ଠିକ୍ ତାହାର ପରବର୍ଷ, ଅର୍ଥାତ୍ ୧୯୮୮ ମସିହା ଡିସେମ୍ବର ୧ ତାରିଖଠାରୁ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଇ ଆସୁଛି । ଏଡ୍ସ୍ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଲାଗି ଆମେରିକାର ପୂର୍ବତନ ରାଷ୍ଟ୍ରପତି ରୋନାଲଡ଼ ରେଗାନଙ୍କ ଭୂମିକା ବି ଗୁରୁତ୍ୱପୂର୍ଣ୍ଣ




ଥିଲା । ସେ ୧୯୮୬ ମସିହା ଜୁନ୍ ୧୮ ତାରିଖରେ 'ଏଡ୍ସ୍ ଲାଇଫ ଲାଇନ' ନାମକ ଏକ ଯୋଜନାର ଶୁଭାରମ୍ଭ କରିଥିଲେ । ଏହାପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ୧୯୯୬ରେ ଏଡ଼ସ ନେଇ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଗଲା । ପ୍ରଥମ ଦୁଇବର୍ଷ ଏହି ସଂଗଠନ ପକ୍ଷରୁ କେବଳ ଛୋଟପିଲା ଏବଂ ଯୁବକମାନେ କିପରି ଏଡ୍ସ୍ କବଳରୁ ରକ୍ଷା ପାଇବେ ସେଥିନେଇ ଅଧିକ ଗୁରୁତ୍ୱ ଦିଆଯାଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ଚୋଟ ଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତଙ୍କୁ ଏହାର ପରିସରଭୁକ୍ତ କରାଯାଇଥିଲା ।

ଆସନ୍ତୁ ଏଡ୍ସ୍ ସମ୍ବନ୍ଧରେ କିଛି ଜାଣିବା କଥା ଉପରେ ଦୃଷ୍ଟି ଦେବା । ଏଡ୍ସ୍ କ'ଣ ? : ଏଡ୍ସ୍ ଏକ ଭୂତାଣୁଜନିତ ରୋଗ । ଏଡ୍ସ୍ର ଆକ୍ରାନ୍ତ ଲୋକର ରୋଗ ପ୍ରତିଷେଧକ ଶକ୍ତି ଧୀରେ ଧୀରେ ଲୋପ ପାଇଥାଏ । ଫଳରେ କୌଣସି ସଂକ୍ରମଣ ରୋଗକୁ ରୂପାନ୍ତରିତ ହୋଇ ସଂପୃକ୍ତ ବ୍ୟକ୍ତିର ମୃତ୍ୟୁର କାରଣ ହୋଇଥାଏ । ପୁଣି ଏଚ୍ଆଇଭି ପଜିଟିଭ୍ ବ୍ୟକ୍ତି ଯେ ଏଡ୍ସ୍ରେ ଆକ୍ରାନ୍ତ ସେକଥା ଜମାରୁ ନୁହେଁ ।

### ଏଡ୍ସ୍ କିପରି ସଂକ୍ରମିତ ହୋଇଥାଏ ?

ଏଡ୍ସ୍ ଆମ ସଭିଙ୍କ ଭିତରେ ଏତେ ଆତଙ୍କ ସୃଷ୍ଟି କରିଛି ଯେ ପୁରୁଣା ଦିନର କାହାଣୀ ପରି ଏଡ୍ସ୍କୁ ନେଇ ଅନେକ ଭୁଲ ଧାରଣା ଆମ ଭିତରେ ବଞ୍ଚିଛି । ଏଡ୍ସ୍ ସଂକ୍ରମିତ ରୋଗୀକୁ ଚୁମିବା, ଆଲିଙ୍ଗନ କରିବା, ଛୁଇଁବା, ରୋଗୀର




କପଡ଼ା ବ୍ୟବହାର କରିବା, ରୋଗୀ ସହିତ ଗୋଟିଏ ସୁଇମିଂ ପୁଲରେ ଏକାଠି ଗାଧୋଇବା କିମ୍ବା କୌଣସି କୀଟ ଆଦି କାମୁଡ଼ିବାରେ ମଧ୍ୟ ଏଡ୍ସ୍ ସଂକ୍ରମିତ ହୋଇନଥାଏ ।

### ଏଡ୍ସ୍ ମୁଖ୍ୟତଃ ଚାରୋଟି ଉପାୟରେ ସଂକ୍ରମିତ ହୋଇଥାଏ

**ଅସୁରକ୍ଷିତ ଯୌନ ସମ୍ପର୍କ :** ଏକାଧିକ ଲୋକଙ୍କ ସହ ଯୌନ ସଂପର୍କ ରକ୍ଷା କରିବା ଏଡ୍ସ୍କୁ ନିମନ୍ତ୍ରିତ କରିଥାଏ। ଯୌନ ସଂପର୍କ ବେଳେ କଣ୍ଡୋମ ବ୍ୟବହାର କରିବା ହିଁ ସବୁଠାରୁ ନିରାପଦ ।

**ଏଡ୍ସ୍ ସଂକ୍ରମିତ ମା' ଠାରୁ ଜନ୍ମିତ ପିଲାକୁ :** ଜଣେ ଏଡ୍ସ୍ ସଂକ୍ରମିତ ମା' ଠାରୁ ତିନୋଟି ଉପାୟରେ ପିଲାକୁ ଏଡ୍ସ ହୋଇଥାଏ । (୧) ଗର୍ଭ ଧାରଣ ସମୟରେ । (୨) ପିଲା ଜନ୍ମ ସମୟରେ ଅଥବା (୩) ପିଲାକୁ କ୍ଷୀର ପିଆଇବା ସମୟରେ ।

**ସଂକ୍ରମିତ ଛୁଞ୍ଚି ଦ୍ୱାରା :** ଏଡ୍ସ୍ ରୋଗୀ ଇଂଜେକ୍ସନ ନେବା ସମୟରେ କିମ୍ବା ଡ୍ରଗସ୍ ନେବା ବେଳେ ବ୍ୟବହାର କରୁଥିବା ଛୁଞ୍ଚିରୁ ଏହି ରୋଗର ଭୂତାଣୁ ସଂକ୍ରମିତ ହୋଇଥାଏ ।

**ସଂକ୍ରମିତ ରକ୍ତ ଗ୍ରହଣ କରିବା :** ଏଡ୍ସ୍ ସଂକ୍ରମିତ ରକ୍ତ ଅନ୍ୟ କୌଣସି ଲୋକଙ୍କୁ ଦେବା କିମ୍ବା ସଂକ୍ରମିତ ରୋଗର କୌଣସି ଅଙ୍ଗ ଡାକ୍ତରୀ ଚିକିତ୍ସା ସମୟରେ ଗ୍ରହଣ କଲେ ଏଡ୍ସ୍ ବ୍ୟାପିଥାଏ ।

ଏଡ୍ସ୍ ଠାରୁ କିପରି ଜନସାଧାରଣ ଦୂରେଇ ରହିବେ ସେଥିପାଇଁ ପ୍ରତିବର୍ଷ ନୂଆ ନୂଆ ଯୋଜନା ପ୍ରସ୍ତୁତ କରାଯାଉଛି । ଏହାସହ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ, ଏଡ୍ସ୍ ସେଲ୍ ଓ ଅନେକ ସ୍ୱେଚ୍ଛାସେବୀ ସଂଗଠନର ସହାୟତାରେ ଜନସଚେତନତା କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହେଉଛି । ତେବେ ଏ କ୍ଷେତ୍ରରେ ସମସ୍ତଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଅନ୍ତତଃ ଗୋଟିଏ ଭାଙ୍ଗି ଯାଉଥିବା ସଂସାର ତ ଉଜୁଡ଼ାରୁ ବଞ୍ଚିପାରିବ । ଏହି ମହନୀୟ କାର୍ଯ୍ୟରେ ସମସ୍ତେ ସାମିଲ ହେବା ଶ୍ରେଷ୍ଠ ଧର୍ମ ଓ କର୍ମ ।



# ଏଡ୍ସ ଏକ ବିରାଟ ପ୍ରଶ୍ନବାଚୀ

**ପ୍ର**ତିବର୍ଷ ଡିସେମ୍ବର ମାସ ୧ ତାରିଖକୁ 'ବିଶ୍ୱ ଏଡ୍ସ୍ ଦିବସ' ରୂପେ ପାଳନ କରାଯାଏ । ସମଗ୍ର ବିଶ୍ୱରେ ମହାମାରୀ ଭଳି ବ୍ୟାପିଥିବା ଏଡ୍ସ୍କୁ କିଭଳି ଭାବରେ ରୋକାଯାଇପାରିବ ସେଥିପାଇଁ ଏହି ଦିବସ ପାଳନ କରାଯାଇଥାଏ । କୋଟି କୋଟି ଜନତା ଏଥିରେ ଆକ୍ରାନ୍ତ ହୋଇ ଅସହାୟ ଭାବରେ ମୃତ୍ୟୁବରଣ କରୁଛନ୍ତି । ଏହା ଏକ ଭୂତାଣୁଜନିତ ସଂକ୍ରମଣ ରୋଗ । 'ହ୍ୟୁମାନ୍ ଇମ୍ୟୁନୋ ଡେଫିସିଏନ୍ସି ଭାଇରସ୍' (ଏଚ୍ଆଇଭି) ଦ୍ୱାରା ଏହି ରୋଗ ବ୍ୟାପିଥାଏ । ଏହି ରୋଗର ନାମ ହେଉଛି 'ଆକ୍ୟୁୟାର୍ଡ଼ ଇମ୍ୟୁନୋ ଡେଫିସିଏନ୍ସି ସିଣ୍ଡ୍ରୋମ୍' ଯାହାକୁ ସଂକ୍ଷେପରେ ଏଡ୍ସ୍ ବୋଲି କୁହାଯାଏ । ଏହି ଭୂତାଣୁ ସୁସ୍ଥ ଲୋକର ଶରୀରରେ ପ୍ରବେଶ କରିବା ପରେ ପ୍ରଥମେ ସେ ରକ୍ତରେ ଥିବା ଲିମ୍ଫୋସାଇଡ୍କୁ ଆକ୍ରମଣ କରେ ଏବଂ ତାହାକୁ ଧୀରେ ଧୀରେ ନଷ୍ଟ କରିଦିଏ । ଫଳରେ ସମଗ୍ର ଶରୀରକୁ ରୋଗାକ୍ରାନ୍ତ କରିଦିଏ । ଏହି ରୋଗ ଥରେ ହେଲେ ଶରୀରରେ ଥିବା ପ୍ରତିରୋଧକ ଶକ୍ତି ନଷ୍ଟ ହୋଇଯାଏ । ଫଳରେ ରୋଗୀଟି ମୃତ୍ୟୁର ନିକଟବର୍ତ୍ତୀ ହୁଏ । ଏଡ୍ସ୍ ରୋଗରୁ ନିବୃତ୍ତ ରହିବା ପାଇଁ ସରକାର ବିଭିନ୍ନ ସଚେତନତା ସୃଷ୍ଟି କରିଛନ୍ତି । ସେଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟ କରିବା ପ୍ରତ୍ୟେକ ବ୍ୟକ୍ତିର ଶ୍ରେଷ୍ଠ କର୍ତ୍ତବ୍ୟ ହେବା ଉଚିତ । ବିଶେଷକରି ରୋଗୀକୁ ସ୍ପର୍ଶ କରିବା, ରୋଗୀର ଆସବାବପତ୍ର ବ୍ୟବହାର କରିବା, ତା' ସହିତ ଏକତ୍ର ରହିବା, ରୋଗୀର ରକ୍ତ ନନେବା, ଗୋଟିଏ ଛୁଞ୍ଚିକୁ ଏକାଧିକବାର ବ୍ୟବହାର ନକରିବା, ସ୍ତ୍ରୀ-ପୁରୁଷ ଏକତ୍ର ଅସୁରକ୍ଷିତ ମିଳନ




ପ୍ରକ୍ରିୟାରେ ଲିପ୍ତ ରହିବା ଆଦି ବିଭିନ୍ନ କ୍ଷେତ୍ରରେ ସଜାଗ ରହିଲେ ଏଡ୍ସ୍ ଭଳି ମହାମାରୀ ରୋଗରୁ ନିବୃତ୍ତ ରହିପାରିବା । ଏହାକୁ ଏହି ଦିନ ବିଶେଷ ଭାବରେ ଜନସଚେତନତା ସୃଷ୍ଟି କରାଯାଇଥାଏ ।

ଅନୁନ୍ନତ ଓ ବିକାଶଶୀଳ ରାଷ୍ଟ୍ରଙ୍କ ପାଇଁ ଡରବାନ ଶୀର୍ଷ ସମ୍ମିଳନୀର ଅନେକ କିଛି ଗୁରୁତ୍ୱ ରହିଛି । ଏଚ୍ଆଇଭି (ହ୍ୟୁମାନ ଇମ୍ୟୁନୋ ଡେଫିସିଏନ୍ସି ଭାଇରସ୍)ର ସ୍ଥିତି ଏବଂ ଏହାର ଏଡ୍ସ୍ (ଆକ୍ୟୁଟ୍ଇମ୍ୟୁନୋ ଡେଫିସିଏନ୍ସି ସିଣ୍ଡ୍ରୋମ) କରାଇବାରେ ଶକ୍ତି ଅଛି କି ନାହିଁ ଏ ସଂକ୍ରାନ୍ତରେ ସେଠି ଖୋଲାଖୋଲି ଆଲୋଚନା ହୋଇଛି ଗତ ଜୁଲାଇ ୧୬ ତାରିଖରେ । ଏହି




ଆଲୋଚନାର ଚୂଡ଼ାନ୍ତ ଫଳାଫଳକୁ ବିଜ୍ଞାନୀମାନେ ଥରେ ଗ୍ରହଣ କରି ଗବେଷଣା ଆରମ୍ଭ କଲେ ଆଫ୍ରିକା ଭଳି ଅନୁନ୍ନତ ରାଷ୍ଟ୍ରସମୂହ ଏବଂ ଭାରତ ଭଳି ବିକାଶଶୀଳ ରାଷ୍ଟ୍ରର ନାଗରିକ ପୁଞ୍ଜିବାଦୀଙ୍କ ଶୋଷଣରୁ କିଛିଟା ମୁକ୍ତି ପାଇପାରିବେ ନିଶ୍ଚୟ । ଅଷ୍ଟମ ଦଶକର ପ୍ରାରମ୍ଭରେ ଯୁକ୍ତରାଷ୍ଟ୍ର ଆମେରିକାର ଦୁଇଜଣ ସମଲିଙ୍ଗୀ ପୁରୁଷଙ୍କ ଶରୀରରେ ଯେତେବେଳେ ପ୍ରଥମ ଥର ପାଇଁ ଏଡ୍ସ୍ର ସନ୍ଧାନ ମିଳିଲା ଏବଂ ଏହା ଭବିଷ୍ୟତରେ ମହାମାରୀର ରୂପ ନେବ ବୋଲି ବିଜ୍ଞାନୀମାନେ ଆଶଙ୍କା କଲେ, ଏହାର ପ୍ରତିକାର ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ସହ ପୁଙ୍ଖାନୁପୁଙ୍ଖ ଗବେଷଣା ଲାଗି ଜାତିସଂଘ ବିକଶିତ ରାଷ୍ଟ୍ରଗୁଡ଼ିକୁ ଅନୁରୋଧ କଲା । ଏ ଧରଣର ଗବେଷଣାର ଭିତ୍ତିଭୂମି ପ୍ରତିଷ୍ଠା କରିବା ନିମନ୍ତେ ଆବଶ୍ୟକ ହେଉଥିଲା ପ୍ରଚୁର ଅର୍ଥ । ବିଶ୍ୱର ବିଭିନ୍ନ ସ୍ଥାନରେ ଏ ଧରଣର ୭୫ଟି ପ୍ରକଳ୍ପ ଆରମ୍ଭ କରିବା ଲାଗି ବିଶ୍ୱବ୍ୟାଙ୍କ ୯୮୦ ମିଲିୟନ୍ ଡଲାର ଯୋଗାଇଦେଲା । ଔଷଧ ପ୍ରସ୍ତୁତକାରୀ ସଂସ୍ଥାମାନେ ମଧ୍ୟ ଭବିଷ୍ୟତର ଲୋଭକୁ ଆଖିରେ ରଖି ଆଖିବୁଜା ଖର୍ଚ୍ଚ କଲେ । ଅନୁନ୍ନତ ଓ ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ନିଜେ ଏଥିନିମନ୍ତେ କିଛି କରିବାର ସମ୍ଭାବନା ପ୍ରାୟ ନଥିଲା । ତେଣୁ ସେମାନେ ଏଡ୍ସ୍ ଚିହ୍ନଟ କରିବାର ଉପକରଣ ତଥା ଔଷଧାଦି ସେହି ପୁଞ୍ଜିବାଦୀ ରାଷ୍ଟ୍ରଗୁଡ଼ିକରୁ କିଣିବାକୁ ବାଧ୍ୟ ହେବେ । ଏହା ବିକଶିତ ଦେଶର କମ୍ପାନୀ ଓ ସରକାରଗୁଡ଼ିକୁ ଭଲ ଭାବେ ଜଣାଥିଲା । ତେଣୁ ବ୍ୟବସାୟ ଦିଗଟିକୁ ପ୍ରାଥମିକ ଗୁରୁତ୍ୱ ଦେଇ ସେଠାରେ ଗବେଷଣା ଆରମ୍ଭ ହେଲା । ପୁଣି ଏ ଧରଣର ଗବେଷଣାରୁ କୌଣସି ଚୂଡ଼ାନ୍ତ ଫଳ ପ୍ରାପ୍ତ ହେବା ପୂର୍ବରୁ ଅତ୍ୟନ୍ତ ତରବରିଆ ଭାବେ ଅମୁକ ବା ସମୁକ ଔଷଧ ଏଡ୍ସକୁ ଭଲ କରିଦେଇପାରେ ବୋଲି ଅପପ୍ରଚାର ଚଳାଇ ସେଗୁଡ଼ିକୁ ବଜାରକୁ ଛଡ଼ାଗଲା । ଆଉ ଏହି କାର୍ଯ୍ୟରେ ସବୁଠୁ ଆଗରେ ରହିଲା ଗ୍ଲାକ୍ସୋ ୱେଲକମ୍ ଗ୍ରୁପ୍ ଅଫ କମ୍ପାନୀ । ଆବଶ୍ୟକୀୟ ପରୀକ୍ଷା ନିରୀକ୍ଷା ନକରି ଏହି ସଂସ୍ଥା ଏଜେଡ୍ଟି ନାମକ ବିଷାକ୍ତ ଭୂତାଣୁନାଶକ ଔଷଧ ଯେତେବେଳେ ବଜାରକୁ ଛାଡ଼ିଲା ଯୁକ୍ତରାଷ୍ଟ୍ର ଆମେରିକାର ସିନେଟରମାନେ ମଧ୍ୟ ତାହାକୁ ସମର୍ଥନ ଦେଲେ । ଏହାଛଡ଼ା ମଣିଷ ଶରୀରରେ ଏଚ୍ଆଇଭି ଅଛି କି ନା ଜାଣିବା ନିମନ୍ତେ ଯେଉଁ ପରୀକ୍ଷା (ଏଲିସା ଟେଷ୍ଟ ଆଦି) ହେଉଛି ସେସବୁ ଲାଗି ଉଦ୍ଦିଷ୍ଟ ଉପକରଣ ମଧ୍ୟ ଆସୁଛି ସେହି ଆମେରିକାରୁ । ଏସବୁକୁ ବିକି ସେମାନେ ବେଶ୍ ଲାଭବାନ ମଧ୍ୟ ହେଉଛନ୍ତି । ସେସବୁ କିଣିବା ଛଡ଼ା ଭିନ୍ନ ଭାରତ ଭଳି ରାଷ୍ଟ୍ରର ଅନ୍ୟ ଗତି ନାହିଁ ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୧ ଡିସେମ୍ବର ୨୦୨୫ । ସୋମବାର


## ବର୍ଜ୍ୟବସ୍ତୁ ସୁପରିଚାଳନା ଉପରେ ଆଲୋଚନାଚକ୍ର

**ପଟ୍ଟାମୁଣ୍ଡାଇ,୩୦।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ୱଚ୍ଛ ସର୍ବେକ୍ଷଣକୁ ନେଇ ପଟ୍ଟାମୁଣ୍ଡାଇ ପୌରପରିଷଦ ପକ୍ଷରୁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ସହରକୁ ସରସ ସୁନ୍ଦର କରିବା ଓ ସ୍ୱଚ୍ଛତା କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ପୌରପରିଷଦ ପକ୍ଷରୁ ବିଭିନ୍ନ ପ୍ରୟାସ ଜାରିରହିଛି । ସାଧାରଣ ଜନତା ଓ ସହରବାସୀଙ୍କ ସହଯୋଗ ପାଇଁ ଆହ୍ୱାନ କରି ବାର୍ତା ପ୍ରେରଣ କରାଯାଉଛି । ସହରକୁ ସ୍ୱଚ୍ଛ ସର୍ବେକ୍ଷଣରେ ସାମିଲ କରିବା ନିମନ୍ତେ ଶନିବାର ସ୍ୱଚ୍ଛ ସହର ଯୋଡି ମେଣ୍ଟରସିଟ୍ ସହଯୋଗୀ ଭାବେ ବିଏମସିର ସହକାରୀ ଆୟୁକ୍ତ ଦେବାଶିଷ ବେହେରାଙ୍କ ନେତୃତ୍ୱରେ ଏକ ୩ ଜଣିଆ ଟିମ୍ ପଟ୍ଟାମୁଣ୍ଡାଇ ପୌରପରିଷଦରେ ପହଁଚି ଏକ ବୈଠକରେ ଯୋଗ ଦେଇଥିଲେ । ପଟ୍ଟାମୁଣ୍ଡାଇ ପୌରାପରିଷଦର ସମସ୍ତ ସଫେଇ କର୍ମଚାରୀ, ସ୍ୱଚ୍ଛ ସାଥି ଓ ଅଫିସ୍ କର୍ମଚାରୀଙ୍କ ସହ ଆଲୋଚନା କରି ସ୍ୱଚ୍ଛତା ବଜାୟ ରଖିବା ସହ ଏହାକୁ ଏକ ସବୁଜ ସୁନ୍ଦର ଓ ସୁସ୍ଥ ସହର ଭାବେ ଗଢ଼ି ତୋଳିବା ପାଇଁ ସଂକଳ୍ପ ନେଇଥିଲେ ।

ପଟ୍ଟାମୁଣ୍ଡାଇ ପୌରକାର୍ଯ୍ୟନିର୍ବାହୀ ଅଧିକାରୀ ରନ ଦାଶଙ୍କ ତତ୍ୱାବଧାନରେ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ବୈଠକରେ ଭୁବନେଶ୍ୱର ନଗର ନିଗମ ସହକାରୀ ଆୟୁକ୍ତ ଦେବାଶିଷ ବେହେରା, ପରିମଳ ବିଶେଷଜ୍ଞ ରବିରାଜ ପ୍ରଧାନ, ପିୟୁଷ ଖଟେଇ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗନେଇଥିଲେ । ପଟ୍ଟାମଣ୍ଡାଇ ପୌରାଂଚଳକୁ କିଭଳି ସର୍ବେକ୍ଷଣରେ ଅଂଶଗ୍ରହଣ କରିବେ ସେଥିଲାଗି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇପାରିବ ସେଥିନେଇ ଆଲୋଚନା ହେଇଛି । ପ୍ରଚାରପତ୍ର, ମାଇକ ପ୍ରଚାର, କାନ୍ଥରେ ଚିତ୍ର, ରାଲି, ପ୍ରତିଯୋଗିତା, ଷ୍ଟ୍ରିଟ ପ୍ଲେ, ହୋର୍ଡିଂ ମାଧ୍ୟମରେ ସଚେତନ କରାଯିବା ସହିତ ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ ସ୍ୱଚ୍ଛସାଥୀ ଭାବେ ମୁତୟନ କରାଯାଉ । ଏମାନେ ପ୍ରତିଘରକୁ ଯାଇ ଲୋକଙ୍କୁ ସଚେତନ କରିବେ । ଏଭଳି କାର୍ଯ୍ୟକ୍ରମ କେବଳ ସ୍ୱଚ୍ଛ ସର୍ବେକ୍ଷଣ ପାଇଁ ନୁହେଁ, ବରଂ ସ୍ୱଚ୍ଛ ଓଡିଶା ସୁସ୍ଥ ଓଡିଶା ଗଠନ ଦିଗରେ ବେଶ୍ ସହାୟକ ହେବ ବୋଲି ଆଲୋଚନା ମାଧ୍ୟମରେ ଅନେକ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱଚ୍ଛତା ନିରୀକ୍ଷକ ପ୍ରଭଜଂନ ସ୍ୱାଇଁ, ପୌରଯନ୍ତ୍ରୀ ଶୁଶିଳ ବେହେରା, ସ୍ୱଚ୍ଛପରିମଳ ବିଭାଗୀୟ ଇନଚାର୍ଯ ପ୍ରଫୁଲ ଦାଶଙ୍କ ସହିତ ସମସ୍ତ କର୍ମଚାରୀ ଯୋଗଦେଇଥିଲେ । ଅପରାହ୍ନରେ ବିଏମସିରୁ ଆସିଥିବା ପ୍ରତିନିଧି ମଣ୍ଡଳୀ ପଟ୍ଟାମୁଣ୍ଡାଇର ସମସ୍ତ ଓ୍ୱାର୍ଡମାନ ପରିଦର୍ଶନ କରିବା ସହ ଜନସାଧାରଣଙ୍କୁ ପୌରାଂଚଳ ତରଫରୁ ଯୋଗାଇ ଦିଆଯାଉଥିବା ମୌଳିକ ସୁବିଧା ବିଷୟ ପଚାରି ବୁଝିଥିଲେ । ପରେ ସ୍ୱଚ୍ଛତା କର୍ମଚାରୀ ଓ ଅଧିକାରୀ ମାନଙ୍କୁ ଭେଟି ସହରକୁ ତଥା ପୌରାଂଚଳ କୁ ଅଳିଆଗଦା ବିହୀନ କରି ରଖିବା, ଥରେ ବ୍ୟବହାର ପ୍ଲାଷ୍ଟିକର ବର୍ଜନ ତଥା ବର୍ଜ୍ୟବସ୍ତୁ ସୁପରିଚାଳନା ଆଦି ବିଷୟ ବସ୍ତୁକୁ ନେଇ ଆଲୋଚନା କରି ସଂନ୍ଧ୍ୟାରେ ଭୁବନେଶ୍ୱର ଫେରିଯାଇଥିଲା ।

## ବିଦ୍ୟାଳୟରେ ବିଜ୍ଞାନମେଳା

**କେନ୍ଦ୍ରାପଡ଼ା,୩୦।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଆମେରିକା ଠାରୁ ଭାରତୀୟ ଝିଅମାନେ ଆଗୁଆ । ଆମେରିକା ଠାରୁ ଭାରତୀୟ ଝିଅମାନେ ସବୁକ୍ଷେତ୍ରରେ ଏବେ ଆଗରେ ଅଛନ୍ତି । ଆଇଟି ସେକ୍ଟର ହେଉ କି କମ୍ପାନୀ ସିଇଓ ସବୁକ୍ଷେତ୍ରରେ ଆମେରିକା ଠାରୁ ଭାରତୀୟ ଝିଅମାନେ ଅଧିକ ନେତୃତ୍ୱ ନେଉଛନ୍ତି ବୋଲି କହିଛନ୍ତି ଆମେରିକାସ୍ଥିତ ଆଲାସ୍କା ବିଶ୍ୱବିଦ୍ୟାଳୟର ଏମରିଟସ ବୈଜ୍ଞାନିକ ପ୍ରଫେସର ଡ. ଦେବେନ୍ଦ୍ର କୁମାର ଦାସ । କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ବିଜ୍ଞାନମେଳାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଫେସର ଡ. ଦାସ କହିଲେ ଝିଅମାନେ ସବୁକ୍ଷେତ୍ରରେ ଆଗରେ ରହିଲେ ରାଷ୍ଟ୍ରର ଉନ୍ନତି ଦ୍ରୁତଗତିରେ ହୋଇପାରିବ । ଆଗଭଳି ଏବେ ଝିଅମାନେ କେବଳ ଘର ଭିତରେ ସୀମିତ ହୋଇ ରହିନାହାନ୍ତି । କଳ୍ପନା ଚାଓଲା ଓ ସୁନିତା ୱିଲିୟମସଙ୍କ ଭଳି ଝିଅମାନେ ମହାକାଶକୁ ଯାଇ ଗବେଷଣା କରି ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି । ତେଣୁ ଝିଅ ଜନ୍ମ ହେଲେ ପିତାମାତା ଏକ ବୋଝ ବୋଲି ନଭାବି ଏକ ଆଶୀର୍ବାଦ ବୋଲି ଭାବିବା ଉଚିତ ବୋଲି ଡ. ଦାସ କହିଛନ୍ତି । ଏହି ଉପଲକ୍ଷେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ପରିଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ସମବାୟ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଶାରଦା ପ୍ରସାଦ ଦାସ, ପ୍ରଫେସର ସଂଗ୍ରାମକେଶରୀ ବିଶ୍ୱାଳ, ସିଆରସିସି ଗଙ୍ଗାଧର ମହାପାତ୍ର, ଭୁବନମୋହନ ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଅବସରପ୍ରାପ୍ତ ଜିଲ୍ଲା ବିଜ୍ଞାନ ପରିଦର୍ଶକ ପୀତବାସ ପଣ୍ଡା ବିଚାରକ ଭାବେ ଯୋଗଦେଇ ବିଜ୍ଞାନ ପ୍ରକଳ୍ପ ଗୁଡିକର ମୂଲ୍ୟାୟନ କରିଥିଲେ । ଏହି ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ନବମଶ୍ରେଣୀ ଛାତ୍ରୀ ରାଜଶ୍ରୀ ମହାନ୍ତି, ଦ୍ୱିତୀୟ ନବମଶ୍ରେଣୀ ଛାତ୍ରୀ ବି. ସିଲା ପ୍ରିୟଦର୍ଶିନୀ ଓ ତୃତୀୟ ଦଶମଶ୍ରେଣୀ ଛାତ୍ରୀ ତୁଳସୀ ଦଳାଇଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ । ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ପରିଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବିଜ୍ଞାନ ଶିକ୍ଷକ ନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ ସାବିତ୍ରୀ ସାମଲ, ପ୍ରଭାତନଳିନୀ ଦାସ, ବିଜୟରଶ୍ମୀ ମହାପାତ୍ର, ସରୋଜିନୀ ସ୍ୱାଇଁ, ଖଗେଶ୍ୱର ମଲ୍ଲ ଓ ସଂଯୁକ୍ତା ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ ।

## ବନ୍ଦେ ମାତରମ ଓ ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ

**ରାଜନଗର,୩୦।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଚାଂୟତ ଜରିମୂଳ ହାଟ ପଡିଆଠାରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ବନ୍ଦେ ମାତରମ ୧୫୦ତମ ପୂର୍ତି ଓ ଆତ୍ମ ନିର୍ଭର ଭାରତ ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଯୁବ ନେତା ବିକ୍ରମକୁମାର ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ବିଜେପି ଉପସଭାପତି ବିଷ୍ଣଚରଣ ଦାସ ଯୋଗଦେଇ ବନ୍ଦେ ମାତରମ କେବଳ ଏକ ଜାତୀୟ ସଙ୍ଗୀତ ନୁହେଁ । ଭାରତୀୟମାନଙ୍କର ଏହା ହୃତସ୍ପନ୍ଦନ । ବଙ୍କିମ ଚନ୍ଦ୍ରଙ୍କ ଲିଖିତ ଏହି ସଙ୍ଗୀତ ଦେଶର ସ୍ୱାଧିନତା ଆନ୍ଦୋଳନରେ ପ୍ରମୁଖ ଭୂମିକା ନେଇଥିଲା । ଏହି ସଙ୍ଗୀତ ଗାନ କରି ସ୍ୱାଧିନତା ସଂଗ୍ରାମୀମାନେ ଫାଶୀ ଖୁଣ୍ଟରେ ଝୁଲି ପଡିଥିଲେ ବୋଲି କହିଥିଲେ । ବିଜେପି ନେତା ଲଳିତକୁମାର ବେହେରା ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର କୋଣ ଅନୁକୋଣରେ ଥିବା ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବାରେ ପ୍ରମୁଖ ନିଭାଉଛନ୍ତି । ଭାରତ ଆତ୍ମନିର୍ଭରଶୀଳ ହେଲେ ବିଶ୍ୱଗୁରୁ ଆସନରେ ଆସୀନ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁନାକର ବେହେରା, ବନ୍ଦେ ମାତରମର ଜିଲ୍ଲା ସଂଯୋଜକ ଶ୍ରୀଧର ପ୍ରଧାନ, ଆତ୍ମନିର୍ଭର ଭାରତର ସଂଯୋଜକ ମାନସରଂଜନ ଦାସ, ବିଜେପି ନେତା ସନ୍ତୋଷ ମହାନ୍ତି, ଦିଲ୍ଲୀପ ରାଉତ, ଜୋନ ସଭାପତି ରାଜୀବଲୋଚନ ନାୟକ, ନିରଂଜନ ମହାନ୍ତି, ଅଶୋକ ସାହୁ, ଶଙ୍କର୍ଷଣ ସେଠୀ, ସ୍ୱାଗତ ଦାସ ପ୍ରମୁଖ ଯୋଗ ଦେଇଥିଲେ । ସାନବଡଗୋପାଳପୁର ଛକରୁ ରାଜ୍ୟ ଉପସଭାପତି ଶ୍ରୀ ଦାସଙ୍କୁ ସ୍ୱାଗତ କରିବା ସହ ଏକ ଭବ୍ୟ ମଟର ସାଇକେଲ ଶୋଭାଯାତ୍ରାରେ ସଭାସ୍ଥଳକୁ ପାଛୋଟି ନେଇଥିଲେ । ବିଭିନ୍ନ ସ୍ଥାନରେ ମଧ୍ୟ ଶ୍ରୀ ଦାସଙ୍କୁ ଦଳୀୟ ନେତା ଓ କର୍ମୀମାନେ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ମହିଳା ଓ ଯୁବକମାନେ ଯୋଗଦେଇଥିଲେ । ପ୍ରାରମ୍ଭରେ ବନ୍ଦେ ମାତରମ ଗାନ କରାଯାଇଥିଲା ।

## ଫରେଷ୍ଟ ଗାର୍ଡ ଏବଂ ଫରେଷ୍ଟରମାନଙ୍କୁ ସମ୍ମାନ

**କେନ୍ଦୁଝର,୩୦।୧୧ ଏକ୍ସପ୍ରେସ୍ ନ୍ୟୁଜ୍**



ଜିଲ୍ଲା ସଂସ୍କୃତି ଭବନ ଠାରେ ଶନିବାର କେନ୍ଦୁପତ୍ର ତ୍ୟନକାରୀଙ୍କୁ ମୃତ୍ୟୁ ଦାବି ଲାଭ ବଣ୍ଟନ ଏବଂ ଗଜ ସାଥୀଙ୍କୁ ପ୍ରଶିକ୍ଷଣ ସହିତ ନୂତନ ଭାବେ ନିଯୁକ୍ତ ଫରେଷ୍ଟ ଗାର୍ଡ ଏବଂ ଫରେଷ୍ଟରମାନଙ୍କ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସାଂସଦ ଅନନ୍ତ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦୁପତ୍ର ତ୍ୟନକାରୀଙ୍କୁ ମୃତ୍ୟୁ ଦାବି ରାଶି ଭାବେ ପ୍ରତ୍ୟେକଙ୍କୁ ୨,୦୦,୦୦୦ କରି ୨୫ ଜଣ ଲାଭାନ୍ୱିତଙ୍କୁ ପ୍ରଦାନ କରିଥିଲେ । ଏଥିସହ ୪୫ ଜଣ ନୂତନ ଫରେଷ୍ଟ ଗାର୍ଡ ଏବଂ ୫ଜଣ ଫରେଷ୍ଟରଙ୍କୁ ମଧ୍ୟ ସ୍ୱାଗତ କରିଥିଲେ । ସାଂସଦ ଶ୍ରୀ ନାୟକ ହାତୀ ଆଶ୍ରୟସ୍ଥଳୀର ସୁଧାରରେ ଜୋର ଦେଇ କହିଲେ ଯେ, ଏହା ହାତୀମାନଙ୍କର ଫସଲ ନଷ୍ଟକରିବା ପାଇଁ ଥିବା ପୁଷ୍ ଫ୍ୟାକ୍ଟରକୁ କମାଇବା ସହ ମଣିଷ–ହାତୀ ସଂଘର୍ଷ ନିବାରଣ ପାଇଁ ସମସ୍ତ ଗ୍ରାମବାସୀ ଏବଂ ଜନପ୍ରତିନିଧିମାନେ ଏକତ୍ରିତ ହୋଇ ଅରଣ୍ୟ ବିଭାଗକୁ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ । ନୂତନ ଫରେଷ୍ଟ କର୍ମଚାରୀ ନିଯୁକ୍ତି ହୋଇଥିବା ବାବଦରେ ସେ ସନ୍ତୋଷ ବ୍ୟକ୍ତ କରି କହିଲେ ଯେ, ଏହା ବନ ବିଭାଗର କ୍ଷମତାକୁ ବୃଦ୍ଧି କରିବ ଏବଂ ଆଗାମୀ ଚ୍ୟାଲେଞ୍ଜ ଗୁଡ଼ିକୁ ମୁକାବିଲା କରିବାରେ ସହାୟକ ହେବ ବୋଲି କହିଥିଲେ । ଦଳିତ ଓ ଆଦିବାସୀ ଲୋକମାନଙ୍କ ସହ ସହଯୋଗରେ କାମ କରିବାକୁ ଉଲ୍ଲେଖ କରି କହିଲେ ଯେ, ଅନାବଶ୍ୟକ ନିର୍ଦ୍ଦେଶ ଦେବା ପରିବର୍ତ୍ତେ ସେମାନଙ୍କ ସହ ମିଶି କାମ କଲେ ଭଲ ଫଳ ମିଳିବ ।

ସେ ଜଙ୍ଗଲ ଆଇନ ଏବଂ ଯୁକ୍ତ ଅରଣ୍ୟ ପରିଚାଳନା ନିୟମାବଳୀ ବିଷୟରେ ବିଶେଷକରି ଆଦିବାସୀ ମହଲ୍ଲା ଓ ଗ୍ରାମବାସୀଙ୍କୁ ଶିକ୍ଷିତ କରିବାର ଆବଶ୍ୟକତା ଉପରେ ଜୋର ଦେଲେ, ଯାହା ଅରଣ୍ୟ ସୁରକ୍ଷା ଏବଂ ସାମାଜିକ ନ୍ୟାୟକୁ ସୁନିଶ୍ଚିତ କରିପାରିବ । ମହାରାଷ୍ଟ୍ରର ନନ୍ଦୁରବାର ଏବଂ ଚନ୍ଦ୍ରପୁର ଅଞ୍ଚଳର ଉଦାହରଣ ଦେଇ ସେ କହିଲେ ଯେ, ଅରଣ୍ୟ ସମ୍ପଦର ଲାଭ ଅଂଶୀଦାରିତା କିପରି ଆଦିବାସୀ ଲୋକମାନଙ୍କୁ ସଶକ୍ତ କରେ । କେନ୍ଦୁଝରର ରେଞ୍ଜର ଗଜ ସାଥୀମାନଙ୍କୁ ଟର୍ଚ୍ଚ, ଜୁତା ଓ ୟୁନିଫର୍ମ ବଣ୍ଟନ କଲେ ଏବଂ ଘର ନଷ୍ଟ ହୋଇଥିବା ପୀଡିତମାନଙ୍କୁ ଧାନ ଡ୍ରମ ବଣ୍ଟନ କଲେ । ମାନବ ମୃତ୍ୟୁ କ୍ଷତିପୂରଣ ଭାବେ ମାଳତୀ ମୁଣ୍ଡାଙ୍କୁ ୧୦,୦୦,୦୦୦ ଟଙ୍କା ସହାୟତା ରାଶି ଚେକ୍ ଆକାରରେ ପ୍ରଦାନ କରିଥିଲେ । କେନ୍ଦୁଝର ଜିଲ୍ଲାରେ ବନ ବିଭାଗ ଦ୍ୱାରା ଗ୍ରହୀତ ବିଭିନ୍ନ ପଦକ୍ଷେପ ପାଇଁ ଉପସ୍ଥିତ ବନ କର୍ମଚାରୀମାନଙ୍କୁ ଏବଂ ବନ ବିଭାଗକୁ ପ୍ରଶଂସା କରିଥିଲେ ।

## ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ ପାଇଁ ଦାବି

**ବୁଗୁଡ଼ା,୩୦।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଶବ ବ୍ୟବଚ୍ଛେଦ ପାଇଁ ହଟହଟା ହେଉଛନ୍ତି ବୁଗୁଡ଼ା ଅଞ୍ଚଳବାସୀ । ଦୀର୍ଘ ୪୦ କିଲୋମିଟର ଦୂର ଭଞ୍ଜନଗର ଗଲେ ହେଉଛି ଶବ ବ୍ୟବଚ୍ଛେଦ । ଦୁର୍ଘଟଣା ହେଉ କି ଆତ୍ମହତ୍ୟା କିମ୍ବା ହତ୍ୟାକାଣ୍ଡରେ ଆତ୍ମୀୟ ସ୍ୱଜନଙ୍କ ମୃତ୍ୟୁ ପରେ ପରିବାର ଲୋକେ ଶୋକାକୁଳ ପରିବେଶରେ ବୁଡି ରହିଥିବା ବେଳେ ଶବକୁ ବ୍ୟବଚ୍ଛେଦ ପାଇଁ ଦୀର୍ଘ ବାଟ ନେବାକୁ ଅର୍ଥ ଯୋଗାଡ଼ ସହ ସମୟ ବ୍ୟୟ ବେଡି ଉପରେ କୋରଡ଼ା ମାଡ ସଦୃଶ ହେଉଛି । ପୁଣି ସନ୍ଧ୍ୟା ହେଲେ କଥା ସରିଲା । ତାହା ପରଦିନ ପର୍ଯ୍ୟନ୍ତ ଶବ ପକାଇ ରଖିବାକୁ ପଡୁଥିବାରୁ ପରିବାର ଲୋକେ ଧର୍ଯ୍ୟହରା ହୋଇ ପଡୁଛନ୍ତି । ବୁଗୁଡା ଥାନା ଇଲାକାରେ ପ୍ରତି ବର୍ଷ ବହୁ ସଂଖ୍ୟକ ହତ୍ୟାକାଣ୍ଡ ଏବଂ ଅପମୃତ୍ୟୁ ଜନିତ ମୃତ୍ୟୁ ଘଟୁଥିବା ବେଳେ ମୃତକଙ୍କ ପରିବାର ଲୋକେ ଶବ ବ୍ୟବଚ୍ଛେଦ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବୁଗୁଡ଼ା ସହରରେ ଥାନା, ତହସିଲ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରଥମ ଶ୍ରେଣୀ ବିଚ୍ଚର ବିଭାଗୀୟ ଅଦାଲତ ଆଦି ଥିଲେ ହେଁ ଶବ ବ୍ୟବଚ୍ଛେଦ ବ୍ୟବସ୍ଥା ନଥିବାରୁ ବୁଗୁଡ଼ା ସହର ସମେତ ୨୧ଟି ପଞ୍ଚାୟତର ଲକ୍ଷାଧିକ ଲୋକ ଦୀର୍ଘ ୪୦ କିଲୋମିଟର ଦୂର ଭଞ୍ଜନଗର ଉପରେ ନିର୍ଭର କରୁଛନ୍ତି । ଶବ ନେବା ପାଇଁ ଗାଡି ଗୁଡିକ ଅଧିକ ଭଡା ନେଉଥିବା ବେଳେ ଲୋକଙ୍କ ସମୟ ମଧ୍ୟ ନଷ୍ଟ ହେଉଛି । ପୋଲସରା ନିର୍ବାଚନ ମଣ୍ଡଳୀରେ ଶବ ବ୍ୟବଚ୍ଛେଦ ବ୍ୟବସ୍ଥା ନଥିବାରୁ ଏହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପୋଲସରା ଓ ବୁଗୁଡ଼ା ଥାନା ଅଞ୍ଚଳର ଲକ୍ଷ ଲକ୍ଷ ଲୋକ ହଟହଟାର ସମ୍ମୁଖୀନ ହେଉଛନ୍ତି । ବୁଗୁଡ଼ା ଠାରେ ଶବ ବ୍ୟବଚ୍ଛେଦ ବ୍ୟବସ୍ଥା ପାଇଁ ଅନେକ ବର୍ଷ ହେଲା ବାରମ୍ବାର ଦାବି ହୋଇ ଆସୁଛି । ପ୍ରାୟ ପଚିଶି ବର୍ଷ ତଳେ ବୁଗୁଡ଼ା ଠାରେ ଏକ ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ ପାଇଁ ୩୦ ହଜାର ଟଙ୍କା ଅନୁଦାନ ଆସିଥିଲା ତେବେ ଜାଗା ଚିହ୍ନଟ ହୋଇ ନପାରିବାରୁ ଉକ୍ତ ଟଙ୍କା ଫେରି ଯାଇଥିବା ଜଣାଯାଇଛି ।

## ଅବକାରୀ ବିଭାଗର ସମୀକ୍ଷା



**ବ୍ରହ୍ମପୁର,୩୦।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଛତ୍ରପୁର ସ୍ଥିତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଛତ୍ରପୁର ଉପଖଣ୍ଡସ୍ତରୀୟ ଅବକାରୀ ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ ଅଧକ୍ଷତା କରି ବିଭିନ୍ନ ସ୍ଥାନରେ ଚୋରା ଗଞ୍ଜେଇ ଓ ଦେଶୀ ମଦକୁ କିଭଳି ଭାବେ ନିୟନ୍ତ୍ରଣ କରାଯିବ ସେଉପରେ ଗୁରୁତ୍ୱାରୋପ କରିଥିଲେ । ରାଜସ୍ୱ ଆଦାୟର ଲକ୍ଷ୍ୟଧାର୍ଯ୍ୟକୁ ପୂରଣ କରିବା ଲାଗି ଅଧିନସ୍ଥ କର୍ମଚାରୀମାନଙ୍କୁ ଉପଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଦୋକାନମାନଙ୍କରେ ବେଆଇନ ଭାବେ ବିନା ପ୍ରେସ କ୍ରିଷନରେ ମେଡ଼ିସିନ କରବାର ଚାଲିଛି, ଏହାକୁ ରୋକିବାକୁ ମଧ୍ୟ କୁହାଯାଇଛି । ଅବକାରୀ, ପୋଲିସ, ରାଜସ୍ୱ, ବନ ଏବଂ ଡ୍ରଗ୍ସ ବିଭାଗର ଏକ ମିଳିତ ଟିମ ଗଠନ କରିବା ସହିତ ଉକ୍ତ ଟିମ ଏନଫୋସମେଣ୍ଟକୁ ଜୋରଦାର କରିବାକୁ କୁହାଯାଇଛି । ଏହି ସମୀକ୍ଷା ବୈଠକରେ ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି, ଗଞ୍ଜାମ ତହସିଲଦାର ସୁକାନ୍ତ ମିଶ୍ର, ଖଲିକୋଟ ତହସିଲଦାର, ଆସିଷ୍ଟାଣ୍ଟ କଲେକ୍ଟର ଅପୂର୍ବ ଆର୍ଯ୍ୟ, ଛତ୍ରପୁର ପୋଲିସ ଥାନା ଅଧିକାରୀ ସବ୍ୟ ସାଚ୍ୀ ମଲ୍ଲ, ଗଞ୍ଜାମ ଅବକାରୀ ଜିଲ୍ଲାର ଡେପୁଟି ଅବକାରୀ ଅଧିକ୍ଷକ ଅଳକା ସୁନା, ସଦର ଅବକାରୀ ଇନିସପେକ୍ଟର ସରୋଜ ପରିଡା, ଛତ୍ରପୁର ଭ୍ରାମ୍ୟମାଣ ଅବକାରୀ ଅଧିକାରୀ ସୂର୍ଯ୍ୟ ନାରାୟଣ ରଥ, ଖଲିକୋଟ, କବିସୂର୍ଯ୍ୟନଗର, ପୁରୁଷୋତ୍ତମପୁର, ହିଞ୍ଜିଳିକାଟୁ ଅବକାରୀ ଓ୍ୱାଇସିଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ବିଦ୍ୟା ନିକେତନରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା

**ଜୁନାଗଡ,୩୦।୧୧ ଏକ୍ସପ୍ରେସ୍ ନ୍ୟୁଜ୍**



କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହର ସ୍ଥିତ ଭାରତୀୟ ବିଦ୍ୟା ନିକେତନ ଠାରେ ପଞ୍ଚଦଶ ବାର୍ଷିକ କ୍ରୀଡା ସମାରୋହ ସ୍ଥାନୀୟ ଭୈରବ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉଦଘାଟନ ଉତ୍ସବରେ ରାଧେଶ୍ୟାମ ପଣ୍ଡା, କ୍ଷେତ୍ର ସଭାପତି ବିଏସ୍‌ଭିଏସ୍, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ଶ୍ରୀ ଜଗନ୍ନାଥ ଚେତନା ଓ ଗଣବେଶ ପ୍ରତିଷ୍ଠାନ ପୁରୀ ସଭାପତି ଯୋଗଦେଇ ଶିଶୁଙ୍କୁ ଶାରୀରିକ ଓ କ୍ରୀଡା ଆବଶ୍ୟକତାକୁ ଗୁରୁତ୍ୱ ଦେଇ ଥିଲେ । ସମାରୋହ କାର୍ଯ୍ୟକ୍ରମରେ ଯୁବ ସାମ୍ବାଦିକ ବ୍ୟମକେଶ ପୁରୋହିତ ସାମ୍ବାଦିକ ଯୋଗଦେଇ ଶିଶୁମାନଙ୍କୁ ସୁସ୍ଥ ଶାରୀର ଗଠନ କରିବାରେ କ୍ରୀଡା ଏକ ଗୁରୁତ୍ୱ ବହନ କରେ ତେଣୁ କର୍ମ ବିସ୍ତ୍ୟ ଜୀବନରେ କ୍ରୀଡା ପାଇଁ କିଛି ସମୟ ନିର୍ଘଣ୍ଟ କରିବା ଅତି ଜରୁରୀ ବୋଲି ଅବଗତ କରାଇଥିଲେ । ଭାରତୀୟ ବିଦ୍ୟା ନିକେତନ ସ୍କୁଲର ପ୍ରଧାନ ଆଚାର୍ଯ୍ୟ ସନତ୍ କୁମାର ଯୋଷୀଙ୍କ ତତ୍ତ୍ୱାବଧାନ ବାର୍ଷିକ କ୍ରୀଡା ପ୍ରତିଯୋଗିତା ସମାରୋହରେ ଆରମ୍ଭରେ ହୋଇଥିଲା କ୍ରୀଡା ପ୍ରତିଯୋଗୀତା ଆରମ୍ଭ କରିଥିଲେ ଗୁରୁଜୀ ସୁବେନ୍ଦୁ ତ୍ରିପାଠୀ, ପ୍ରଦୀପ ଧଙ୍ଗଡା ମାଝୀ, ପଞ୍ଚାନନ ହଂସ, ସମୀର ଦଣ୍ଡସେନା, ଶୁଭଶ୍ରୀ ନାଏକ, ମମତା ବେହେରା, ଭଗବତୀ ଦେଇ, ମୋନାଲିସା ଗୁରୁମା, ବିଜୟଲକ୍ଷ୍ମୀ ଗୁରୁମା, ସସ୍ମିତା ନାଏକ ତଥା ଅନ୍ୟ ଗୁରୁଜୀ ଓ ଗୁରୁମାଙ୍କ ସହଯୋଗରେ ଶିଶୁଙ୍କ ୪୫ଟି ଖେଳ ବିଭିନ୍ନ ବିଭାଗରେ ହୋଇଥିଲା ଏବଂ ଶିଶୁଙ୍କୁ ପୁରସ୍କୃତ କରାଗଲା । ଶେଷରେ ଆଠ ଜଣ ଶିଶୁଙ୍କୁ ଶ୍ରେଷ୍ଠ ପ୍ରତିଯୋଗିଙ୍କୁ ବିଜେତା ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା । ସମସ୍ତ ଶିଶୁ, ଅଭିଭାବକ ତଥା ଗୁରୁଜୀ ଓ ଗୁରୁମା ଉତ୍ସାହ ସହିତ କାର୍ଯ୍ୟକ୍ରମଟିକୁ ସହଯୋଗ କରିଥିଲେ ।

## ସ୍କୁଲରେ ବିଜ୍ଞାନ ମେଳା

**ମାର୍ଶାଘାଇ,୩୦।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ମର୍ଶାଘାଇ ସେଣ୍ଟ ଜାଭିୟର ହାଇସ୍କୁଲରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ୫୨ଟି ଷ୍ଟଲ ପ୍ରଦର୍ଶିତ ହୋଇଥିଲା । ବିଜ୍ଞାନ ମେଳାକୁ ଅଧକ୍ଷ ପିଏମ ରାଜେଶ ଚୌଧୁରୀଙ୍କ ସହିତ ମାର୍ଶାଘାଇ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଶୁଶାନ୍ତ ବେଉରା, ବିଜ୍ଞାନ ବିଭାଗ ଅଧାପକ ଚିତ୍ତରଂଜନ ବିଶ୍ୱାଳ ଉଦଘାଟନ କରିଥିଲେ । ଏହି ଅବସରରେ ଅତିଥିମାନେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ଷ୍ଟଲ ବୁଲି ଦେଖିବା ସହିତ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ କବିର ବସନ୍ତିଆ, ଅଜାମ୍ବର ଗେରୁ, ମନୋଲିସା ବଳବନ୍ତରାୟ, ସୁଶ୍ରୀ ସର୍ମିଷ୍ଟା ଦାଶ, ଅନନ୍ୟା । ନ୍ଦିତା ସେଟୀ, ସୋଜାଲିନ ଦାସ, ମିନତୀ ନୟକ, ଗାୟତ୍ରୀ ଲେଙ୍କା ସମେତ କର୍ମଚାରୀମାନେ ସହାୟତା କରିଥିଲେ ।

## ମହାପ୍ରଭୁ ଶ୍ରୀ ଜଗନ୍ନାଥ ହେଉଛନ୍ତି ଭାବ ଭକ୍ତି ଅନୁଭୂତି ଅନୁଭବର ଦେବତା




**ଭୁବନେଶ୍ୱର,୩୦।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଲେଖକ ସାମ୍ମୁଖ୍ୟ, ଓଡିଶାର ସାହିତ୍ୟ ଉତ୍ସବରେ ମୁଖ୍ୟଅତିଥ ଭାବେ ଯୋଗଦାନ କରିପ୍ରାକ୍ତନ ପ୍ରଶାସନିକ ଅଧିକାରୀ ପଦ୍ମନାଭ ପଣ୍ଡା ବିଭିନ୍ନ ଉଦାହରଣ ମାଧ୍ୟମରେ କହିଲେ ଯେ ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଭାବ, ଭକ୍ତି, ସମର୍ପଣ ଓ ଅନୁଭୂତି ଅନୁଭବର ଦେବତା ତାଙ୍କ ପାଖରେ ପରୀକ୍ଷା ନିରୀକ୍ଷାର ଆବଶ୍ୟକତା ନାହିଁ ସେ ଭାବଗ୍ରାହୀ, ଅନ୍ତର୍ଯ୍ୟାମୀ ଓ ବିଶାସର ଠାକୁର, ୟୁଥ ହଷ୍ଟେଲ ସଭାଗୃହରେ ସଭାପତି ଡକ୍ଟର ଅଲେଖ ଚନ୍ଦ୍ର ପଢିଆରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବରିଷ୍ଠ ସାମ୍ବାଦିକ ଶ୍ରୀରାମ ଦାଶ, ମାନସ ମହାପାତ୍ର, କୃଷ୍ଣଚନ୍ଦ୍ର ରଥ, ଶରତ ଚନ୍ଦ୍ର ରଥ, ମନୋଜ କୁମାର ଜେନା, ପ୍ରସନ୍ନ କୁମାରହୋତା, ଚକ୍ରଧର ଦାସ ବକ୍ତା ଓ ଆଲୋଚକ ଭାବେ ଯୋଗଦାନ କରି ନିଜସ ଅନୁଭୂତି ଅନୁଭବ ବର୍ଣ୍ଣନା କରିଥିଲେ । ପ୍ରାରମ୍ଭରେ ଅନାମ ଚନ୍ଦ୍ର ସାହୁ ଓ ଶିବ ସୁନ୍ଦର ମିଶ୍ରଙ୍କ ସଂଯୋଜନାରେ ଏକ ଆଧାତ୍ମିକ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଶତାଧିକ କବି କବୟତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ । ସଂପାଦିକା ବିମଳା ସିଂହ ସାଗତ ଭାଷଣ ପ୍ରଦାନ କରିଥିବାବେଳେ ସାଧାରଣ ସଂପାଦକ ନାଟ୍ୟକାର ବିଜୟ କୁମାର ମହାନ୍ତି ଅତିଥ ପରିଚୟ ପ୍ରଦାନ ସହ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ନାଟ୍ୟକାର ଡକ୍ଟର ଝାଡେଶରପ୍ରଧାନଙ୍କ ନାଟକ ପୁସ୍ତକ ଜାଗୃତି ଓ ଅନ୍ୟାନ୍ୟ ନାଟକ ଅତିଥି ମାନଙ୍କଦ୍ୱାରା ଉନ୍ମୋଚିତ ହୋଇଥିଲା । ଆବାହକ ରମାକାନ୍ତ ମିଶ୍ର ସଭା ପରିଚ୍ଳନା କରିଥିଲେ ।

## ଓକିଲ ସଂଘ ପକ୍ଷରୁ ରକ୍ତଦାନ

**ପଟ୍ଟାମୁଣ୍ଡାଇ,୩୦।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ପଟ୍ଟାମୁଣ୍ଡାଇ କୋର୍ଟ ଓ ଓକିଲ ସଂଘର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ପଟ୍ଟାମୁଣ୍ଡାଇ କୋର୍ଟ କାର୍ଯ୍ୟାଳୟ ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଅତିରିକ୍ତ ଜିଲ୍ଲା ଜଜ ବିଦ୍ୟାଧର ପୃଷ୍ଟି ଉଦଘାଟନ କରିଥିଲେ । ସବଜଜ ଅପୂର୍ବା ଚୌଧୁରୀ, ଜେଏମଏଫସି ବିଦ୍ୟୁତଲତା ପ୍ରଧାନ, ଜେଏମଏଫସି ଡ଼ି କେ ବାଳକ୍ରିଷ୍ଣନ ପ୍ରମୁଖ ସମ୍ମାନିତଅତିଥି ଭାବେ ଯୋଗ ଦେଇଥିଲେ । ପଟ୍ଟାମୁଣ୍ଡାଇ ଓକିଲ ସଂଘ ସଭାପତି ସୂର୍ଯ୍ୟ ରଞ୍ଜନ ରାଉଳ, ଉପସଭାପତି ସୁରେଶ ନରେନ୍ଦ୍ର, ସମ୍ପାଦକ ରବୀନ୍ଦ୍ର ଦାଶ, ଯୁଗ୍ମ ସମ୍ପାଦକ ମନୋଜ ନାୟକ, କୋଷାଧ୍ୟକ୍ଷ ପ୍ରମୋଦ ବିଶ୍ୱାଳ ପାଠାଗାର ସମ୍ପାଦକ ପ୍ରକାଶ ପାତ୍ର, ବରିଷ୍ଠ ଆଡ଼ଭୋକେଟ କିଶୋର କୁଣ୍ଡ, ଭୀମସେନ ପ୍ରଧାନ, ନରହରି ଲେଙ୍କା ତପନ ମିଶ୍ର, ବିଜୟ ରାଉତ, ବିଜ୍ଞାନ ଜେନା, ଧୀରେନ୍ଦ୍ର ସାହୁ, ସୌମ୍ୟ ରନ ଧଳ, ଭବାନୀ ପଣ୍ଡା, ଗୋପୀନାଥ ତ୍ରିପାଠୀ ଅଶ୍ୱିନୀ ବେହେରା ଅଭିରାମ କୁଣ୍ଡ ହୃଦାନନ୍ଦ ମହାନ୍ତି, ପ୍ରତାପ ପୃଷ୍ଟି ଲଳିତ ଦାସ ମହାପାତ୍ର, ସଂଜୀବ କର, ଗିରିଜା ଦାଶ, ଗୁରୁ ଚରଣ ଷଣ୍ଢ, ଅଶ୍ୱିନୀ ଚୌଧୁରୀ, ସୁନାକାର ପ୍ରଧାନ, ନାରାୟଣ ସାହୁ, ବିଦ୍ୟାଭୂଷଣ ଦାଶ, ପ୍ରଫୁଲ୍ଲ ଦାଶ, ଗୀତାଳି ପୃଷ୍ଟି ବିଦ୍ୟାଧର ଦାଶ, ରାଜେନ୍ଦ୍ର ମିଶ୍ର ପ୍ରମୁଖ ବହୁ ବରିଷ୍ଠ ଆଇନଜୀବୀ, ପୂର୍ବତନ କର୍ମକର୍ତ୍ତା ଯୋଗ ଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ ।

## ପଞ୍ଚାୟତର ବିକାଶ ସ୍ରୋତରେ ସାମିଲ ହେଲେ ବିଧାୟକ




**କୋରେଇ,୩୦।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

କୋରେଇର ବିକାଶ ଧାରାକୁ ଶୀର୍ଷରେ ପହଞ୍ଚାଇବା ପାଇଁ ସଦା ସର୍ବଦା ଚେଷ୍ଟିତ ଆକାଶ ଦାସ ନାୟକ । ନିଜର ଦୃଢ଼ ଇଚ୍ଛାଶକ୍ତି ଓ କୋରେଇବାସୀଙ୍କ ଭଲପାଇବା ଓ ଦୃଢ଼ ମନୋବଳ ଆଜି ସତ ପ୍ରମାଣିତ କରିଛି । ବିକଶିକ କୋରେଇ ଗଠନର ସ୍ୱପ୍ନ ଆଜି ଆଜି ବାସ୍ତବରେ ପରିଣତ ହେଉଛି । ପାଟରଙ୍ଗା ପଞ୍ଚାୟତ ଆଜି ବିକାଶର ସ୍ରୋତରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି । ପାଟ ରଙ୍ଗା ପଞ୍ଚାୟତର ସରପଞ୍ଚ ରଞ୍ଜନ କୁମାର ଦାସଙ୍କ ନେତୃତ୍ୱରେ ଓ କୋରେଇ ବିଧାୟକଙ୍କ ଆଶୀର୍ବାଦରେ ଆଜି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଶୁଭଉଦଘାଟନ ଓ ଶୁଭ ଭିତିପ୍ରସ୍ତର ସ୍ଥାପନା କରିଯାଇଅଛି । ବିଧାୟକଙ୍କୁ ବାରନାଥ ପଡିଆ ଠାରୁ ହଜାର ହଜାର ବିଜେପି କର୍ମୀ ବାଇକ ଶୋଭାଯାତ୍ରାରେ ପାଛୋଟି ନେଇ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ପହଞ୍ଚି ପଞ୍ଚାୟତର ନୂତନ ଗୃହ, ବ୍ୟାଙ୍କ ଗୃହ, ସୁବିଧା କେନ୍ଦ୍ର, ମହାସଂଘ କାର୍ଯ୍ୟାଳୟ, ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ ଓ ଖେଳ ପଡିଆର ଉନ୍ନତିକରଣ ଭଳି ଅନେକ ପକଳ୍ପର ଶୁଭ ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନା କରାଯାଇଥିଲା । ପାଟରଙ୍ଗା ପଞ୍ଚାୟତବାସୀଙ୍କର ଦୀର୍ଘ ଦିନ ସ୍ୱପ୍ନକୁ ପୂରଣ କରିଥିବାରୁ ବିଧାୟକଙ୍କୁ ସରପଞ୍ଚ ସମେତ ପଞ୍ଚାୟତବାସୀଙ୍କ ତରଫରୁ ଧନ୍ୟବାଦ ଦେବା ସହ କୃତଜ୍ଞତା ଜ୍ଞାପନ କରିଥିଲେ । ଏହି ଶୋଭାଯାତ୍ରାରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ବିଜେପି କର୍ମୀମାନେ ସାମିଲ ହୋଇଥିଲେ ।

## ଏକତା ପଦଯାତ୍ରାରେ ଇନଫ୍ଲୁଏନ୍ସରଙ୍କୁ ସମ୍ବର୍ଦ୍ଧନା

**ମାଲକାନଗିରି,୩୦।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଏକତା ପଦଯାତ୍ରାରେ ନେଇ ମାଲକାନାଗିରି ଜିଲ୍ଲା ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଇନଫ୍ଲୁଏନ୍ସରମାନଙ୍କର ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ ଯୋଗ ଦେଇ ଥିବାବେଳେ ଜିଲ୍ଲା ସୂଚ୍ନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ମୁନା ତୁରୁକ୍ ଓ ଡିଇଜିଏମ୍ ଶୁଭାଶିଷ ପଟ୍ଟନାୟକ ଉପସ୍ଥିତ ଥିଲେ । ଜିଲ୍ଲାସ୍ତରୀୟ ଏକତା ପଦଯାତ୍ରା ରେ ଭାଗ ନେଇଥିବା ଇନଫ୍ଲୁଏନ୍ସର ଶିବପ୍ରସାଦ ସରକାର, ଆର୍ ଜାନକୀ ପଟ୍ଟନାୟକ, ଦେବଦତ୍ତ ବେହେରା ଓ ହୃଷୀକେଶ ଚୌଧୁରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି । ସୂଚ୍ନା ଥାଉ କି ଏହି ପଦଯାତ୍ରାରେ ଇନଫ୍ଲୁଏନ୍ସରମାନେ ରିଲ୍ସ ପ୍ରସ୍ତୁତ କରି କାର୍ଯ୍ୟକ୍ରମର ବ୍ୟାପକ ପ୍ରଚ୍ାର ପ୍ରସାର କରିଥିଲେ । ବର୍ତ୍ତମାନ ସମୟରେ ପ୍ରଚ୍ାର ପ୍ରସାର ପାଇଁ ଇନଫ୍ଲୁଏନ୍ସରଙ୍କ ଭୂମିକା ବହୁତ୍ ଗୁରୁତ୍ୱପୂର୍ଣ୍ଣ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ବିଭାଗର କର୍ମଚ୍ାରୀ ଓ କ୍ରୀଡ଼ାବିତ୍ ଉପସ୍ଥିତ ଥିଲେ ।

## ଆଇନ ସେବା ପ୍ରାଧିକରଣ ହସ୍ତକ୍ଷେପରେ ଯୋଡା ହେଲା ଭଙ୍ଗା ପରିବାର

**ଜଗତସିଂହପୁର,୩୦।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଜଗତସିଂହପୁର ବ୍ଲକ ଅନ୍ତର୍ଗତ କନ୍ତାର ଗ୍ରାମର ରାକେଶ ସାମନ୍ତରାୟ ଢେଙ୍କାନାଳ ଜିଲ୍ଲା ପର୍ଜଙ୍ଗା ବ୍ଲକ ଅନ୍ତର୍ଗତ ତୁଳସିପଶି ଗ୍ରାମର ଦେବଯାନୀ ସାମନ୍ତରାୟଙ୍କୁ ପ୍ରେମ ବିବାହ କରିଥିଲେ । ଉଭୟଙ୍କର ୧୧ ବର୍ଷର ଏକ ପୁତ୍ର ଓ ୧୦ ବର୍ଷର ଏକ କନ୍ୟା ସନ୍ତାନ ଅଛି । ସାମୀ–ସ୍ତ୍ରୀ ଏବଂ ଶାଶୁ–ଶଶୁରଙ୍କ ମଧ୍ୟରେ ମନାନ୍ତର ମତାନ୍ତର ଘଟିଥିଲା । ଦୁଇ ବର୍ଷ ହେବ ପୁଅ ବୋହୁଙ୍କୁ ଶାଶୁ ଶଶୁର ତାଙ୍କ ଘରୁ ବାହାର କରିଦେଇଥିଲେ ଏବଂ ଉଭୟ ସାମୀ ସ୍ତ୍ରୀ ଏକ ଭଡା ଘରେ ରହୁଥିଲେ । ଏହି ସମସ୍ୟାର ସମାଧାନ ନିମନ୍ତେ ଦେବଯାନୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଦାରସ୍ଥ ହୋଇଥିଲେ । ଏହାପରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଦୁଇ ପକ୍ଷଙ୍କୁ ଉପସ୍ଥିତ ରହି ସମାଧାନ ନିମନ୍ତେ ନୋଟିସ କରାଯାଇଥିଲା । ଆଇନ ସେବା ପ୍ରାଧିକରଣ ସଚିବ ବିଡିଡି ଚନ୍ଦନଙ୍କ ହସ୍ତକ୍ଷେପ ଏବଂ ରିଟେନର ଆଇନଜୀବୀ ମିହିର ନାରାୟଣ ମଲ୍ଲିକଙ୍କ ମଧ୍ୟସ୍ଥତା ମାଧ୍ୟମରେ ଦେବଯାନୀ ଓ ତାଙ୍କ ସାମୀ ରାକେଶ ଏବଂ ତାଙ୍କ ଶାଶୁ ଶଶୁର ପୁଣି ଏକାଠି ହୋଇ ଚଳିବାକୁ ରାଜି ହୋଇଥିଲେ । ଉଭୟ ପକ୍ଷ ଏହି ସମାଧାନରେ ଖୁସି ହୋଇ ଘରକୁ ଯାଇଥିଲେ ।

## ବିଦ୍ୟାଳୟ ପରିଚ୍ାଳନା ଓ ଉନ୍ନୟନ କମିଟି

**ବାଲିପାଟଣା,୩୦।୧୧ ଏକ୍ସପ୍ରେସ୍ ନ୍ୟୁଜ୍**



ବାଲିପାଟଣା ବ୍ଲକ ଅନ୍ତର୍ଗତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ପରିଚ୍ାଳନା ଓ ଉନ୍ନୟନ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷ ସନ୍ତୋଷ କୁମାର ମହାପାତ୍ରଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକରେ ଉପଜିଲ୍ଲାପାଳ ଡଃ. ମନୋରଞ୍ଜନ ସାହୁ ସଭାରେ ଅଧକ୍ଷତା କରିଥିଲେ । ବୈଠକରେ ବିଦ୍ୟାଳୟର ସମସ୍ତ ସମସ୍ୟା ସମ୍ବନ୍ଧରେ ଆଲୋଚ୍ନା କରାଯାଇଥିଲା । ବିଗତ ବର୍ଷରେ ଥିବା ସମସ୍ୟାର ସମାଧାନ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ବୈଠକରେ ଆଲୋଚ୍ନା କରାଯାଇଥିଲା । ବର୍ତ୍ତମାନ୍ ସମୟରେ ଛାତ୍ରଛାତ୍ରୀଙ୍କର ହଷ୍ଟେଲର କାର୍ଯ୍ୟକାରିତା, ଖେଳପଡିଆର ନିର୍ମାଣ, ବିଦ୍ୟାଳୟ ପରିସର ଆଲୋକିକରଣ, କମ୍ପ୍ୟୁଟର ଲ୍ୟାବ୍‌ର ଉପଯୋଗୀତା ସହିତ ଅନ୍ୟାନ୍ୟ ଦିଗ ଉପରେ ବୈଠକରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ସମିତିର ସଦସ୍ୟମାନେ ବିଦ୍ୟାଳୟର ଉନ୍ନତି ପାଇଁ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାଲିପାଟଣା ବିଡିଓ ଶୁଭ୍ରାଂଶୁ ଶେଖର ପାଢ଼ୀ, ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଡଃ. ପୃଥ୍ୱୀରାଜ ଅଂଶୁମାନ ପ୍ରଧାନ, ଏବିଇଓ ବିଜୟ କୁମାର ବେହେରା ଏବଂ ଆର ଆଣ୍ଡ ବିର ଆସିଷ୍ଟାଣ୍ଟ ଇଞ୍ଜିନିୟର ମନୋରଞ୍ଜନ ମହାପାତ୍ର ଏହି ବୈଠକରେ ଉପସ୍ଥିତ ଥିଲେ । ପ୍ରିୟଦର୍ଶିନୀ ଦାସ ପୂର୍ବ ବର୍ଷର ବିବରଣୀ ପାଠ କରିଥିଲେ ଓ ସହ ଶିକ୍ଷୟିତ୍ରୀ ପୂଜାରିଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।


**AFFIDAVIT**

By virtue of an affidavit sworn before Executive Magistrate, Ghatgaon on Date 27/11/2025. I PRAMOD NAIK At/Po - Mukundpur Patna, Ps- Ghatgaon, Dist - Keonjhar, Pin-758027 Odisha, declare that the correction of my name and Date of Birth in my Aadhaar Card from PARAMANANDA NAIK TO PRAMOD NAIK and Date of Birth 15/07/1989 to 03/05/1998. Henceforth, I shall be known as PRAMOD NAIK for all future purposes.

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର | 1st December, 2025 Monday | RNI Regd. No. ODIODI/2006/23033 | Postal Regd. No. : BN/169/13-15

## ସ୍ୱାମୀଙ୍କ ମିଠା ମିଠା ପ୍ରସ୍ତାବ

ହେଲ୍ଥ



ଟନିକ୍

ସ୍ୱାମୀ ଅଫିସ୍ ବାହାରିଛନ୍ତି, ସ୍ତ୍ରୀ କହିଲେ- ମତେ ଆଉ ଏ ଜୀବନ ଭଲ ଲାଗୁନି। ସବୁବେଳେ ଖଟର ଖଟର ମୁଁ ସହିପାରୁନି। ଏହାର ଗୋଟେ ନିଷ୍ପତ୍ତି ହେବା ଦରକାର।

ସ୍ୱାମୀ ପଚାରିଲେ- କି ନିଷ୍ପତ୍ତି ?

ସ୍ତ୍ରୀ କହିଲେ- ମୋର ଛାଡ଼ପତ୍ର ଦରକାର।

ସ୍ତ୍ରୀଙ୍କ ମୁହଁରୁ ଛାଡ଼ପତ୍ର ଶୁଣିବା ମାତ୍ରେ ସ୍ୱାମୀ ପକେଟ୍‌ରେ ହାତ ପୂରାଇ ଗୋଟେ କ୍ୟାଡ୍‌ବରିଜ୍ ଚକଲେଟ୍ ବାହାର କଲେ। ତାକୁ ସ୍ତ୍ରୀଙ୍କ ହାତରେ ଧରେଇ ଦେଇ କହିଲେ- ଏଇଟା ଖାଇପକାଅ।

ସ୍ତ୍ରୀ କହିଲେ- ମୁଁ ତମ ଚାଲାକି ଜାଣିଛି। ମତେ ଚକଲେଟ୍ ଖୁଆଇ ମନେଇବାକୁ ଚେଷ୍ଟା କରୁଛ।

ସ୍ୱାମୀ କହିଲେ- ନାଇଁ ନାଇଁ ସେକଥା ନୁହେଁ। ମୋ ମା' ବଞ୍ଚିଥିଲାବେଳେ କହୁଥିଲା- କିଛି ଭଲ କାମ କରିବା ପୂର୍ବରୁ ମୁହଁ ମିଠା କରିବା ଦରକାର।

## ସମ୍ପତ୍ତି ତାଲିକା ନଦେଲେ ପ୍ରମୋସନ୍ ବନ୍ଦ

**ଭୁବନେଶ୍ୱର,୩୦।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ସରକାର କର୍ମଚାରୀଙ୍କ ଲାଗି କଡ଼ା କଟକଣା ଜାରି କରିଛନ୍ତି। ସରକାରୀ ବାବୁ ସମ୍ପତ୍ତି ତାଲିକା ନଦେଲେ ଏଣିକି ସରକାରୀ କର୍ମଚାରୀଙ୍କ ପ୍ରମୋସନ ବନ୍ଦ। ସମ୍ପତ୍ତି ତାଲିକା ନଦେଲେ ସରକାରୀ କର୍ମଚାରୀ ମାନଙ୍କର ପଦୋନ୍ନତି ହେବ ନାହିଁ। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏନେଇ ଚିଠି ଜାରି ହୋଇଛି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏନେଇ ସବୁ ବିଭାଗକୁ ଚିଠି ଲେଖିଛନ୍ତି। ଜାନୁଆରୀ ମାସ ସୁଦ୍ଧା ସମ୍ପତ୍ତି ତାଲିକା ଦେବାକୁ ପୂର୍ବରୁ ନିର୍ଦ୍ଦେଶ ହୋଇଥିଲା। ଏହା ପୂର୍ବରୁ ବହୁବାର ଜିଏ ବିଭାଗ ପକ୍ଷରୁ ସମ୍ପତ୍ତି ତାଲିକା ଦେବାକୁ ଚିଠି ଲେଖାଯାଇଥିଲା। ହେଲେ ଅନେକ ବାବୁ ସମ୍ପତ୍ତି ତାଲିକା ଦେଇନାହାନ୍ତି। ତେଣୁ ସରକାର ଏବେ କଠୋର ହୋଇଛନ୍ତି।

## ଗାଡ଼ି ଯାଞ୍ଚ ବେଳେ ମିଳିଲା ଦେଶୀ ପିସ୍ତଲ

## ଘରେ ଚାଲିଥିଲା ବନ୍ଧୁକ କାରଖାନା

**ରଣପୁର,୩୦।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ନୟାଗଡ଼ ଜିଲ୍ଲା ରଣପୁର ଥାନା ପୋଲିସ ବନ୍ଧୁକ ତିଆରି ସାମଗ୍ରୀ ସହ ଦୁଇଟି ବନ୍ଧୁକ ଜବତ କରିଛି। ଘଟଣାରେ ଦୁଇ ଜଣଙ୍କୁ ଗିରଫ କରିଛି ପୋଲିସ। ଗିରଫ ଦୁଇ ଜଣ ହେଲେ ଶରଣକୁଳ ଥାନା ଜାକେଡା ଗ୍ରାମର ପ୍ରଶାନ୍ତ ବିଶ୍ୱାଳ ଏବଂ ରଣପୁର ଥାନା ଡମସାହି ଲଡୁକେଶ୍ୱରପୁର ଗ୍ରାମର ତୋଫାନ ବିଶ୍ୱାଳ। ରବିବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

ସୂଚନାଯୋଗ୍ୟ ଯେ, ଶନିବାର ଦର୍ପନାରାୟଣପୁର ଫାଣ୍ଡି ପୋଲିସ ଗାଡି ଯାଞ୍ଚ କରୁଥିବା ସମୟରେ ଗୋଟିଏ ବାଇକରୁ ଦେଶୀ ପିସ୍ତଲ ପାଇଥିଲା। ପଚରାଉଚରା କରିବା ପରେ ସେ ଏହି ବନ୍ଧୁକ ପ୍ରଶାନ୍ତ ବିଶ୍ୱାଳଙ୍କ ଠାରୁ କିଣିଥିବା ସ୍ୱୀକାର କରିଥିଲା। ଯାହାକୁ ନେଇ ପୋଲିସ ଟିମ୍ ଗୋଡିପଡାରେ ରହିଥିବା ପ୍ରଶାନ୍ତର ଘର ଉପରେ ଚଢ଼ାଉ କରିବା ପରେ ସେ ବନ୍ଧୁକ ତିଆରି କରୁଥିବା ଜଣାପଡିଥିଲା। ତାକୁ ପୋଲିସ ଧରିବାକୁ ଚେଷ୍ଟା କରୁଥିବା ବେଳେ ସେ ଆକ୍ରମଣ କରିଥିଲା। ପ୍ରଶାନ୍ତର ଆକ୍ରମଣରେ ଜଣେ ଏଏସଆଇ ଆହତ ହୋଇଥିବା ନୟାଗଡ ଏସ୍‌ପି ଏସ୍ ସୁଶ୍ରୀ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ପରେ ପୋଲିସ ପ୍ରଶାନ୍ତକୁ କାବୁ କରିବା ସହ ତାର ଘର ଛାତ ଉପରେ ଚାଲିଥିବା ବନ୍ଧୁକ କାରଖାନାରୁ ସମସ୍ତ ତିଆରି ସାମଗ୍ରୀ ଜବତ କରିଛି। ଏହା ସହିତ ଆଉ ଏକ ବନ୍ଧୁକ ଜବତ କରିଛି। ଏସ୍‌ପିଙ୍କ ସୂଚନାନୁସାରେ, ଦୁଇଟି ବନ୍ଧୁକ ସମେତ ଡାଏ ମେସିନ, ଓଲଡିଂ ମେସିନ ଓ ଅନ୍ୟାନ୍ୟ ସାମଗ୍ରୀ ସହ ଏକ ବାଇକ ଜବତ କରାଯାଇଛି। ପ୍ରଶାନ୍ତ ନାଁରେ ଶରଣକୁଳ ଥାନାରେ ଏକାଧିକ ମାମଲା ରହିଛି।

## ଅସଲି ନାଁରେ ନକଲି ସାମଗ୍ରୀ ବିକ୍ରି

**କଟକ,୩୦।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଅସଲି ନାଁରେ ମିଳୁଛି ନକଲି ଘର ତିଆରି ସାମଗ୍ରୀ। ଅଭିଯୋଗ ଆସିବା ପରେ ପୋଲିସ ସହାୟତାରେ ଚଢ଼ଉ କରି ନକଲି ସାମଗ୍ରୀ ଜବତ କରିବା ସହ ଦୋକାନୀଙ୍କୁ ଅଟକ ରଖି ତଦନ୍ତ କରୁଛି ପୋଲିସ। କଟକ ଚୌଦ୍ୱାର ଅଞ୍ଚଳରେ ସାମ୍ନାକୁ ଆସିଛି ଏଭଳି ଘଟଣା। ସୂଚନା ଅନୁସାରେ, ରବିବାର ଚୌଦ୍ୱାର ଓଟିଏମ ବଜାରରେ ଥିବା ଜଗନ୍ନାଥ ଟ୍ରେଡର ନାମକ ଏକ ଘରୋଇ ବ୍ୟବସାୟିକ ପ୍ରତିଷ୍ଠାନରେ ଚଢାଉ କରି ଲକ୍ଷାଧିକ ଟଙ୍କାର ନକଲି ପ୍ରୋଫାଇଲ୍ ସିଟ୍ ଜବତ କରାଯାଇଛି। ଏସବୁରେ ଜିନ୍ଦଲ ଷ୍ଟିଲର ନାଁ ରହିଥିଲା। ମାତ୍ର ଏସବୁ ନକଲି। ଅଭିଯୋଗ ହୋଇଛି ଦୀର୍ଘ ଦିନ ହେବ ଚୌଦ୍ୱାର ଅଞ୍ଚଳରେ ନାମୀ ଦାମୀ କମ୍ପାନୀର ନକଲି ଘର ତିଆରି ଉପକରଣ ବିକ୍ରି କରି ବ୍ୟବସାୟୀ ଜଣଙ୍କ ଭଲ ମୁନାଫା କମାଉଥିଲେ। ଏମିତିରେ ଅଭିଯୋଗ ପାଇବା ପରେ ଜିନ୍ଦଲ ଷ୍ଟିଲ ଓ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ଲକ୍ଷାଧିକ ଟଙ୍କାର ପ୍ରୋଫାଇଲ୍ ସିଟ ଜବତ୍ କରିବା ସହିତ ବ୍ୟବସାୟୀଙ୍କୁ ଅଟକ ରଖି ତଦନ୍ତ କରୁଛି ଚୌଦ୍ୱାର ପୋଲିସ।

# ବାରବାଟୀ ଟି-୨୦ ମ୍ୟାଚ୍: ଆଜିଠୁ ଅନ୍‌ଲାଇନ୍‌ରେ ଟିକେଟ୍ ବିକ୍ରି

**କଟକ,୩୦।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ବାରବାଟୀ ଷ୍ଟାଡ଼ିୟମରେ ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ଡିସେମ୍ବର ୯ ତାରିଖରେ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ ଅନୁଷ୍ଠିତ ହେବ। ଟିକେଟ ଉପଲବ୍ଧ ହେବ । ଯେଉଁମାନେ ଅନଲାଇନ ଟିକେଟ କିଣିବେ ଆସନ୍ତା ଡିସେମ୍ବର ୮ ଓ ୯ ତାରିଖରେ ସ୍ଥାନୀୟ କେମ୍ବ୍ରିଜ ସ୍କୁଲରୁ ସେମାନଙ୍କ ଟିକେଟ ସଂଗ୍ରହ କରିବେ । ଏହାଛଡ଼ା ଓସିଏ ଅନୁବନ୍ଧିତ ସଂସ୍ଥାକୁ

- ୫ ତାରିଖରେ କାଉଣ୍ଟରରେ ଟିକେଟ ବିକ୍ରି
- ଅନଲାଇନରେ ୨୦୦୦ ଟିକେଟ ମିଳିବ
- କାଉଣ୍ଟରରେ ୧୦ହଜାର ଟିକେଟ ବିକ୍ରି
- ଜଣେ ବ୍ୟକ୍ତିଙ୍କୁ ସର୍ବାଧିକ ୨ଟି ଟିକେଟ
- ନିର୍ମାଣ ହେବ ୩ଟି ଫ୍ୟାନ୍ ପାର୍କ

ବାରବାଟୀ ଟି-୨୦ ମ୍ୟାଚ ପାଇଁ ଆଜିଠୁ ଅର୍ଥାତ ଡିସେମ୍ବର ୧ ତାରିଖରୁ ଅନଲାଇନରେ ଟିକେଟ ଉପଲବ୍ଧ ହେବ। ଏ ନେଇ ରବିବାର ଅପରାହ୍ନରେ ବାରବାଟୀ ଷ୍ଟାଡ଼ିୟମ ପରିସରସ୍ଥ ଓସିଏ କନଫରେନ୍ସ ହଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଓସିଏ ସଂପାଦକ ସଂଜୟ ବେହେରା ସୂଚନା ଦେଇଛନ୍ତି । ଚଳିତ ମ୍ୟାଚ ନିମନ୍ତେ ଅନଲାଇନରେ କେବଳ ୨୦୦୦ ଟିକେଟ ବିକ୍ରି କରାଯିବ। ଡିଷ୍ଟ୍ରିକ୍ଟ ବାଏ ଜମାଟୋ ଆପରେ ଅନଲାଇନ ଡିସେମ୍ବର ୩ ଓ ୪ ତାରିଖରେ ଟିକେଟ ବିକ୍ରି ହେବ।

ଏଥର ବାରବାଟୀ ଷ୍ଟାଡ଼ିୟମରେ ୪୨ ହଜାର ଦର୍ଶକ ମ୍ୟାଚ ଦେଖିପାରିବେ ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି । ମୋଟ ୨୩ହଜାର ଟିକେଟ ବିକ୍ରି ହେବ । ୧୮ହଜାର ୪୦୦ କଂପ୍ଲିମେଣ୍ଟାରୀ ପାସ୍ ରହିଛି । ଡିସେମ୍ବର ୫ ତାରିଖରେ ସାଧାରଣ ଦର୍ଶକଙ୍କ ପାଇଁ କାଉଣ୍ଟରରେ ଟିକେଟ ବିକ୍ରି ହେବ । କାଉଣ୍ଟରରେ ସର୍ବମୋଟ ୧୦ହଜାର ଟିକେଟ ବିକ୍ରି ହେବ ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି । ଜଣେ ବ୍ୟକ୍ତି ସର୍ବାଧିକ ୨ଟି ଟିକେଟ ବୈଧ ପ୍ରମାଣ ପତ୍ର ଦେଖାଇ କିଣି ପାରିବେ। ଦିନ ୯ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କାଉଣ୍ଟରରେ ଟିକେଟ ବିକ୍ରି ହେବ । ଗତ ମ୍ୟାଚର ଟିକେଟ ବିଭ୍ରାଟକୁ ଦେଖି ଏଥର ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି ବୋଲି ଓସିଏ ସଂପାଦକ ଶ୍ରୀ ବେହେରା ସୂଚନା ଦେଇଛନ୍ତି। ପୂର୍ବରୁ ପ୍ରତ୍ୟେକ ସିଟର ବ୍ୟବଧାନ ୧୯ଇଂଚ ଥିଲା । ଏଥର ଏହାକୁ ୨୨ ଇଂଚ କରାଯାଇଛି । ଗ୍ୟାଲେରୀ ନମ୍ବର ୧ ଓ ୩ର ଟିକେଟ ମୂଲ୍ୟ ୧୧୦୦ଟଙ୍କା ଥିବାବେଳେ ୨ ଓ ୪ ନମ୍ବର ଗ୍ୟାଲେରୀର ଟିକେଟ ମୂଲ୍ୟ ୯୦୦ଟଙ୍କା ରହିଛି। ସେହିପରି ୫ ନମ୍ବର ଗ୍ୟାଲେରୀର ଟିକେଟ ମୂଲ୍ୟ ୧୨୦୦ଟଙ୍କା ରହିଛି । ଏହାଛଡ଼ା ଗ୍ୟାଲେରୀ ନମ୍ବର ୬ ର ମୂଲ୍ୟ ୭୦୦ ଟଙ୍କା ରହିଛି । ସେହିପରି ସ୍ପେସିଆଲ ଏନକ୍ଲୋଜରର ମୂଲ୍ୟ ୬ହଜାର ଟଙ୍କା, ଏସିବକ୍ସ ଟିକେଟର ମୂଲ୍ୟ ୮ହଜାର ଟଙ୍କା, ନିଉ ପାଭାଲିୟନ ଟିକେଟର ମୂଲ୍ୟ ୧୦ହଜାର ଟଙ୍କା ଓ କର୍ପୋରେଟ ବକ୍ସ ଟିକେଟର ମୂଲ୍ୟ ୨୦ହଜାର ଟଙ୍କା ରହିଛି। ବାରବାଟୀ ଷ୍ଟାଡ଼ିୟମରେ ଟି-୨୦ ମ୍ୟାଚ ସନ୍ଧ୍ୟା ୭ଟାରେ ଆରମ୍ଭ ହେବ । ଅପରାହ୍ନ ୪ଟାରୁ ପ୍ରବେଶ ଅନୁମତି ଦିଆଯିବ ବୋଲି ଓସିଏ ସଂପାଦକ ସୂଚନା ଦେଇଛନ୍ତି । ଚଳିତ ଥର ଫ୍ଲଡ଼ ଲାଇଟ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି ବୋଲି ଓସିଏ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି। କ୍ରିକେଟ ପ୍ରେମୀଙ୍କ ପାଇଁ ଉପର ବାଲିଯାତ୍ରା ପଡ଼ିଆ, ତଳ ବାଲିଯାତ୍ରା ପଡ଼ିଆ ଓ ଜବାହାରଲାଲ ନେହରୁ ଇଣ୍ଡୋର ଷ୍ଟାଡ଼ିୟମଠାରେ ୩ଟି 'ଫ୍ୟାନ ପାର୍କ' ନିର୍ମାଣ କରାଯାଇଛି । ଉଭୟ ଦଳ



ପ୍ରଥମ ଟିକେଟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅର୍ପଣ

ଭୁବନେଶ୍ୱରର ମେ ଫେୟାର ହୋଟେଲରେ ରହିବେ ଏବଂ କଡ଼ା ସୁରକ୍ଷା ମଧ୍ୟରେ ପୃଥକ ପୃଥକ ବସରେ ମ୍ୟାଚ ପାଇଁ ବାରବାଟୀ ଷ୍ଟାଡ଼ିୟମକୁ ଯାତ୍ରା କରିବେ । ମ୍ୟାଚ ପାଇଁ ୫୦କୋଟି ଟଙ୍କା ବୀମା କରାଯାଇଛି ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି। ଷ୍ଟାଡ଼ିୟମ ପ୍ରବେଶ ଦ୍ୱାରରୁ ଆସୁଥିବା ୪ଟି ରାସ୍ତାରେ ସିସିଟିଭି କ୍ୟାମେରା ଲଗାଯିବ । ନେଟ ପ୍ରାକ୍ଟିସ ସମୟରେ ଗ୍ୟାଲେରୀ ୧, ୨, ୬ ଏବଂ ୭ ଖୋଲା ରହିବ। କିମ୍ସ ହସ୍ପିଟାଲ ଏବଂ ଏସସିବି ମେଡ଼ିକାଲ କଲେଜ ଏବଂ ହସପିଟାଲ ଦଳ କାର୍ଯ୍ୟରେ ନିୟୋଜିତ ରହିବେ। ଏହାଛଡ଼ା ଅଗ୍ନି ନିରାପତ୍ତା ଏବଂ ଚିକିତ୍ସା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ସମସ୍ତ ଗ୍ୟାଲେରୀରେ ପାନୀୟଜଳ ଉପଲବ୍ଧ ହେବ। ଓସିଏ ପକ୍ଷରୁ ବାରବାଟୀ ଟି-୨୦ ମ୍ୟାଚ ପାଇଁ ପ୍ରଥମ ଟିକେଟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅର୍ପଣ କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଓସିଏ ସଭାପତି ପଙ୍କୋଜ ଲୋଚନ ମହାନ୍ତି, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ସିଓ ସୁବ୍ରତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷାଠାରୁ ବଡ଼ ଅସ୍ତ୍ର କିଛି ନାହିଁ: ଗଣେଶୀ ଲାଲ

**ଭୁବନେଶ୍ୱର,୩୦।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଜାଗରଣ, ଆତ୍ମୀୟତା ଓ ପ୍ରତିବଦ୍ଧତା ହେଉଛି ଜୀବନର ମୂଳମନ୍ତ୍ର ବୋଲି ଓଡ଼ିଶାର ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ରବିବାର କିସ୍ ବିଶ୍ୱବିଦ୍ୟାଳୟ ୫ମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଫେସର ଲାଲ୍ କହିଲେ, ମୁଁ କିଏ, ମୁଁ କେଉଁଠି ଅଛି ଓ ମୁଁ କାହିଁକି ଅଛି ଏ ଅସମାହିତ ପ୍ରଶ୍ନ ଆଜି ପର୍ଯ୍ୟନ୍ତ ସମାଧାନ ହୋଇପାରିନାହିଁ। ମାତ୍ର କିସ୍ ବିଶ୍ୱବିଦ୍ୟାଳୟରେ ପିଲାମାନଙ୍କୁ ଏହି ଅସମାହିତ ପ୍ରଶ୍ନ ଉତ୍ତର ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଦେଇପାରିଛନ୍ତି। କିସ୍ ଆଜି ବିଶ୍ୱ ପାଇଁ ଏକ ଐତିହ୍ୟ ପାଲଟିଛି। ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସେ କହିଲେ, ସବୁବେଳେ ଇଣ୍ଟରନେଟ୍ ଉପରେ ନିର୍ଭରଶୀଳ ହେବା ଅପେକ୍ଷା ନିଜ ଅନ୍ତରାତ୍ମା ବା ଇନର୍ ନେଟ୍‌କୁ ପଚାରି ଯେ କୌଣସି କାର୍ଯ୍ୟ କରିବା ଉଚିତ। ଜୀବନରେ ସବୁବେଳେ ଅନୁସନ୍ଧିତ୍ସୁ ହେବା ସହ ସମସ୍ତଙ୍କୁ ଭଲ ପାଇବା ଏବଂ ପ୍ରତିବଦ୍ଧତା ରହିଲେ ସଫଳତା ହାସଲ ହୋଇପାରିବ ବୋଲି ପ୍ରଫେସର ଲାଲ୍ କହିଥିଲେ। ଏହି ଉତ୍ସବରେ ଦୀକ୍ଷାନ୍ତ ଅଭିଭାଷଣ ପ୍ରଦାନ କରି ଟ୍ୟୁନିସିଆର ନୋବେଲ ବିଜେତା କୁଇଦେଦ୍ ବୋଚମୁଇ କହିଲେ, ଅଚ୍ୟୁତ ସାମନ୍ତଙ୍କ ଭଳି ଜଣେ ନେତୃତ୍ୱକୁ ନିକଟରେ ପାଇଥିବାରୁ କିସ୍‌ର ଛାତ୍ରଛାତ୍ରୀମାନେ ଭାଗ୍ୟବାନ। ଶାନ୍ତି ଓ ସମାନତା ନିମନ୍ତେ ଶିକ୍ଷା ହେଉଛି ସବୁଠାରୁ ପ୍ରଭାବୀ ଅସ୍ତ୍ର। ଅନ୍ୟମାନଙ୍କ ଉପରେ ନିଜର କର୍ତ୍ତୃତ୍ୱ ଜାହିର କରିବା ବଦଳରେ ସେମାନଙ୍କ ପ୍ରତି ଦୟାଶୀଳ ଓ ଉଦାର ମନୋଭାବ ପୋଷଣ ଲାଗି ସେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ।




ଏହି ଅବସରରେ ଓଡ଼ିଶାର ତିନିଜଣ ବିଶିଷ୍ଟ ବ୍ୟକ୍ତି ସାଂସଦ ଭର୍ତ୍ତୃହରି ମହତାବ, ଦୈନିକ ସମ୍ବାଦର ପ୍ରତିଷ୍ଠାତା ସୌମ୍ୟ ରଞ୍ଜନ ପଟ୍ଟନାୟକ ଏବଂ ସିଓ୍ୱାଇଏସ୍‌ଡିର ସହପ୍ରତିଷ୍ଠାତା ଜଗଦାନନ୍ଦଙ୍କୁ ସମ୍ମାନସୂଚକ ଡକ୍ଟୋରେଟ ଡିଗ୍ରୀ ପ୍ରଦାନ କରାଯାଇଥିଲା। ସମ୍ମାନ ଗ୍ରହଣ କରି ଶ୍ରୀ ମହତାବ କହିଲେ, ଏହି ସମ୍ମାନସୂଚକ ଡିଗ୍ରୀ ମୋର ଶିକ୍ଷାଗତ ଯୋଗ୍ୟତା ନିମନ୍ତେ ନୁହେଁ, ସାଧାରଣ ଜୀବନରେ ଦୀର୍ଘ ୩୦ବର୍ଷର ମୋର କାର୍ଯ୍ୟର ସ୍ୱୀକୃତି। କିସ୍‌ର ଛାତ୍ରଛାତ୍ରୀମାନେ ଯେଉଁ ଶୃଙ୍ଖଳା ଓ ସଞ୍ଜମ ପ୍ରଦର୍ଶନ କରୁଛନ୍ତି ତାହା ଓଡ଼ିଶାର ଅନ୍ତର୍ନିହିତ ଶକ୍ତିକୁ ହିଁ ପ୍ରଦର୍ଶିତ କରୁଛି ବୋଲି ସେ କହିଥିଲେ। ସମ୍ମାନ ଗ୍ରହଣ ଶ୍ରୀ ପଟ୍ଟନାୟକ କହିଲେ, ଏପରି ସମାବର୍ତ୍ତନ ସଭା ପ୍ରଥମଥର ପାଇଁ ମୁଁ ମୋ ଜୀବନରେ ଦେଖୁଛି। ଏହି ସମ୍ମାନ ମୋତେ ଆଗକୁ ଆହୁରି କାର୍ଯ୍ୟ କରିବା ପାଇଁ ଅଧିକ ଶକ୍ତି ଯୋଗାଇବ। ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ ସେ କହିଲେ ଜୀବନରେ ସଫଳତା ପାଇବାକୁ ହେଲେ ପ୍ରଶ୍ନ ପଚାରି ଶିଖ ଏବଂ ମାଆ, ମାଟି ଓ ମାତୃଭାଷା ପ୍ରତି ସମ୍ମାନ ରଖିଥାଅ। ସମ୍ମାନ ଗ୍ରହଣ ଶ୍ରୀ ଜଗଦାନନ୍ଦ କହିଲେ, ନ୍ୟାୟ ଓ ସମ୍ମାନ କ୍ଷେତ୍ରରେ ଓଡ଼ିଶାର ଯାତ୍ରାକୁ ମୋର ଏହି ସମ୍ମାନ ପ୍ରତିଫଳିତ କରୁଛି। କିସ୍ ହେଉଛି ସମ୍ମାନ ଓ ସୁଯୋଗର ଉତ୍ସ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନୀୟ ଅତିଥି ଭାବେ ୟୁଏଇସ୍ଥିତ କେଇଏଫ୍‌ର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଫଇଜଲ ଇଦାଭାଲାଥ କୋଟି କୋଟିକୋଲୋନ, ଇଂଲଣ୍ଡସ୍ଥିତ ମାଲହୋତ୍ରା ଗ୍ରୁପ୍ ପିଏଲ୍‌ସିର ଅଧ୍ୟକ୍ଷ ଜେ ଏମ୍ ମିନୁ ମାଲହୋତ୍ରା ପ୍ରମୁଖ ଯୋଗଦେଇଥିଲେ।

ସମାବର୍ତ୍ତନରେ ମୋଟ ୪୬୪ ଜଣଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିବା ବେଳେ ୨୦ ଜଣଙ୍କୁ ପିଏଚ୍‌ଡି ଡିଗ୍ରୀ ପ୍ରଦାନ କରାଯାଇଥିଲା। ସେହିପରି ସାମଗ୍ରିକ ଭାବେ ଉତ୍କର୍ଷତା ପ୍ରତିପାଦିତ କରିଥିବା ଜଣଙ୍କୁ ପ୍ରତିଷ୍ଠାତା ସ୍ୱର୍ଣ୍ଣପଦକ ଏବଂ ଶୈକ୍ଷିକ ଉତ୍କର୍ଷତା ପ୍ରତିପାଦନ ନିମନ୍ତେ ୭ଜଣଙ୍କୁ କୁଳାଧିପତି ସ୍ୱର୍ଣ୍ଣପଦକ ଓ ୭ଜଣଙ୍କୁ କୁଳପତି ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ଓ କିସ୍ ଉପସଭାପତି ଉମାପଦ ବୋଷ, କିସ୍ ସମ୍ପାଦକ ଆର ଏନ୍ ଦାଶ, କିଟ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ କୁମାର ପରିଜା, କିସ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ସତ୍ୟ ଏସ୍ ତ୍ରିପାଠୀ, ଉପକୁଳାଧିପତି ପ୍ରଫେସର ଅମରେଶ୍ୱର ଗାଲା, କୁଳପତି ପ୍ରଫେସର ଶରଣଜିତ ସିଂହ ଓ କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାରୁ...

### ୧୭ ରନ୍‌ରେ...

ଜାନସେନ ଚମତ୍କାର ଇନିଂସ ଖେଳିଥିଲେ। ତେବେ ସେ ୩୯ଟି ବଲରୁ ୭୦ ରନ୍ କରି ଆଉଟ୍ ହୋଇଯାଇଥିଲେ। ସେ ୮ଟି ଚୌକା ଓ ୩ଟି ଛକା ସହାୟତାରେ ୭୦ ରନ୍ କରିଥିଲେ। ସେ ୩୩.୧ ଓଭରରେ ଆଉଟ୍ ହେବା ବେଳକୁ ଦଳୀୟ ସ୍କୋର ୨୨୭ରେ ପହଞ୍ଚିଥିଲା। କୁଲଦୀପ ଯାଦବଙ୍କ ବଲରେ ସେ ଋତୁରାଜ ଗାଏକ୍ୱାଡଙ୍କ ଦ୍ୱାରା କ୍ୟାଚ୍ ଆଉଟ୍ ହୋଇଥିଲେ।

ମାର୍କୋ ଆଉଟ୍ ହେବା ପରେ ସେହି ଓଭରରେ ଗୋଟିଏ ବଲ୍ ଛାଡି ଅର୍ଥାତ୍ ୩୩.୩ ଓଭରରେ ଆଉଟ୍ ହୋଇଥିଲେ ମାଥ୍ୟୁ ବ୍ରେଟଜକେ। ସେ ୮୦ଟି ବଲରୁ ୮ ଚୌକା ଓ ଗୋଟିଏ ଛକା ସହାୟତାରେ ୭୨ ରନ୍ କରିଥିଲେ। କୁଲଦୀପଙ୍କ ବଲ୍‌ରେ ବିରାଟ କୋହଲିଙ୍କ ଦ୍ୱାରା ସେ କ୍ୟାଚ୍ ଆଉଟ୍ ହୋଇଥିଲେ।

ପ୍ରେନେଲାନ ସୁବ୍ରାୟେନ ୧୬ଟି ବଲ୍‌ରୁ ୧୭ ରନ୍ କରି କୁଲଦୀପଙ୍କ ବଲ୍‌ରେ ରାହୁଲଙ୍କ ହାତରେ କ୍ୟାଚ୍ ଆଉଟ୍ ହୋଇଥିଲେ। କୋରବିନ ବଚ୍ ଭଲ ଖେଳିଥିଲେ। ସେ ଦଳର ବିଜୟୀ ଆଶାକୁ ବହୁ ସମୟ ପର୍ଯ୍ୟନ୍ତ ଉଜ୍ଜୀବିତ କରି ରଖିଥିଲେ। କିନ୍ତୁ ଦଳକୁ ବିଜୟୀ କରିପାରି ନଥିଲେ। ସେ ୫୧ଟି ବଲ୍‌ରେ ୫ ଚୌକା ଓ ୪ ଛକା ସହାୟତାରେ ୬୭ ରନ୍ କରିଥିଲେ। ଶେଷ ପର୍ଯ୍ୟନ୍ତ ଲଢ଼େଇ କରିଥିବା ଏହି ବ୍ୟାଟରଙ୍କୁ ଆଉଟ୍ କରିଥିଲେ ପ୍ରସିଦ୍ଧ କୃଷ୍ଣ। ଭାରତ ପକ୍ଷରୁ କୁଲଦୀପ ଯାଦବ ସର୍ବାଧିକ ୪ଟି ୱିକେଟ୍ ନେଇଥିବା ବେଳେ ହର୍ଷିତ ରାଣା ୩ଟି ଓ ଅର୍ଶଦୀପ ସିଂହ ଏବଂ ପ୍ରସିଦ୍ଧ କୃଷ୍ଣ ଗୋଟିଏ ଲେଖାଏ ୱିକେଟ୍ ପାଇଛନ୍ତି।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳ ନିର୍ଦ୍ଧାରିତ ୫୦ ଓଭରରେ ୮ ୱିକେଟ୍ ହରାଇ ୩୪୯ ରନ୍ କରିଥିଲା। ତା' ମଧ୍ୟରେ ରହିଛି ବିରାଟ କୋହଲିଙ୍କ ୧୩୫ ରନ୍ ସହିତ ରୋହିତ ଶର୍ମାଙ୍କ ୫୭, କେଏଲ ରାହୁଲଙ୍କ ୬୦ ଓ ରବୀନ୍ଦ୍ର ଜାଡେଜାଙ୍କ ୩୨ ରନ୍। ଯଶସ୍ୱୀ ଜୈସୱାଲ, ଋତୁରାଜ ଗାଏକ୍ୱାଡ୍ ଓ ୱାଶିଂଟନ ସୁନ୍ଦରଙ୍କ ପ୍ରଦର୍ଶନ ଦର୍ଶକଙ୍କୁ ନିରାଶ କରିଥିଲେ।

ଭାରତକୁ ପ୍ରଥମ ଝଟକା ଲାଗିଥିଲା ୩.୧ ଓଭରରେ। ୨ଟି ଚୌକା ଓ ଗୋଟିଏ ଛକା ସହାୟତାରେ ୧୮ ରନ୍ କରି ଆଉଟ୍ ହୋଇଥିଲେ ଯଶସ୍ୱୀ ଜୈସୱାଲ। ସେତେବେଳକୁ ଦଳର ସ୍କୋର ୨୫ରେ ପହଞ୍ଚିଥିଲା। ଏହା ପରେ କ୍ରିଜ୍‌ରେ ବେଶ୍ ଜମି ଯାଇଥିଲେ ରୋହିତ ଶର୍ମା ଓ ବିରାଟ କୋହଲି। ସେମାନଙ୍କ ମଧ୍ୟରେ ୧୩୬ ରନ୍‌ର ପାର୍ଟନରଶିପ ହୋଇଥିଲା। ଏହି ଯୋଡି ୮୨ ବଲ୍‌ରେ ୧୦୦ ରନ୍ କରିଥିଲେ।

୨୧.୨ ଓଭରରେ ଭାଙ୍ଗିଥିଲା ଏହି ଯୋଡି। ମାର୍କୋ ଜାନସେନଙ୍କ ଦ୍ୱାରା ଏଲ୍ ?ବିଡବ୍ଲ୍ୟୁ ହୋଇଥିଲେ ରୋହିତ ଶର୍ମା। ସେ ୫୧ଟି ବଲ୍ ?ରେ ୫ ଚୌକା ଓ ୩ ଛକା ସହାୟତାରେ ୫୭ ରନ୍ କରି ଆଉଟ୍ ହୋଇଥିଲେ। ସେ ୪୮ଟି ବଲ୍‌ରୁ ୫୦ ରନ୍ ପୂରଣ କରିଥିଲେ। ଏହା ହେଉଛି ତାଙ୍କ ଦିନିକିଆ କ୍ୟାରିୟରର ୬୦ତମ ଅର୍ଦ୍ଧଶତକ। ଆଜି ୩ଟି ଛକା ମାରିଥିବା ରୋହିତ ଏକ ବିଶ୍ୱ ରେକର୍ଡ କରିଛନ୍ତି। ଦିନିକିଆରେ ସର୍ବାଧିକ ଛକା ମାରିବାର ରେକର୍ଡ ତାଙ୍କ ନାଁରେ ଯୋଡି ହୋଇଛି। ସେ ଏଯାତବ ୩୫୨ଟି ଛକା ମାରିଛନ୍ତି। ଆଜି ୨୧.୨ ଓଭରରେ ସେ ଆଉଟ୍ ହେବା ବେଳକୁ ଦଳୀୟ ସ୍କୋର ୧୬୧ରେ ପହଞ୍ଚି ଯାଇଥିଲା।

ରୋହିତ ଆଉଟ୍ ହେବା ପରେ ଦଳ ଋତୁରାଜ ଗାଏକ୍ୱାଡ୍ ଓ ୱାଶିଂଟନ ସୁନ୍ଦର ସହଜ ଆଉଟ୍ ହୋଇଯାଇଥିଲେ। ଏହି ଦୁଇ ବ୍ୟାଟର ଯଥାକ୍ରମେ ୮ ଓ ୧୩ ରନ୍ କରି ପ୍ୟାଭିଲିୟନକୁ ଫେରି ଯାଇଥିଲେ। ତେବେ ଏଥିଯୋଗୁ କୋହଲି ଚାପଗ୍ରସ୍ତ ହୋଇନଥିଲେ। ସେ ଧୈର୍ଯ୍ୟର ସହିତ ଖେଳି ତାଙ୍କ ଦିନିକିଆ କ୍ୟାରିୟରର ୫୨ତମ ଶତକ ହାସଲ କରିଥିଲେ। ସେ ୧୨୦ଟି ବଲ୍‌ରୁ ୧୩୫ ରନ୍ କରି ଆଉଟ୍ ହୋଇଥିଲେ। ତା' ମଧ୍ୟରେ ଥିଲା ୧୧ଟି ଚୌକା ଓ ୭ଟି ଛକା।

ବିରାଟ ଆଉଟ୍ ହେବା ପରେ କେଏଲ ରାହୁଲ ଓ ରବୀନ୍ଦ୍ର ଜାଡେଜାଙ୍କ ଯୋଡି ଭାରତର ସ୍କୋରକୁ ଆଗେଇ ନେଇଥିଲା। ରାଲ ୫୬ଟି ବଲ୍‌ରୁ ୨ଟି ଚୌକା ଓ ୩ଟି ଛକା ସହାୟତାରେ ୬୦ ରନ୍ କରିଥିଲେ। ଜାଡେଜା ୨୦ଟି ବଲ୍‌ରୁ ୨ଟି ଚୌକା ଓ ଗୋଟିଏ ଛକା ସହାୟତାରେ ୩୨ ରନ୍ କରିଥିଲେ। ହର୍ଷିତ ରାଣା ୩ ରନ୍ କରି ଅପରାଜିତ ରହିଥିବା ବେଳେ ଅର୍ଶଦୀପ ସିଂହ ଖାତା ଖୋଲିପାରି ନଥିଲେ।

ଦକ୍ଷିଣ ଆଫ୍ରିକା ପକ୍ଷରୁ ମାର୍କୋ ଜାନସେନ, ନାନ୍ଦ୍ରେ ବର୍ଗର, କୋରବିନ୍ ବଚ୍ ଓ ଓଟନୀଲ ବାର୍ଟମ୍ୟାନ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ।

### ୧୧ ଯାଏଁ...

ଭୋଟର ତାଲିକାରୁ ପଛୁଆ ବର୍ଗଙ୍କ ନାମ ବାଦ ଦେବା ପାଇଁ ତାଙ୍କ ଉପରେ ଚାପ ଥିଲା। ସେ କହିଛନ୍ତି, ଏହା କୌଣସି କାହାଣୀ ନୁହେଁ, ବରଂ ଦେଶ ସାମ୍ନାରେ ଥିବା ଏକ କଠୋର ସତ୍ୟ। ଏତେ ତରବର କ'ଣ ପାଇଁ ? ସମୟ ନିଅ ଏବଂ ଏସଆଇଆର କର। ଏସଆଇଆର ପ୍ରସଙ୍ଗ କୌଣସି ଛୋଟ କଥା ନୁହେଁ। ଏହା ଭୋଟ ଚୋରିର ସବୁଠାରୁ ଶକ୍ତିଶାଳୀ ପଦ୍ଧତି। ସେଥିପାଇଁ ଏହାକୁ ଏତେ ଖୋଲାଖୋଲି ଭାବରେ ବ୍ୟବହାର କରାଯାଉଛି।

### ୩୭ ନକ୍ସଲଙ୍କ...

ବେଳେ ନକ୍ସଲ ବିରୋଧୀ ଅଭିଯାନକୁ ଜୋରଦାର କରାଯାଇଛି। ଫଳସ୍ୱରୂପ ବିପୁଳ ସଂଖ୍ୟାରେ ନକ୍ସଲ ଆତ୍ମସମର୍ପଣ କରୁଛନ୍ତି। ଏବେ ବି ଯେଉଁ ନକ୍ସଲମାନେ ସକ୍ରିୟ ଅଛନ୍ତି, ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ବାରମ୍ବାର ଆହ୍ୱାନ ଦେଉଛନ୍ତି ଛତିଶଗଡ ସରକାର।

### ବାପା-ମାଆ-ପୁଅକୁ...

ଅଦାଲତ ରାୟ ଶୁଣାଇଛନ୍ତି। ଆଇପିସି ଧାରା ୪୯୮(ଏ)/ ୩୪, ଆଇପିସି ଧାରା ୪୧୯/୩୪, ଆଇପିସି ଧାରା ୪୨୦/୩୪ ଓ ଦଫା ୪ ଡିପି ଆକ୍ଟ ଆଧାରରେ ସମସ୍ତ ୩ ଆସାମୀଙ୍କୁ ଦଣ୍ଡାଦେଶ ହୋଇଛି। ସେହିଭଳି ପୀଡିତାଙ୍କୁ ୧ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ତରଫରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର୍ ପ୍ରଦୀପ କୁମାର ମିଶ୍ର ଓ ଶୁଭଶ୍ରୀ ଜେନା ଏହି ମାମଲା ପରିଚାଳନା କରିଥିଲେ।

### ଗାଁ ଗାଁରେ...

ଦେଇ କହିଥିଲେ, କିଛିଦିନ ହେଲା ବିଜେଡି ଛାଡି ବିଜେପିରେ ମିଶିବା ନେଇ ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡେଇଙ୍କ ସମେତ ଭଣ୍ଡାରିପୋଖରୀ, ବାସୁଦେବପୁର, ଭଦ୍ରକ ବ୍ଲକ ଅଧ୍ୟକ୍ଷଙ୍କୁ ନେଇ ଚର୍ଚ୍ଚା ହୋଇଆସୁଥିଲା। ସେମାନେ ବିଜେପିରେ ମିଶିବା ପାଇଁ ସମସ୍ତ ପ୍ରକାର ଯୋଜନା ପ୍ରସ୍ତୁତ ହୋଇସାରିଥିବା କୁହାଯାଉଛି। ଏହାରି ଭିତରେ ଜିଲ୍ଲା ବିଜେଡି ପାଇଁ ଏହା ଏକ ଶକ୍ତ ଝଟକା ହୋଇଛି। ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ ଓ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ରାଜନୈତିକ ପତିଆରା ଏବେ କାଠଗଡାକୁ ଠେଲି ହୋଇଯାଇଛି।

ଅନ୍ୟପକ୍ଷରେ ୨୦୨୭ ପଞ୍ଚାୟତ ନିର୍ବାଚନ ପାଇଁ ଦୃଢୋକ୍ତି ପ୍ରକାଶ କରିଛନ୍ତି ବିଜେପି ରାଜ୍ୟ ସଭାପତି। ଯେ କୌଣସି ମତେ ନିର୍ବାଚନ ହେବ ବୋଲି ସେ କହିଛନ୍ତି। ସେଥିପାଇଁ ଏବେଠୁ ରଣ କୌଶଳ ପ୍ରୟୋଗ କରି ଦଳକୁ ତୃଣମୂଳ ସ୍ତରରୁ ସୁଦୃଢ କରିବାକୁ ଲାଗିପଡ଼ିଛି ଦଳ। ଉପକୂଳ ଓଡିଶାରୁ ଏହି ଅଭିଯାନ ହୋଇ ସମଗ୍ର ଓଡିଶା ପାଇଁ ଯୋଜନା ପ୍ରସ୍ତୁତ କରୁଛି ଭାରତୀୟ ଜନତା ପାର୍ଟି।

## ଓଡ଼ିଶା ହେବ ପୂର୍ବ ଭାରତର ଏମଏସଏମଇ ଗେଟ ୱେ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୩୦।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଏମଏସଏମଇ ବା ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ କ୍ଷେତ୍ରରେ ଓଡ଼ିଶା ପୂର୍ବ ଭାରତର ଗେଟ୍ ୱେ ହେବ। ରବିବାର ରେଳ ସଦନଠାରେ ଲଘୁ ଉଦ୍ୟୋଗ ଭାରତୀ ଓଡ଼ିଶା ଦ୍ୱାରା ଆୟୋଜିତ ଓଡିଶା ଶିଳ୍ପ ସମ୍ମିଳନୀ: ୨୦୨୫ କାର୍ଯ୍ୟକ୍ରମର ଉଦଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଏହି ସମାବେଶ ଆମର ଏମଏସଏମଇ କ୍ଷେତ୍ରରେ ଔଦ୍ୟୋଗୀକତା ନବସୃଜନକୁ ପ୍ରୋତ୍ସାହନ ପ୍ରଦାନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ବିପୁଳ ସମ୍ଭାବନାରେ ପରିପୂର୍ଣ୍ଣ ଆମ ରାଜ୍ୟ ଆଜି ଏମଏସଏମଇ କ୍ଷେତ୍ରରେ ଭାରତର ସବୁଠାରୁ ଆକର୍ଷଣୀୟ ରାଜ୍ୟ ଭାବରେ ଉଭା ହୋଇ ପାରିଛି। ଓଡିଶାର ସାଢେ ଚାରି କୋଟି ଲୋକଙ୍କ ସ୍ୱପ୍ନକୁ ବାସ୍ତବତାର ରୂପ ଦେବା ପାଇଁ ଆମ ସରକାରଙ୍କ ପ୍ରତିବଦ୍ଧତା ଯୋଗୁ ଏହି ପରିବର୍ତ୍ତନ ଆସିପାରିଛି। ଗତ କିଛି ବର୍ଷ ମଧ୍ୟରେ, ଆମେ ଓଡିଶାରେ ଶିଳ୍ପକୁ ପ୍ରୋତ୍ସାହନ ଦେବା ପାଇଁ ଅନେକ ପଦକ୍ଷେପ ନେଇଛୁ। ଆମର ଗୋ ସ୍ୱିଫ୍ଟ ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥାରେ ମାସ ମାସ ନୁହେଁ, ବରଂ ଗୋଟିଏ ଦିନରେ ମଧ୍ୟ ପ୍ରକଳ୍ପ ଅନୁମୋଦିତ ହେଉଛି। ଚଳିତ ବର୍ଷ ଭିତ୍ତିଭୂମି ନିର୍ମାଣ ପାଇଁ ଆମ ରାଜ୍ୟ ଜିଡିପିର ୬.୧ ପ୍ରତିଶତ ବିନିଯୋଗ କରାଯାଇଛି, ଯାହାକି ଭାରତରେ ସର୍ବାଧିକ। ଶେଷରେ ଓଡିଶାର ଏମଏସଏମଇ କ୍ଷେତ୍ରରେ ସଫଳତା ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପିପିଲି, ରଘୁରାଜପୁର, ସମ୍ବଲପୁର ଏବଂ ଗୋପାଳପୁରର ଆମର କାରିଗରମାନେ ସାରା ବିଶ୍ୱରେ ଜଣାଶୁଣା। ଆମର ଯୁବପିଢ଼ି ଆଇଟି, ଆନିମେସନ୍, ଫିନଟେକ୍ ଏବଂ ଷ୍ଟାର୍ଟଅପରେ ଉତ୍କର୍ଷ ହାସଲ କରୁଛନ୍ତି।

କାର୍ଯ୍ୟକ୍ରମରେ ଯୋଗ ଦେଇ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ ଯେ, ସମ୍ଭାବନାର ରାଜ୍ୟ ଆଜି ବିକାଶ ପଥରେ ଅଗ୍ରସର ହେଉଛି। ସ୍ୱଦେଶୀ ଉତ୍ପାଦକୁ ପ୍ରୋତ୍ସାହିତ କରିବା, ଏମଏସଏମଇଗୁଡ଼ିକୁ ସଶକ୍ତ କରିବା, କାରିଗରମାନଙ୍କୁ ସହାୟତା ପ୍ରଦାନ କରିବା, କିମ୍ବା ସ୍ଥାନୀୟ ସପ୍ଲାଇ ଚେନ୍‌କୁ ସୁଦୃଢ଼ କରିବା ପାଇଁ, ଆମେ ପଦକ୍ଷେପ ଗ୍ରହଣ କରୁଛୁ ଏବଂ ଏହା ଆଗାମୀ କିଛି ଦିନରେ ଓଡ଼ିଶାର ମାନଚିତ୍ରକୁ ପରିବର୍ତ୍ତନ କରିଦେବ। ଅନ୍ୟମାନଙ୍କ ମଧ୍ୟରେ ଲଘୁ ଉଦ୍ୟୋଗ ଭାରତୀର ଅଖିଳ ଭାରତୀୟ ସଭାପତି ମଧୁସୂଦନ ଦାଦୁ, ଲଘୁ ଉଦ୍ୟୋଗ ଭାରତୀର ଅଖିଳ ଭାରତୀୟ କାର୍ଯ୍ୟକାରୀ ସମ୍ପାଦକ ପ୍ରକାଶ ଚନ୍ଦ୍ର, ଲଘୁ ଉଦ୍ୟୋଗ ଭାରତୀ, ଓଡିଶାର ସଭାପତି ଗୋପାଳ ଦାସ ଅଗ୍ରୱାଲ ପ୍ରମୁଖ ମଂଚାସୀନ ଥିଲେ।

## ଖୋର୍ଦ୍ଧାରେ ଧଳାଜହର ସହିତ ଜଣେ ଗିରଫ

**ଖୋର୍ଦ୍ଧା,୩୦।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଆଦର୍ଶଥାନା ପୁଲିସ ଗୁରୁଜଙ୍ଗ ମହୋତ୍ସବ ପଡିଆରେ ଚଢଉ କରି ୩୦ ଗ୍ରାମ୍ ଧଳାଜହର ଜବତ କରିବା ସହିତ ଗୁରୁଜଙ୍ଗ ଦେୱାନସାହିର ସର୍ବେଶ୍ୱର ବେହେରା ଓରଫ୍ ବାପିକୁ ଗିରଫ କରିଛି। ଧଳାଜହର ବିକ୍ରି ଅଭିଯୋଗରେ ୫୦୮/୨୫ରେ ଏକ ମାମଲା ରୁଜୁ କରାଯାଇ ତାକୁ କୋର୍ଟ ଚାଲାଣ କରାଯାଇଥିବା ଆଦର୍ଶଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ନିହାରରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ପ୍ରକାଶଥାଉକି, ମହୋତ୍ସବ ପଡିଆରେ ଧଳାଜହର ବେପାର ହେଉଥିବା ଖବର ପାଇଥିଲା ପୁଲିସ। ସେମାନଙ୍କୁ ଧରିବାକୁ ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ ଏବଂ ଆଦର୍ଶ ଥାନା ଅଧିକାରୀ ସଞ୍ଜୟ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠିତ ହୋଇଥିଲା। ଏସ୍‌ଆଇ ସସ୍ମିତା ବେହେରାଙ୍କ ନେତୃତ୍ୱରେ ସେଠାରେ ଚଢଉ କରିଥିଲେ। ଘଟଣାସ୍ଥଳରେ ବାପି ଉପରେ ସନ୍ଦେହ ହେବାରୁ ତାକୁ ଅଟକାଇ ଯାଂଚ କରିଥିଲେ। ଯାଂଚବେଳେ ତା ଠାରୁ ୩୦ଗ୍ରାମ୍ ଧଳାଜହର, ଗୋଟିଏ ବୁଲେଟ୍ ମୋଟରସାଇକଲ୍, ଗୋଟିଏ ନୋକିଆ କିପ୍ୟାଡ୍ ମୋବାଇଲ୍ ଫୋନ୍ ଏବଂ ନଗଦ ୧,୫୦୦ ଟଙ୍କା ପୁଲିସ ଜବତ କରିଥିଲା। ଧଳାଜହର ବିକ୍ରି ଅଭିଯୋଗରେ ପୁଲିସ ବାପିକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ମାମଲାର ତଦନ୍ତଭାର ଏସ୍‌ଆଇ ଦିନେଶ କୁମାର ପିଙ୍ଗୁଆଙ୍କୁ ଦିଆଯାଇଛି।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460
Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ